

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୮ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 18 APRIL 2021

Vol.No. 32 ■ No. 98 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ବିଷୁବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କର୍ଫ୍ୟୁ ଓ ସଟ୍‌ଡାଉନ୍ ସମୟରେ ଚାଲିବ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୧୭/୦୪ (ନି.ପ୍ର): ରାତ୍ରିକାଳୀନ କର୍ଫ୍ୟୁ ଓ ସପ୍ତାହାନ୍ତ ସଟ୍‌ଡାଉନ୍ ସମୟରେ ଶିକ୍ଷାନୁଷ୍ଠାନ ଏବଂ ତତ୍ ସଂପର୍କିତ କାର୍ଯ୍ୟକଳାପ ବିନା କଟକଣାରେ ଜାରି ରହିବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସ୍ପଷ୍ଟ କରିଛନ୍ତି। କିନ୍ତୁ କୋଭିଡ୍ ମାର୍ଗଦର୍ଶିକା ପାଳନ କରିବାକୁ ହେବ। ସବୁ ଶିକ୍ଷ ପ୍ରତିଷ୍ଠାନକୁ ନିଜ ନିଜ କର୍ମସ୍ଥଳୀ ଓ ପରିସରରେ କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ଆଜିଠୁ ରାଜ୍ୟର ସବୁ ସହରରେ ନାଇଟ୍ କର୍ଫ୍ୟୁ

## ରାତି ୯ରୁ ସକାଳ ୫ ପର୍ଯ୍ୟନ୍ତ କେବଳ ଜାରି ରହିବ ଅତ୍ୟାବଶ୍ୟକ ସେବା



ଭୁବନେଶ୍ୱର,୧୭/୦୪ (ନି.ପ୍ର): ପୁଣି ଫେରିଛି ନାଇଟ କର୍ଫ୍ୟୁ । ସାରା ରାଜ୍ୟରେ ଆଜିଠାରୁ ଲାଗୁ ହେଉଛି ରାତ୍ରିକାଳୀନ କଟକଣା । ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତି ନେଇଛନ୍ତି ସରକାର । ଗୁରୁବାର ଦିନ ମୁଖ୍ୟଶାସନ ସଚିବ ଏନେଇ ଘୋଷଣା କରିଥିଲେ । ଛତିଶଗଡକୁ ଲାଗିଥିବା ୧୦ ଜିଲ୍ଲା ସହ ସାରାରାଜ୍ୟରେ ନାଇଟ କର୍ଫ୍ୟୁ କଟକଣା ଲାଗୁ କରାଯାଇଛି । ଆଜିଠାରୁ ଏହି କଟକଣା ଲାଗୁ ହେଉଛି । ଏହି ସବୁ ଜିଲ୍ଲାଗୁଡିକରେ ରାତି ୯ଟାରୁ ସକାଳ ୫ଟା ଯାଏଁ ପରବର୍ତୀ ନିର୍ଦ୍ଦେଶ ଯାଏଁ ନାଇଟ କର୍ଫ୍ୟୁ ବଳବତର ରହିବ । ତେବେ ଏହି ସମୟରେ ସମସ୍ତ ଜରୁରୀକାଳୀନ ସେବା ଜାରି ରହିବ । ବିଜୁଳି, ପାନୀୟ ଜଳ , ରନ୍ଧନ ଗ୍ୟାସ ଓ ଅନ୍ୟ ଅତ୍ୟାବଶ୍ୟକ ସେବା ଏହି ସମୟରେ ଯୋଗାଇଦେବା ଉପରେ କୌଣସି ପ୍ରତିବନ୍ଧକ ନାହିଁ । ନିଜ ଅନୁଷ୍ଠାନର ପରିଚୟପତ୍ର ଦେଖାଇ ଜରୁରୀକାଳୀନ ସେବାର କର୍ମଚାରୀମାନେ ଯିବାଆସିବା କରିପାରିବେ । ଛତିଶଗଡ ସୀମାକୁ କୁ ଲାଗିଥିବା ୧୦ଟି ଜିଲ୍ଲାରେ କଟକଣାକୁ କଡାକଡି କରାଯାଇଛି । ୧୦ ଜିଲ୍ଲାର ସହରାଂଚଳରେ ନାଇଟ କର୍ଫ୍ୟୁ ସମୟକୁ ବଦଳାଯାଇଛି । ସନ୍ଧ୍ୟା ୬ଟାରୁ ସକାଳ ୫ଟା ଯାଏଁ ଏହି ନାଇଟ କର୍ଫ୍ୟୁ ବଳବତର ରହିବ । ତେବେ ଗ୍ରାମାଂଚଳ ପାଇଁ ଏହି ୧୦ ଜିଲ୍ଲାର ନାଇଟ କର୍ଫ୍ୟୁ ପୂର୍ବଭଳି ରାତି ୧୦ଟାରୁ ସକାଳ ୬ଟା ଯାଏଁ ରହିବ । ସେହିଭଳି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ୧୦ ଜିଲ୍ଲାରେ ସହରାଂଚଳରେ ସପ୍ତାହାନ୍ତ ସଟଡାଉନ ଘୋଷଣା କରିଛନ୍ତି ରାଜ୍ୟ ସରକାର । ପ୍ରତ୍ୟେକ ଶନିବାର ଓ ରବିବାର ସଟଡାଉନ ରହିବ । ଏହି ୧୦ ଜିଲ୍ଲା ହେଲେ ସୁନ୍ଦରଗଡ, ସମ୍ବଲପୁର, ବରଗଡ, ଝାରସୁଗୁଡା, ବଲାଙ୍ଗୀର, କଳାହାଣ୍ଡି, ନୂଆପଡା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି । ଛତିଶଗଡରେ କରୋନା ସଂକ୍ରମଣ ବଢିଚାଲିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଛତିଶଗଡ ସୀମାକୁ ଲାଗିଥିବା ୧୦ ଜିଲ୍ଲାରେ କଟକଣାକୁ କଡାକଡି କରିଛନ୍ତି ।

# ମେ ୧୩ରେ ପିପିଲି ଉପନିର୍ବାଚନ

## ନୂଆ ତାରିଖ ଘୋଷଣା କଲେ ନିର୍ବାଚନ କମିଶନ



ଭୁବନେଶ୍ୱର,୧୭/୦୪ (ନି.ପ୍ର): ପିପିଲି ଉପନିର୍ବାଚନ ପାଇଁ ସାନି ତାରିଖ ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିଶନ। ଆସନ୍ତା ମେ ୧୩ ତାରିଖରେ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ସୁଶୀଲ ଲୋହାନୀ ଏହି ସୂଚନା ଦେଇଛନ୍ତି। କଂଗ୍ରେସ ପ୍ରାର୍ଥୀ ଅଜିତ୍ ମଙ୍ଗରାଜଙ୍କ ମୃତ୍ୟୁ ଯୋଗୁଁ ଏପ୍ରିଲ ୧୭ ତାରିଖରେ ହେବାକୁ ଥିବା ଉପନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ପିପିଲି ଉପନିର୍ବାଚନ ପାଇଁ ଏପ୍ରିଲ୍ ୧୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏପ୍ରିଲ ୨୬ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ରହିଛି। ଏପ୍ରିଲ ୨୭ ତାରିଖରେ ପ୍ରାର୍ଥୀପତ୍ର ଯାଂଚ ହେବ ଏବଂ ୨୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି । ଏହାପରେ ମେ ୧୩ ତାରିଖରେ ଭୋଟ୍ ଗ୍ରହଣ । ମେ ୧୮ ତାରିଖ ସୁଦ୍ଧା ନିର୍ବାଚନର ସମସ୍ତ ପ୍ରକ୍ରିୟା ଶେଷ ହେବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କଂଗ୍ରେସ ପ୍ରାର୍ଥୀଙ୍କ ମୃତ୍ୟୁ ହୋଇଥିବାରୁ କେବଳ ସମ୍ପୃକ୍ତ ଦଳ ନୂତନ ପ୍ରାର୍ଥୀ ଦେବ। ବିଜେଡି ଓ ବିଜେପି ସମେତ ଅନ୍ୟ ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିବ। ଉଲ୍ଲେଖ୍ୟଯୋଗ୍ୟ ଯେ ପିପିଲିର ବିଜେଡି ବିଧାୟକ ପ୍ରଦୀପ ମହାରଥୀଙ୍କର ଗତବର୍ଷ ଅକ୍ଟୋବରରେ ମୃତ୍ୟୁ ପରେ ଏପ୍ରିଲ୍ ୧୭ ତାରିଖରେ ଉପନିର୍ବାଚନ ହେବାର ଥିଲା। ତେବେ ଏହାର ୨ ଦିନ ପୂର୍ବରୁ ଗତ ଏପ୍ରିଲ୍ ୧୪ ତାରିଖରେ କଂଗ୍ରେସ ପ୍ରାର୍ଥୀ ଅଜିତ୍ ମଙ୍ଗରାଜଙ୍କର ମୃତ୍ୟୁ ହୋଇଥିଲା। ନିୟମ ଅନୁଯାୟୀ ପ୍ରାର୍ଥୀଙ୍କ ମୃତ୍ୟୁ ପରେ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା।

# ଗ୍ୟାଙ୍ଗଷ୍ଟର ହାଇଦର କରୋନା ପଜିଟିଭ୍, ରିମାଣ୍ଡ ସ୍ଥଗିତ



ଭୁବନେଶ୍ୱର,୧୭/୦୪ (ନି.ପ୍ର): କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ଫେରାର ହୋଇ ଗିରଫ ହୋଇଥିବା ଗ୍ୟାଙ୍ଗଷ୍ଟର ହାଇଦର କରୋନା ଚିହ୍ନଟ ହେବା ପରେ ତାର ରିମାଣ୍ଡକୁ ସ୍ଥଗିତ ରଖା ଯାଇଛି। ଆରଟିପିସିଆର ଟେଷ୍ଟରେ ହାଇଦର କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ନେଇ କଟକ ଡିସିପି ପ୍ରତୀକ ସିଂହ ସୂଚନା ଦେଇଛନ୍ତି।କଟକ ମଙ୍ଗଳାବାଗ ପୁଲିସ୍ ତାକୁ ଆଜିଠୁ ୭ ଦିନ ପର୍ଯ୍ୟନ୍ତ ରିମାଣ୍ଡରେ ନେଇଥା'ନ୍ତା। ଉଲ୍ଲେଖନୀୟ ଯେ ଗତକାଲି ହାଇଦରକୁ କଟକ ସିଟି ଜେଏମ୍ଏଫ୍‌ସି କୋର୍ଟରେ ହାଜର କରାଯିବା ପରେ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଥିଲା। ଆଜି ସକାଳ ୭ଟାରୁ ତା'ର ରିମାଣ୍ଡ ଅବଧି ଆରମ୍ଭ ହୋଇଥା'ନ୍ତା ଓ ଏହା ୨୩ ତାରିଖ ସକାଳ ୭ଟାରେ ଶେଷ ହୋଇଥା'ନ୍ତା। କିନ୍ତୁ କରୋନା ପଜିଟିଭ ଚିହ୍ନଟ ହେବା ପରେ ତାକୁ ଚୌଦ୍ୱାର ଜେଲ୍‌ର ଆଇସୋଲେସନ୍ ୱାର୍ଡରେ ରଖାଯାଇଥିବା ନେଇ ଜଣା ପଡିଛି । ହାଇଦର କରୋନା ସଂକ୍ରମିତ ଚିହ୍ନଟ ହେବା ଖବର ସାମ୍ନାକୁ ଆସିବା ପରେ ଗ୍ୟାଙ୍ଗଷ୍ଟରକୁ ଧରିଥିବା ଟିମର କିଛି ପୋଲିସ୍ କର୍ମଚାରୀଙ୍କୁ ଆଇସୋଲେସନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଟ୍ରେନ୍ ଏବଂ ଷ୍ଟେସନ୍ ପରିସରରେ ମାସ୍କ ନପିନ୍ଧିଲେ ୫୦୦ ଟଙ୍କା ଜୋରିମାନା



ଭୁବନେଶ୍ୱର,୧୭/୦୪ (ନି.ପ୍ର): ରେଳଷ୍ଟେସନ ପରିସର ଏବଂ ଟ୍ରେନରେ ଯାତ୍ରୀଙ୍କ ସମେତ ସମସ୍ତ ବ୍ୟକ୍ତି ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ମାସ୍କ ନ ପିନ୍ଧିଥିବା ବ୍ୟକ୍ତିଙ୍କ ଠାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟ କରିବାକୁ ନିଷ୍ପତି ନେଇଛି ରେଳବାଇ। କୋଭିଡ୍ -୧୯ ମହାମାରୀ ସମୟରେ କରୋନା ଭୁତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ରେଳ ପ୍ରଶାସନ ସାଧାରଣ ଜନତା ବିଶେଷକରି ଟ୍ରେନ୍ ଯାତ୍ରୀ ଏବଂ ରେଳ ବ୍ୟବହାରକାରୀମାନେ ଷ୍ଟେସନ୍ ପରିସରରେ ଏବଂ ଟ୍ରେନ୍ ଯାତ୍ରା ସମୟରେ ବାଧ୍ୟତାମୂଳକ ଭାବରେ ଫେସ୍ ମାସ୍କ ପିନ୍ଧି କୋଭିଡ ନିୟମାବଳୀ ଅନୁସରଣ କରିବାକୁ ରେଳବାଇ ପକ୍ଷରୁ ନିବେଦନ କରାଯାଇଛି । ରେଳ ପରିସର ପ୍ରବେଶ କରିବା ଏବଂ ଟ୍ରେନରେ ଯାତ୍ରା କରିବା ସମୟରେ ଯଦି କୌଣସି ବ୍ୟକ୍ତି କିମ୍ବା ରେଳ ବ୍ୟବହାରକାରୀ କିମ୍ବା ରେଳ ଯାତ୍ରୀ ମାସ୍କ ନପିନ୍ଧନ୍ତି କିମ୍ବା ସଠିକ ଭାବେ ମାସ୍କ ବ୍ୟବହାର ନକଲେ କିମ୍ବା ଛେପ ପକାଇଲେ ଦଣ୍ଡିତ ହେବେ। କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଗୃହ ବିଭାଗ ▶▶ପୃଷ୍ଠା ୭

# ଲାଲକିଲ୍ଲା ହିଂସା : ପୁଣି କ୍ରାଇମବ୍ରାଂଚ ଦ୍ୱାରା ସିଦ୍ଧୁ ଗିରଫ, ମିଳିଲା ଜାମିନ



ନୂଆଦିଲ୍ଲୀ,୧୭/୦୪ (ନି.ପ୍ର): ଲାଲ କିଲ୍ଲା ହିଂସା ମାମଲାରେ ତିସ ହଜାରୀ କୋଟରୁ ଦୀପ ସିଦ୍ଧୁ ଜାମିନ ପାଇବା ମାତ୍ରେ ଦିଲ୍ଲୀ ପୋଲିସ ତିହାର ଜେଲକୁ ଯିବା ପରେ ତାଙ୍କୁ ଗିରଫ କରିଥିଲା । ଏଥର ଗିରଫଦାରୀ ପୁରାତତ୍ୱ ବିଭାଗ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ ଦ୍ୱାରା ଗିରଫ କରାଯାଇଛି । ଏହି ଗିରଫଦାରୀ କ୍ରାଇମବ୍ରାଂଚ ଦ୍ୱାରା ଶନିବାର ଅପରାହ୍ନରେ କରାଯାଇଛି। ସୂଚନା ଅନୁସାରେ, ଗତ ୨୬ ଜାନୁଆରୀରେ ଲାଲ କିଲ୍ଲାରେ ଟ୍ରାକ୍ଟର ରାଲି ସମୟରେ ହିଂସାକାଣ୍ଡ ଘଟିଥିଲା । ଲାଲକିଲ୍ଲାରେ ପୋଲିସ କର୍ମୀଉପରେ ଆକ୍ରମଣ କରିବା ସହିତ ସେଠାରେ ବହୁତ କ୍ଷତି ପହଂଚାଇଥିଲେ । ଏଠାରେ ହୋଇଥିବା ହିଂସାକାଣ୍ଡ ଘଟଣାକୁ ନେଇ ମାମଲାର ତଦନ୍ତ କ୍ରାଇମ ବ୍ରାଂଚକୁ ହସ୍ତାନ୍ତର କରାଯାଇଥିଲା । ଏହି ମାମଲାରେ ଗତ ଫେବୃୟାରୀ ମାସରେ ଦୀପ ସିଦ୍ଧୁକୁ କ୍ରାଇମବ୍ରାଂଚ ଗିରଫ କରିଥିଲା । ଗିରଫ ପରେ ସମସ୍ ପ୍ରକ୍ରିୟା ସହ ତାକୁ ପଚରା ଉଚୁରା କରାଯାଇଲା । ହିଂସା ମାମଲାକୁ ବୁଝାଇବା ପାଇଁ ତାଙ୍କୁ ଲାଲକିଲ୍ଲାକୁ ମଧ୍ୟ ନିଆଯାଇଥିଲା । ଶନିବାର ଦିନ ତିସ ହଜାରୀ କୋଟ ଏହି ମାମଲାରେ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି ।

# ସୁନ୍ଦରଗଡ଼ରେ ଶନି-ରବି ସଟଡାଉନ

ସୁନ୍ଦରରଗଡ଼,୧୭/୦୪ (ନି.ପ୍ର): କରୋନା ସଂକ୍ରମିତ ଶିକୁଳିକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଆଜି ଠାରୁ ଛତିଶଗଡ଼ ସୀମାରେ ଥିବା ୧୦ଟି ଜିଲ୍ଲା ସମେତ ସୁନ୍ଦରଗଡ଼ରେ ସପ୍ତାହାନ୍ତ ସଟଡାଉନ ଲାଗୁ ହୋଇଛି। ଶନିବାର ଓ ରବିବାର ୨ ଦିନ ସଟଡାଉନ କରାଯାଇଥିବା ବ୍ଲେ ଆସନ୍ତା ସୋମବାର ଠାରୁ ନାଇଟ କର୍ଫ୍ୟୁ ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ପାଳନ କରାଯିବ । ସପ୍ତାହାନ୍ତ ସଟଡାଉନରେ ସମସ୍ତ ଦୋକାନ ବଜାର, ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହି ଥିବା ବେଳେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନ ଖୋଲା ରହିଛି। ବିଭିନ୍ନ ଛକରେ ପୁଲିସ ପାଟ୍ରୋଲିଂ ସହ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି। ଆଜି ସୁନ୍ଦରଗଡ଼ରେ ପୁଣି ୫୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଛତିଶଗଡ଼ ଓ ଝାରଖଣ୍ଡ ସୀମାରେ ମଧ ଯାଞ୍ଚ ଚାଲିଛି। ଜିଲ୍ଲା ସୀମାରେ ରହିଥିବା ୮ ଟି ସ୍ଥାନ ଟପରିଆ, ତେଲିଯୋର, ୍ବୀରମିତ୍ରପୁର, ରାଜ୍ଗାହାଲ, କୁତ୍ରାର ରଙ୍ଗାମାଟି, ରାଉରକେଲା ନୂଆଗାଁ ଓ ବିଶ୍ରା ସୀମା, କିଞ୍ଜିରକେଲା ସୀମା ସିକାଯୋରରେ ଯାଞ୍ଚ ଚାଲିଛି। ଯାଞ୍ଚ ସମୟରେ ଅମାନିଆଙ୍କ ଠାରୁ ଫାଇନ ଆଦାୟ କରାଯାଉଛି। ଏହା ସହ ସଂକ୍ରମଣ ରୋକିବା ଓ ସଂକ୍ରମିତଙ୍କ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପ୍ରଶାସନ ସୂତ୍ରରୁ ପ୍ରକାଶ। ଡିଆରଡିଏ ଛକରେ ଉପଜିଲ୍ଲାପାଳ ଅଭିମନ୍ୟୁ ବ୍ହେରା ଓ ତହସିଲଦାର ଯୁଗେଶ୍ୱର ଭୋଇ ପ୍ରମୁଖ ଉପସ୍ଥିତ ଥିବା ଜଣାଯାଇଛି।

# ବିଜୁବାବୁଙ୍କ ଶ୍ରାଦ୍ଧଦିବସରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୭/୦୪ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପରିସରରେ ଥିବା ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଆଧୁନିକ ଓଡ଼ିଶା ନିର୍ମାଣ ସହ ନାରୀ ସଶକ୍ତିକରଣ ଓ ଲୋକଙ୍କ କଲ୍ୟାଣ କ୍ଷେତ୍ରରେ ବିଜୁ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଧାୟକ ପ୍ରଫୁଲ୍ଲ କୁମାର ସାମଲ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଓଡ଼ିଶା ବିଧାନସଭା ସଚିବ ଦାଶରଥୀ ଶତପଥୀ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ । 'ଶାଶ୍ୱତୀ' ସାଂସ୍କୃତିକ ଅନୁଷ୍ଠାନର ସଂଗୀତଶିକ୍ଷୀମାନେ ବିଜୁବାବୁଙ୍କ ଉପରେ ଆଧାରିତ ସଂଗୀତ ଗାନ କରିଥିଲେ ।

## ରାଜ୍ୟରେ କରୋନାରେ ଆଉ ଚାରି ଜଣଙ୍କର ମୃତ୍ୟୁ, ମୋଟ ମୃତ୍ୟୁ ସଂଖ୍ୟା ୧୯୪୨ ହେଲା

ଭୁବନେଶ୍ୱର, , ୧୭ ଏପ୍ରିଲ - ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ଆଉ ଚାରି ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଏହା ସହ କରୋନାରେ ରାଜ୍ୟରେ ମୃତ୍ୟୁ ବରଣ କରିଥିବା ସଂକ୍ରମିତଙ୍କ ସଂଖ୍ୟା ବଢି ୧୯୪୨ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବଲାଙ୍ଗୀର ଜିଲ୍ଲାର ଜଣେ ୬୨ ବର୍ଷୀୟ ▶▶ପୃଷ୍ଠା ୭

# ଗୋଟିଏ ଦିନରେ ୩୧୪୪ କରୋନା ଆକ୍ରାନ୍ତ ଚିହ୍ନଟ



ଭୁବନେଶ୍ୱର,୧୭/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୧୪୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୬୪୫୯୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୪୩୫୨୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୯୦୭୭ ରହିଛି । ଆଜି ଚିହ୍ନଟ ହୋଇଥିବା ୩୧୪୪ ଜଣଙ୍କ ମଧ୍ୟରୁ ୧୮୨୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୩୨୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୫୨୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୮ ଜଣ, ବରଗଡ଼ରୁ ୧୫୬ ଜଣ, ଭଦ୍ରକରୁ ୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୯୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୭, କଟକରୁ ୧୪୦ ଜଣ, ଦେବଗଡ ଜିଲ୍ଲାରୁ ୨୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧ ଜଣ, ଗଜପତି ଜିଲ୍ଲାରୁ ୬୭, ଗଞ୍ଜାମରୁ ୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୮ ଜଣ, ଯାଜପୁରରୁ ୭୬ ଜଣ, ଝାରସୁଗୁଡ଼ାରୁ ୧୧୯ ଜଣ, କଳାହାଣ୍ଡିରୁ ୫୩ ଜଣ, କନ୍ଧମାଳ ଜିଲ୍ଲାରୁ ୧୩ ଜଣ. କେନ୍ଦ୍ରାପଡ଼ାରୁ ୧୫ ଜଣ, କେନ୍ଦୁଝରରୁ ୧୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୯୭ ଜଣ, କୋରାପୁଟରୁ ୧୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୬୮ ଜଣ, ନବରଙ୍ଗପୁରରୁ ୯୬ ଜଣ, ନୟାଗଡ଼ରୁ ୨୯ ଜଣ, ନୂଆପଡ଼ାରୁ ୩୯୫ ଜଣ, ପୁରୀରୁ ୧୨୯ ଜଣ, ରାୟଗଡ଼ାରୁ ୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୪୯ ଜଣ, ସୋନପୁରରୁ ୪ ଜଣ, ସୁନ୍ଦରଗଡ଼ରୁ ୫୨୩ ଜଣ ଓ ଷ୍ଟେଟ୍ ପୁଲରୁ ୧୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଭୁବନେଶ୍ୱରରେ ୪୫୧ କରୋନା ପଜିଟିଭ୍

ଭୁବନେଶ୍ୱର,୧୭/୦୪ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କାୟା ବିସ୍ତାର କରୁଛି କରୋନା। କିଛି ଦିନ ଧରି ରାଜଧାନୀରେ ଦୈନିକ ସଂକମଣ ୩୦୦ରୁ ଉର୍ଦ୍ଧ୍ୱ ରହୁଥିବା ବେଳେ ଆଜି ଏହି ସଂଖ୍ୟା ୪୦୦ ପାର୍ କରିଛି। ଗତ ୨୪ ଘଂଟାରେ ଆଉ ୪୫୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ ୯୧ ଜଣ କ୍ୱାରେଂଟାଇନ୍ ରେ ଥିବା ବେଳେ ୩୬୦ ଜଣ ଲୋକାଲ୍ କେସ୍। ସେହିପରି ୨୪ ଘଂଟାରେ ଆଉ ୧୧୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଟ୍ୱିଟ୍ କରି ସୂଚନା ଦେଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ବିଏମ୍‌ସି ଅଂଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୩୫୩୪୧ କୁ ବୃଦ୍ଧି ପାଇଛି। ସେଥିରୁ ୩୨୭୫୫ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଥିବା ବେଳେ ୨୫୦ ଜଣଙ୍କ ମୃତ୍ୟୁ ଘଟିଛି। ଏବେ ୨୩୧୫ ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଆଜି ଚିହ୍ନଟ ହୋଇଥିବା ୩୬୦ ଲୋକାଲ୍ କେସ ଭିତରୁ ନୟାପଲ୍ଲୀରୁ ସର୍ବାଧିକ ୨୯ ଜଣ ଚିହ୍ନଟ ହୋଇଥିବା ବେଳେ ବରମୁଣ୍ଡାରୁ ୨୧ ଜଣ ରହିଛନ୍ତି। ସେହିପରି ପଟିଆ ଓ ଲକ୍ଷ୍ମୀସାଗରରୁ ୧୭ ଜଣ ଲେଖାଏଁ , ଖଣ୍ଡଗିରି ଓ ବଡଗଡରୁ ୧୩ ଜଣ ଲେଖାଏଁ, ବମିଖାଲ ଓ ଓଲ୍ଡଟାଉନ୍ ରୁ ୧୨ ଜଣ ଲେଖାଏଁ , ଟଙ୍କପାଣିରୋଡ୍ ଓ ପୋଖରୀପୁଟରୁ ୧୧ ଜଣ ଲେଖାଏଁ , ରସୁଲଗଡ ଓ ୟୁନିଟ୍ ୮ରୁ ୧୦ ▶▶ପୃଷ୍ଠା ୭

# ଘଟଗାଁ ତାରିଣୀଙ୍କ ଉଦ୍ଦେଶ୍ୟରେ ଭକ୍ତ ପଠାଉଥିବା ନଡ଼ିଆ ମା’ ଦ୍ୱାରଶୁଣୀଙ୍କ ଠାରେ ପିଟାଯାଉଛି : ଭକ୍ତଙ୍କ ଭାବାବେଗ ସହିତ ଖେଳ !

ଘଟଗାଁ/ହରିଚନ୍ଦନପୁର, ୧୭।୪(ନି.ପ୍ର): କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ଘଟଗାଁସ୍ଥିତ ମା ତାରଣୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ରାଜ୍ୟ ବାହାରରୁ ମଧ୍ୟ ଶ୍ରଦ୍ଧାଳୁ ମାନେ ନଡ଼ିଆ ଓ ସାଲୁକନାରେ ବନ୍ଧା ଯାଇଥିବା ଦକ୍ଷିଣା ପଠାଇଥାନ୍ତି । ମାନସିକ ଧାରୀ ମାନେ ଏହାକୁ ସେମାନଙ୍କ ଅଂଚଳରୁ ଘଟଗାଁ ଅଭିମୁଖେ ଆସୁଥିବା ବିଭିନ୍ନ ବସ୍, ଟ୍ରକ୍ ଓ ଅନ୍ୟାନ୍ୟ ଯାନବାହନର ଡ୍ରାଇଭରଙ୍କ ମାଧ୍ୟମରେ ପଠାଇଥାନ୍ତି । ତେବେ ଏହି ଭୋଗ ନଡ଼ିଆ ମା ତାରିଣୀଙ୍କ ନିକଟରେ ପହଂଚି ପାରୁନଥିବା ଭଳି ଅଭିଯୋଗ ସାମ୍ନାକୁ ଆସିଛି । ଯଦି ଏହା ସତ୍ୟ ହୋଇଥାଏ, ତେବେ ସାଙ୍ଘାତିକ । ତେବେ ତଥ୍ୟ ନେବାରେ ଜଣାପଡିଛି, ଏହି ନଡ଼ିଆ ମନ୍ଦିର ପରିସରରେ ମାଙ୍କ ଦ୍ୱାରପାଳ ଭାବେ ପୂଜା ପାଉଥିବା ମା ଦ୍ୱାରଶୁଣୀଙ୍କ ନିକଟରେ ପିଟାଯାଇଥାଏ । ମା ଦ୍ୱାରଶୁଣୀଙ୍କ ଏହି ମନ୍ଦିର ମା ତାରିଣୀଙ୍କ ଗର୍ଭଗୃହ ଠାରୁ ପ୍ରାୟ ୩୦୦ ମିଟର ଦୂରରେ ଅବସ୍ଥିତ । ଯାହାକି ମନ୍ଦିର ମୁଖ୍ୟ କ୍ୟାମ୍ପସ୍ ପରିସରରେ ରହିଛି । ୧୯୯୫ ମସିହାରେ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହେବା ପର ଠାରୁ ମା ଦ୍ୱାରଶୁଣୀଙ୍କ ନିକଟରେ ପିଟା ଯାଉଛି ମାନସିକଧାରୀଙ୍କ ନଡ଼ିଆ । ଯାହାକି ଭକ୍ତଙ୍କ ଭାବାବେଗ ସହିତ ଖେଳ ନୁହେଁକି ବୋଲି କେତେକ ଶ୍ରଦ୍ଧାଳୁ ଅଭିଯୋଗ କରିଛନ୍ତି । ତେଣୁ ମାନସିକ ଧାରୀ ମାନେ ମା ତାରିଣୀଙ୍କ ନିମନ୍ତେ ପଠାଉଥିବା ଏହି ନଡ଼ିଆ ମାଙ୍କ ନିକଟରେ ପିଟାଯିବା ନିମନ୍ତେ ମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ବ୍ୟବସ୍ଥା କରୁ ଅନ୍ତତଃ ଭକ୍ତଙ୍କ ଭାବାବେଗ ସହିତ ଏଭଳି ଖେଳ ନଖେଳାଯାଉ ବୋଲି ଶ୍ରଦ୍ଧାଳୁ ଓ ଅଂଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି । ସେହିପରି ଭୋଗ ସହିତ ଦକ୍ଷିଣା ବାବଦ ଆସୁଥିବା ଟଙ୍କା ଠିକ୍ ଭାବେ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ନିକଟରେ ଜମା ହେଉଛି କି ନାହିଁ ତାର ମଧ୍ୟ ତଦନ୍ତର ଆବଶ୍ୟକତା ରହିଛି । ଏବଂ ଯଦି ଏଥିରେ କୌଣସି ଅନିୟମିତା ସାମ୍ନାକୁ ଆସେ ତେବେ ସମ୍ପୃକ୍ତ ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ବଡ଼ଦାଣ୍ଡରେ ଗଡ଼ିବ ଅଶୋକଝରି ରଥ

ବାରିପଦା, ୧୭।୪(ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତି ଲାଭ କରିଥିବା ବାରିପଦାରେ ଶ୍ରୀ ଶ୍ରୀ ଜରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ବଡ଼ଦାଣ୍ଡ ୨୦୧୯ ଜୁଲାଇ ୧୪ ପବିତ୍ର ବାହୁଡ଼ା ଯାତ୍ରା ପରେ ନୀରବ ହୋଇଯାଇଥିଲା । ଏହି ନୀରବତାକୁ ଭଙ୍ଗ କରି ଚଳିତ ବର୍ଷ ଏପ୍ରିଲ ୨୦ ଚୈତ୍ର ଶୁକ୍ଳପକ୍ଷ ଅଶୋକାଷ୍ଟମୀ ତିଥିରେ ପୁଣି ଥରେ ଶଙ୍ଖ-ଘଂଟ-ଘଂଟା-ମୃଦଙ୍ଗ ଓ ନାମ ସଙ୍କୀର୍ତନ ସହିତ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଉଠିବାର ସମ୍ଭାବନା ସୃଷ୍ଟି ହୋଇଛି । ଏହି ଭଳି ପରିବେଶ ମଧ୍ୟରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରୁକୁଣା ରଥ(ଅଶୋକଝରି) ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ପୁଣି ଥରେ ବଡ଼ଦାଣ୍ଡରେ ଅଶୋକଝରି ରଥ ମାଉସୀ ମା ମନ୍ଦିର ଅଭିମୁଖେ ଗଡ଼ିବାକୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଦେବୋତର ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଛି ଏବଂ ରଥ ନିର୍ମାଣ ନିମନ୍ତେ ଦେବୋତର ବିଭାଗ ପକ୍ଷରୁ ରଥ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂତ୍ରରୁ ଜଣାପଡ଼ିଛି । ସୂଚନା ଯୋଗ୍ୟ ଯେ, ଗତ ୨୦୨୦ରେ କରୋନା କଟକଣା କାରଣରୁ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ବଡ଼ଦାଣ୍ଡରେ ମହାପ୍ରଭୂଙ୍କ ପବିତ୍ର ଶ୍ରୀଗୁଣ୍ଡିଚାଯାତ୍ରା ବନ୍ଦ ରହିଥିବା ବେଳେ ମନ୍ଦିର ବେଢ଼ା ମଧ୍ୟରେ ବିନା ଭକ୍ତରେ ସେବାୟତମାନଙ୍କ ଦ୍ୱାରା ମହାପ୍ରଭୂଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ପାଳିତ ହୋଇଥିଲା । ଏହି ସମୟଠାରୁ ବଡ଼ଦାଣ୍ଡ ନୀରବ ପଡ଼ିଯାଇଥିବା ବେଳେ ଚଳିତ ବର୍ଷ କରୋନା କଟକଣା ଭିତରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ମହାରାଜାମାନଙ୍କ ଶାସନ ସମୟରୁ ପାଳିତ ହୋଇଆସୁଥିବା ଅଶୋକଝରି ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଚଳିତ ବର୍ଷ ଏପ୍ରିଲ ୨୦ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଶ୍ରୀଶ୍ରୀହରିବଳଦେବ ଜୀଉ ବିଜେ ବାରିପଦାଙ୍କ ମନ୍ଦିରରୁ ମହାପ୍ରଭୂ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ଦେବୀ ସୀତା ଚୈତ୍ର ଶୁକ୍ଳପକ୍ଷ ଅଶୋକାଷ୍ଟମୀ ତିଥିରେ ରଥାରୂଢ଼ ହୋଇ ଅଶୋକବନକୁ ଯାତ୍ରା କରିବାର ପରମ୍ପରା ବା ବିଧି ପାଳିତ ହେବାକୁ ଯାଉଅଛି । ବାରିପଦା ବଡ଼ ଜଗନ୍ନାଥ ମନ୍ଦିରର ରୀତିନୀତି ଓ ପ୍ରଚଳିତ ପରମ୍ପରା ଅନୁସାରେ ମହାପ୍ରଭୂମାନଙ୍କ ନିକଟରେ ପହଡ଼, ପଣା ଓ ଠା କାର୍ଯ୍ୟ ସମାପନ ହେବାପରେ ପରିଛା ଜିତ୍ ବାବୁ ମହାପ୍ରଭୂଙ୍କ ନିକଟରୁ ଆଜ୍ଞାମାଳ ପାଇବା ପରେ ମନ୍ଦିରର ତିନି ପୂଜାପଣ୍ଡା ପହଣ୍ଡିରେ ମହାପ୍ରଭୂ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଦେବୀଙ୍କୁ ମନ୍ଦିରର ବେଢ଼ା ପହଣ୍ଡିରେ ଠାକୁରମାନଙ୍କୁ ତିନିଥର ପରିକ୍ରମା କରାଇବା ପରେ ସିଂହଦ୍ୱାର ନିକଟରେ ଅପେକ୍ଷା କରିଥିବା ଅଶୋକଝରି ରଥରେ ରଥାରୂଢ଼ ହେବେ । ଏହାପରେ ସୁସଜ୍ଜିତ ରଥକୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ମନ୍ଦିରର ସେବାୟତମାନେ ଶଙ୍ଖ-ଘଂଟ-ଘଂଟା-ମୃଦଙ୍ଗ ସହିତ ହରିବୋଲ ସଂକୀର୍ତନ ଓ ହୁଳହୁଳିରେ ବଡ଼ ଜଗନ୍ନାଥ ମନ୍ଦିରରୁ ବଡ଼ଦାଣ୍ଡରେ ଥିବା ଶ୍ରୀରାଧାମୋହନ ମନ୍ଦିର (ମାଉସୀମା ମନ୍ଦିର) ନିକଟକୁ ଟାଣି ନେବେ । ସେଠାରେ ସମସ୍ତ ସେବାୟତମାନେ ମୟୂରଭଞ୍ଜ ରାଜଦରବାରର ଅମଳରେ ନାମିତ ପୁରୁଣା ବଗସାମଲଗଡ଼(ବର୍ତ୍ତମାନର ମା ଅମ୍ବିକା ଠାକୁରାଣୀ)ରୁ ପରମ୍ପରା ଅନୁଯାୟୀ ଅଶୋକ ଫୁଲର କଢ଼ି ସଂଗ୍ରହ କରି ରଥ ନିକଟକୁ ଅଣିବା ପରେ ରଥରେ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନାରେ ଅଶୋକ କଢ଼ି ଲାଗି ହେବ । ଏହାପରେ ଉକ୍ତ ଅଶୋକ କଢ଼ିକୁ ସର୍ବସାଧାରଣଙ୍କୁ ପ୍ରସାଦ ରୂପେ ବଣ୍ଟନ କରାଯିବ । ପ୍ରକାଶ ଥାଉକି ଏହି ଅଶୋକାଷ୍ଟମୀ ତିଥିରେ ଅଶୋକ ଗଛର ଫୁଲକୁ ସେବନ କଲେ ସମସ୍ତ ପ୍ରକାରର ଦୁଃଖ ଦୂର ହେବା ସଂଗେ ସଂଗେ ଶରୀର ସମସ୍ତ ରୋଗବୈରାଗ୍ୟରୁ ମୁକ୍ତି ମିଳି ଥାଏ ବୋଲି ବିଶ୍ୱାସ ରହିଆସିଛି । ଶେଷରେ ରାଧାମୋହନ ମନ୍ଦିର ସମ୍ମୁଖରୁ ରଥ ମୋଡ଼ ନେବା ପରେ ପୁଣି ଥରେ ରଥକୁ ବଡ଼ଦାଣ୍ଡରେ ଟାଣିଟାଣି ବଡ଼ ଜଗନ୍ନାଥ ମନ୍ଦିରର ସିଂହଦ୍ୱାର ନିକଟରେ ପହଁଚାଇବା ପରେ ରାତିରେ ସେବାୟତମାନେ ପହଣ୍ଡିରେ ତିନି ଠାକୁରଙ୍କୁ ମନ୍ଦିର ଭିତରକୁ ନେବାର ପରମ୍ପରା ରହିଆସିଛି । ଏଥି ସହିତ ଉକ୍ତ ଅଶୋକଝରି ବା ରୁକୁଣା ରଥକୁ କେବଳ ବାଳକ ବାଳିକାମାନେ ମିଳିମିଶି ଟାଣିବାର ପରମ୍ପରା ରହିଆସିଛି । ତେବେ ଚଳିତ ବର୍ଷ ବିଶ୍ୱମହାମାରୀ କରୋନା କଟକଣା କାରଣରୁ ଶ୍ରଦ୍ଧାଳୁ ବା ଭକ୍ତମାନଙ୍କୁ ସାମିଲ ହେବାକୁ ଅନୁମତି ମିଳିପାରିବ ନାହିଁ ବୋଲି ଦେବୋତର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ସୂତ୍ରରୁ ଜଣାପଡ଼ିଛି ।

# ପୋଲିସ ପ୍ରଶାସନ ପକ୍ଷରୁ ଜଳଛତ୍ରର ଶୁଭାରମ୍ଭ



ବାରିପଦା, ୧୭।୪(ନି.ପ୍ର): ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବା ବେଳେ ମୟୂରଭଞ୍ଜ ପୋଲିସ ପକ୍ଷରୁ ସାର୍ବଜନୀନ ଜଳଛତ୍ର ଖୋଲା ଯାଇଛି । ତେବେ ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଚୈତ୍ର ପର୍ବ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ରିଜର୍ଭ ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ପୋଲିସ ହାବିଲଦାର ଓ କନେଷ୍ଟବଳ ସଙ୍ଘ ପକ୍ଷରୁ ବହୁ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ କରୋନା କଟକଣା ନିୟମ ପାଳନ ପୂର୍ବକ ଦହି ସରବତ ଓ ଜଳଛତ୍ରର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଜିଲ୍ଲାର ସମସ୍ତ ଥାନା ସମ୍ମୁଖରେ ସର୍ବସାଧାରଣଙ୍କ ନିମନ୍ତେ ଥଣ୍ଡା ପାନୀୟ ଜଳଛତ୍ରର ବ୍ୟବସ୍ଥା କରାଯିବା ନେଇ ସୂଚନା ଦେଇଛନ୍ତି ଏସପି ସ୍ମିତ ପି. ପରମାର । ମୁଖ୍ୟ ଅତିଥିଙ୍କ ସହିତ ଡ଼ିଏସପି ପ୍ରଭାସ ପାଲ, ବାରିପଦା ଉପଖଣ୍ଡ ପୋଲିସ ଅଧିକାରୀ କେ.କେ. ହରିପ୍ରସାଦ, ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି, ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି, ପୋଲିସ ହାବିଲଦାର ଓ କନେଷ୍ଟବଳ ସଙ୍ଘର ସଭାପତି ପ୍ରମୋଦ ଦାସ, ଅବସର ପ୍ରାପ୍ତ ପୋଲିସ ଅଧିକାରୀ ସଂଘର କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଭୁବନ ସିଏଚସିରେ କରୋନା ଟିକା ଅଭାବ: ବିନା ଟିକାରେ ଚାଲିଛି ଟିକା ଉତ୍ସବ !

ଭୁବନ, ୧୭।୪(ନି.ପ୍ର): ମହାମାରୀ କରୋନାରୁ ବର୍ତିବା ପାଇଁ ସରକାର ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲୋକଙ୍କୁ ମାଗଣାରେ ଟୀକା ଦେବାର ବ୍ୟବସ୍ଥା କରି ଟୀକା ନେବାପାଇଁ ବ୍ୟାପକ ସଚେତନତା କରାଯାଉଛି । ତେବେ ଗତ ଜାନୁଆରୀ ମାସରୁ ଆଜି ପର୍ଯ୍ୟନ୍ତ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମୁଦାୟ ୪୩୦୦ ଲୋକ କରୋନା ଟୀକା ନେଇଥିବା ବେଳେ ଦୈନିକ ଶତାଧିକ ଲୋକ ଟୀକା ନେବାକୁ ଆସି ନିରାଶ ହୋଇ ଫେରୁଛନ୍ତି ଓ ସରକାରଙ୍କୁ ଦୋଷାରୋପ କରି ଗାଳିଗୁଲଜ ମଧ୍ୟ କରୁଛନ୍ତି । ଆଉ ବିନା ଟୀକାରେ ଟୀକା ଉତ୍ସବ ଫାର୍ସ ଚାଲିଛି ବୋଲି କହୁଛନ୍ତି । ମୁଖ୍ୟ କଥା ହେଉଛି ଯେଉଁମାନେ ପ୍ରଥମ ଡୋଜ ଟୀକା ନେଇଛନ୍ତି ପୁନଶ୍ଚ ୨୮ ଦିନ ପରେ ଦ୍ୱିତୀୟ ଡୋଜ ଟୀକା ନେବାକୁ ଆସି ନିରାଶ ହୋଇ ଫେରୁଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ରମେଶ କୁମାର ସାହୁ ନିୟମିତ ଡ୍ୟୁଟି କରୁନଥିବା ସହିତ କିଛି ଦାୟିତ୍ୱ ବୁଝୁନଥରବା ଅଭିଯୋଗ କରି ଲୋକେ ପ୍ରବଳ ହୋହାଲ୍ଲା କରିଥିଲେ । ଏ ସଂପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସୁଜାତାରାଣୀ ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଜିଲ୍ଲା ହେଡକ୍ୱାଟରରେ ପର୍ଯ୍ୟାପ୍ତ ଟୀକା ନାହିଁ, ଟୀକା ଆସିଲେ ଅଗ୍ରାଧିକାର ଭିତିରେ ଭୁବନକୁ ସର୍ବପ୍ରଥମେ ଦିଆଯିବ ବୋଲି କହିଥିଲେ ।

# ଗାଁ ପୋଖରୀକୁ ଜାଲ ପଟ୍ଟା କରି ହାତେଇଥିବା ଅଭିଯୋଗ

କେନ୍ଦ୍ରାପଡା, ୧୭।୪(ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ତହସିଲ ଅନ୍ତର୍ଗତ ବେରୁହାଁ ପଂଚାୟତର ଗ୍ରାମ ପୋଖରୀ ଓ ଶ୍ମଶାନକୁ ସେହି ଗ୍ରାମର ସ୍ୱାମୀ ସ୍ତ୍ରୀ ନିଜ ନାମରେ କରି ନେଇଥିବା ଗ୍ରାମବାସୀ ମାନେ ଉପ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ୧୯୯୩ ମସିହାରୁ ଦଳିତ ସାହିର ଲୋକମାନେ ଏହି ପୋଖରୀକୁ ନିଜେ ଖୋଳି କାରବାର କରି ଆସୁଥିଲେ । କାଳକ୍ରମେ ଏହି ପୋଖରୀ ପଂଚାୟତକୁ ହସ୍ତାନ୍ତର କରାଯାଇ ଥିଲା । ପଂଚାୟତ ଏହି ପୋଖରୀକୁ ନିଲାମ ସୂତ୍ରରେ ଦେଉଛି । ଗ୍ରାମର ୧୧୦ ପରିବାର ଏହି ପୋଖରୀ ଉପରେ ଭରସା କରି ଚଳପ୍ରଚଳ କରୁଛନ୍ତି । ଗ୍ରାମର ଏହି ପୋଖରୀକୁ ସେହି ଗ୍ରାମର ଗୋଟିଏ ପରିବାର ର ସ୍ୱାମୀ ସ୍ତ୍ରୀ ନିଜକୁ ଭୂମିହୀନ ଦର୍ଶାଇ ପୋଖରୀକୁ ନିଜ ନାମରେ କରାଇ ନେଇଛନ୍ତି । ତୁରନ୍ତ ଏହାକୁ ବାତିଲ କରାଇବା ପାଇଁ ରତ୍ନାକର ମଲିକ, ମାନସ କୁମାର ଦାସ, ଆଲୋକ ମଲିକ, ବିପିନ ବିହାରୀ ମଲିକ ପ୍ରମୁଖ ଦାବି କରିଛନ୍ତି ।

# ବାରହା ଆକ୍ରମଣରେ ଯୁବକ ଗୁରୁତର

କନ୍ଧମାଳ, ୧୭।୪(ନି.ପ୍ର): କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ୍ ଅନ୍ତର୍ଗତ ମାର୍ଲାଙ୍ଗ ପଚାଂୟତ ଅନ୍ତର୍ଗତ ସାଲକି ସୀତାଗୁଡ଼ି ଗ୍ରାମରେ ଜଣେ ଯୁବକ ତାଙ୍କ କ୍ଷେତରୁ ହଳଦୀ ଖୋଳୁଥିବା ବେଳେ ବାରହା ଆକ୍ରମଣର ଶିକାର ହୋଇ ଗୁରୁତର ଭାବେ ଆହତ ହୋଇଛନ୍ତି । ପରିବାର ଲୋକେ ଓ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର ପରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଛି । ସୂଚନା ଅନୁଯାୟୀ, ଗତକାଲି ସାଲକି ସୀତାଗୁଡ଼ି ଗ୍ରାମର ରୋହିତ ପାଟମାଝି ନାମକ ୩୦ ବର୍ଷିୟ ଜଣେ ଯୁବକ ନିଜ ପରିବାର ଲୋକଙ୍କ ସହିତ ହଳଦୀ ଖୋଳିବାକୁ ପଦରକୁ ଯାଇଥିଲେ । ହଳଦୀ ଖୋଳୁଥିବା ସମୟରେ ହଠାତ୍ ଏକ ଜଙ୍ଗଲୀ ବାରହା ରୋହିଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲା ।

# ହତ୍ୟା ଉଦ୍ୟମକାରୀ ଦୁଇଭାଇଙ୍କୁ ତିନିବର୍ଷ ସଶ୍ରମ କାରାଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା

ଭଦ୍ରକ, ୧୭।୪ (ହି.ସ.) - ଆଜି ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଦେବଦତ ପଟ୍ଟନାୟକ ମରଣାନ୍ତକ ଆକ୍ରମଣ ଜନିତ ହତ୍ୟା ଉଦ୍ୟମ ମାମଲାର ବିଚାର କରି ତିହିଡି ଥାନା ଅଧୀନସ୍ଥ ବାମନବିନ୍ଧା ଗ୍ରାମର ଗୋବିନ୍ଦ ଦାସଙ୍କ ଅଭିଯୁକ୍ତ ଦୁଇପୁତ୍ର ଝଡିଆ ଓରଫ ସହଦେବ ଓ ଦିବାକରଙ୍କୁ ୩୦୭ ଦଫାରେ ଦୋଷୀ ସାବ୍ୟସ୍ତ କରି ତିନିବର୍ଷ ସଶ୍ରମ କାରାଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଗତ ୨୦୦୦ ମସିହା ଜୁନ୍ ମାସ ୧୪ ତାରିଖରେ ଏହି ଗ୍ରାମର ଜୀବନ ଦାସ ପୀରହାଟ ବଜାରକୁ ଆସିଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କର ପଡୋଶୀ ଦୁଇଭାଇ ଝଡିଆ ଓ ଦିବାକର ମାରଣାସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକମାନେ ଅଭିଯୁକ୍ତ ଦୁଇ ଭାଇଙ୍କୁ ଧରିବାର ଉଦ୍ୟମ କରିଥିଲେ ବି ବଡଭାଇ ଝଡିଆ ସେଠାରୁ ଖସିଯିବାରେ ସକ୍ଷମ ହୋଇଥିଲା । ମାତ୍ର ସାନଭାଇ ଦିବାକରକୁ ଘଟଣାସ୍ଥଳରୁ କାବୁ କରି ଲୋକେ ପୁଲିସ୍‌ର ଜିମା ଦେଇଥିଲେ । ଗୁରୁତର ଜୀବନ ପ୍ରଥମେ ତିହିଡି ଓ ପରେ ଭଦ୍ରକ ଡାକ୍ତରଖାନା ସ୍ଥାନାନ୍ତର ହୋଇ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଥିଲେ । ତାଙ୍କର ଅଭିଯୋଗ କ୍ରମେ ତିହିଡି ଥାନାରେ କେଶ୍ ନଂ ୭୯/୨୦୦୦, ଦଫା ୩୦୭/୩୪ ଆଇପିସି ରେ ଏକ ମାମଲା ରୁଜୁ ହୋଇଥିଲା । ତଦନ୍ତ ସମୟରେ ଅଭିଯୁକ୍ତ ଦୁଇଭାଇ ଜମିବାଡି ଘଟଣାକୁ ନେଇ ତାଙ୍କୁ ଦୁଇଥର ହତ୍ୟା ଉଦ୍ୟମ କରିବା ସହ ଘରେ ନିଆଁ ଲଗାଇଦେବା ଅଭିଯୋଗରେ ଜେଲ୍‌ରେ ଥିଲେ । ଚାର୍ଜସିଟ୍ ଦାଖଲ ହେବା ପରେ ମାମଲାଟି ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ବିଚାରପତିଙ୍କ ଅଦାଲତରେ ଏସ୍‌ଟି ନଂ ୭୧/୨୦୦୪-୦୫/୨୦୦୨ ରେ ବିଚାର ହୋଇ ଆଜି ଉପରୋକ୍ତ ରାୟ ପ୍ରକାଶ ପାଇଛି । ସରକାରଙ୍କ ପକ୍ଷରୁ ଭଦ୍ରକର ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଯତିକାନ୍ତ ନାୟକ ମାମଲାଟି ପରିଚାଳନା କରିଥିଲେ ।

# ଚୂନମାଟି ଅତଡ଼ା ଖସି ତିନି ମହିଳା ମୃତ, ଜଣେ ଗୁରୁତର

ଜୟପୁର, ୧୭।୪(ନି.ପ୍ର): ଚୂନମାଟି ଅତଡ଼ା ଖସି ତିନି ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ଏହି ମହିଳା ମାନେ ଘର ଲିପିବା ପାଇଁ ମାଟି ଆଣୁଥିବା ବେଳେ ଏଭଳି ଏକ ଅଘଟଣ ଘଟିଯାଇଛି । ପୋତି ହୋଇ ଗୁରୁତର ହୋଇପଡିଥିବା ମହିଳାଙ୍କୁ ସେଠାରୁ ଉଦ୍ଧାର ପରେ ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି । ପୋଡାଗୁଡ଼ାର ସମ୍ପୃକ୍ତ ୪ ଜଣ ମହିଳା ଆଜି ମାଟି ଆଣିବା ନିକଟସ୍ଥ ଅଂଚଳକୁ ଯାଇଥିଲେ । ସେମାନେ ସେଠାରୁ ଚୂନମାଟି ଖୋଳି ସଂଗ୍ରହ କରୁଥିବା ବେଳେ ହଠାତ୍ ସେମାନଙ୍କ ଉପରେ ଏକ ବିରାଟ ମାଟି ଅତଡ଼ା ଖସି ପଡିଥିଲା ।

# କରୋନା ଭୟରେ ପ୍ରବାସୀ ଏବେ ଗାଁ ମୁହାଁ

ଧର୍ମଶାଳା, ୧୭।୪(ନି.ପ୍ର): କରୋନା ସଂକ୍ରମଣ ଜନସାଧାରଣଙ୍କ ଚିନ୍ତା ବଢାଇଛି । କରୋନାର ୨ୟ ପର୍ଯ୍ୟାୟରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବଢି ଚାଲିଛି । ଯାହାକୁ ନେଇ ଏବେ ଚିନ୍ତାର କାରଣ ପାଲଟିଛି । ପୁଣି ରାଜ୍ୟରେ ଫେରିଛି ରାତ୍ରୀକାଳୀନ କର୍ଫ୍ୟୁ । ଫଳରେ ସାଧାରଣ ଜନଜୀବନରେ ସାମାନ୍ୟ ପ୍ରଭାବ ପଡିବ ବୋଲି ଆକଳନ କରାଯାଉଛି । ଅନ୍ୟ ପକ୍ଷେ ବାହାର ରାଜ୍ୟରେ ଲକ୍ ଡାଉନ ହେବା ସହ ରାଜ୍ୟ ସୀମାନ୍ତରେ କରୋନା କଟକଣା କଡାକଡି କରାଯାଉଛି । ଏହି ସମୟରେ ପ୍ରବାସୀମାନେ ନିଜ ନିଜ ରାଜ୍ୟକୁ ଫେରି ଆସୁଥିବା ଦେଖିବାକୁ ମିଳିଛି । ଯାଜପୁର ଜିଲା ଧର୍ମଶାଳା, ରସୁଲପୁର, ବଡଚଣା ଓ ବରୀ ବ୍ଲକରେ ମହାରାଷ୍ଟ୍ର, ଗୁଜୁରାଟ, କୋଲକାତ, ତେଲେଙ୍ଗାନା ଆଦି ରାଜ୍ୟରୁ ପ୍ରବାସୀମାନେ ବହୁ ସଂଖ୍ୟାରେ ଫେରୁଥିବା ଦେଖିବାକୁ ମିଳିଛି । ଅନ୍ୟ ପକ୍ଷେ ଏହି ଦୁଇ ବ୍ଲକରେ ଦିନକୁ ଦିନ କରୋନା ସଂକ୍ରମଣଙ୍କ ସଂଖ୍ୟା ମଧ୍ୟ ବଢିବାରେ ଲଗିଛି । ଯାହାକୁ ନେଇ ଏବେ ଗ୍ରାମାଂଚଳରେ ଚିନ୍ତାର କାରଣ ପାଲଟିଛି । ଏହି ସମୟରେ ସଂଗରୋଧ ଗୃହ ସବୁ ଆଡେ ବନ୍ଦ ରହିଛି । ପ୍ରବାସୀମାନେ ଆସି ନିଜ ଘରେ ରହିବା ସହ ପଡୋଶୀ ଲୋକମାନଙ୍କ ସହ ମିଳାମିଶା କରୁଥିବା ଦେଖିବାକୁ ମିଳିଛି । ଏ ଦିଗରେ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ଜନତା ସେବା କେନ୍ଦ୍ରର ବାର୍ଷିକ ସମ୍ମିଳନୀ



ଭଦ୍ରକ, ୧୭।୪(ହି.ସ): ଚରମ୍ପା ଡଗରାସାହି ସ୍ଥିତ ଜନତା ସେବା କେନ୍ଦ୍ରର ବାର୍ଷିକ ସମ୍ମିଳନୀ ଓ ବନ୍ଧୁ ମିଳନ ସେବା କେନ୍ଦ୍ର ସମ୍ମିଳନୀ ସଭାଗୃହରେ ବିଶ୍ୱନାଥ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ବରିଷ୍ଠ ଉପଦେଷ୍ଟା ନିରାକାର ଜେନା, ସମ୍ପାଦକ ଲକ୍ଷ୍ମୀଧର ଦାସ ଉକ୍ତ ଅନୁଷ୍ଠାନର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ସମସ୍ତ ବିଷୟ ସଭାରେ ଅବଗତ କରାଇଥିଲେ । ସେବା କେନ୍ଦ୍ରର ଜନହିତକର କାର୍ଯ୍ୟକୁ ସେବା ମନୋବୃତ୍ତିରେ କାର୍ଯ୍ୟକାରୀ କରିବାକୁ ମତବ୍ୟକ୍ତ କରିଥିଲେ । ସମ୍ମିଳନୀରେ ନଟବର ନୋଡ଼ାଲ ବିଦ୍ୟାଳୟକୁ ତାରିଣୀ ଷ୍ଟିଲ କମ୍ପାନୀ, ପୁନେ ପକ୍ଷରୁ ସନ୍ତୋଷ କୁମାର ଅଗ୍ରୱାଲ ୫ଲକ୍ଷ ଟଙ୍କା ମୋ ସ୍କୁଲ ଅଭିଯାନରେ ପ୍ରଦାନ କରିଥିବା କଥା ସଭାପତି ଶ୍ରୀ ଅଗ୍ରୱାଲ ଅବଗତ କରିବା ସହିତ ଜନତା ସେବା କେନ୍ଦ୍ରର ସଦସ୍ୟମାନେ ଏହି ଅଭିଯାନେର ସାମିଲ ହୋଇ ସ୍କୁଲକୁ ଦାନ ଦେବାକୁ ପରାମର୍ଶ ଦେଇଥିଲେ । ଡଗରାସାହି ସନ୍ନିକଟ ରେଳ ଫାଟକ ଠାରେ ଏକ ଉଡ଼ନ୍ତାପୋଲ ନିର୍ମାଣ କରିବାକୁ ସେବା କେନ୍ଦ୍ର ପକ୍ଷରୁ ଇଷ୍ଟକୋଷ୍ଟ ରେଳବାଇର ଅଧିକାରୀମାନଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ସମ୍ମିଳନୀରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏଥି ନିମନ୍ତେ ପାର୍ଶ୍ୱବର୍ତ୍ତୀ ୬ ଗୋଟି ପଞ୍ଚାୟତର ଜନସାଧାରଣଙ୍କ ଦସ୍ତଖତ ସଂଗ୍ରହ କରିବାକୁ ନିଷ୍ପତି ନିଆଯାଇଥିଲା । ଆଗାମୀ ଦିନରେ ଏହି ସେବାକେନ୍ଦ୍ର ପକ୍ଷରୁ ବିଭିନ୍ନ ସେବା ମୂଳକ କାର୍ଯ୍ୟକୁ ଜିଲ୍ଲାବ୍ୟାପୀ କରାଯିବ ବୋଲି ସଭାପତି ଦେଇଥିବା ପ୍ରସ୍ତାବକୁ ସମସ୍ତ ସଦସ୍ୟ ଖୁସିର ସହ ଗ୍ରହଣ କରିଥିଲେ । ପରେ ବନ୍ଧୁ ମିଳନ କରାଯାଇ ସମସ୍ତ ସଦସ୍ୟ ଆଗାମୀ ଯୋଜନାର ରୂପରେଖ ପ୍ରସ୍ତୁତ କରିଥିଲେ । ଏହି ସମ୍ମିଳନୀରେ ସେକ ଉମର ଅଲ୍ଲୀ, ରମେଶ ଚନ୍ଦ୍ର ମହାନ୍ତି, ପବନ ଶର୍ମା, ଶଶଧର ମହନୀ, ସୀତାକାନ୍ତ ଦାସ, ବାବୁଲାଲ ଦାସ, ମହେଶ ଗୁପ୍ତା, କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ରତ୍ନାକର ହାତୀ, ଅଙ୍କିତା ସାମଲ, ସୁଶାନ୍ତ ଚୌଧୁରୀ, ସୁବ୍ରତ ଦାସ, ପ୍ରମୋଦ ଛତାର, ଏସ.ମନ୍ମଥ ରାଓ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ଚଳିତ ବର୍ଷ ବନ୍ଦ ରହିଲା ବଳାଙ୍ଗୀ ମହୋତ୍ସବ —

# ମହୋତ୍ସବ କମିଟି ପକ୍ଷରୁ କଟକଣା ଭିତରେ ଓଡିଆ ନବବର୍ଷ ପାଳିତ




ବାରିପଦା, ୧୭।୪(ନି.ପ୍ର): ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବାରିପଦାର ତ୍ରିବେଣୀ ସଂଗମ ପୀଠରେ ପ୍ରତିବର୍ଷ ପଣା ସଂକ୍ରାନ୍ତିରୁ ୫ଦିନ ଧରି ପାଳିତ ହୋଇଥାଏ ମୟୂରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ । ତେବେ ଚଳିତ ବର୍ଷ କରୋନା କଟକଣା ପାଇଁ ମହୋତ୍ସବ ପାଳନ ହେଉନାହିଁ । ଏହି ପରିପ୍ରେକ୍ଷୀରେ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସ୍ଥାନୀୟ ବାରିପଦା ରୋଟାରୀ କ୍ଲବ ସମ୍ମଳନୀ କକ୍ଷ ଠାରେ ବୁଧବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଆ ନବବର୍ଷ କରୋନା କଟକଣା ମଧ୍ୟରେ ପଳିତ ହୋଇଯାଇଛି । ବଳାଙ୍ଗୀ ମହୋତ୍ସବ କମିଟିର ସଭାପତି ତଥା ମୋରଡା ବିଧାୟକ ରାଜକିଶୋର ଦାସଙ୍କ ପୌରୋହିତ୍ୟରେ ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ ମୁଖ୍ୟ ଅତିଥି, ବରିଷ୍ଠ ସମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲା, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ତଥା ଓଡିଶା ସାହିତ୍ୟ ଏକାଡେମୀ ସଦଶ୍ୟ ପଦ୍ମନାଭ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଓଡ଼ିଆ ନବବର୍ଷର ମାହାତ୍ମ୍ୟ ତଥା ପରଂପରା ଉପରେ ଆଲୋକପାତ କରିଲେ । ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ପ୍ରାରମ୍ଭିକ ସୂଚନା ଦେବା ସହିତ ଓଡିଆ ପରଂପରାରେ ମହାବିଷୁବ ସଂକ୍ରାନ୍ତି ବେଶ ଗୁରୁତ୍ୱ ବହନ କରେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ନରେନ୍ଦ୍ର ମୋହନ ସେନାପତି, ପ୍ରବଚକ ପଣ୍ଡିତ ଭଗବତ ପଣ୍ଡା ପ୍ରମୁଖ ନିଜନିଜର ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ପଣ୍ଡିତ ଭାଗବତ ପଣ୍ଡା ଶ୍ରୀଜଗନ୍ନାଥ ସ୍ତୁତି ପାଠ କରିଥିବା ବେଳେ କଣ୍ଠଶିଳ୍ପୀ ତଥା ମହୋତ୍ସବ କମିଟିର ସଭ୍ୟ ଗୋପାଳ ଚନ୍ଦ୍ର ସାଓ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଏହି ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜ୍ୟୋତିରଥ ଜିଲ୍ଲା ପରିକ୍ରମା ସମୟରେ ସକ୍ରିୟ ସେବା ଯୋଗାଇ ଥିବା ଶିକ୍ଷାବିତ୍ ନରେନ୍ଦ୍ର ମୋହନ ସେନାପତି ଓ ହୃଷିକେଶ ଦାସ ଏବଂ ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକଙ୍କ ନେତୃତ୍ୱରେ ୩ଦିନ ଧରି ଜିଲ୍ଲା ପରିକ୍ରମାରେ ସାମିଲ ହୋଇଥିବା ୪୦ଜଣ ବଳାଙ୍ଗୀ ସଂସ୍କୃତି ସୈନିକଙ୍କୁ ମାନପତ୍ର ଦେଇ ସମ୍ମାନିଛ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣିମା ପଣ୍ଡା, ମୂର୍ଚ୍ଛନା ଦାସ ପଟ୍ଟନାୟକ, ଜ୍ୟୋତ୍ସ୍ନା ରାଣୀ ଜେନା, ଭଦ୍ରୟ ନାଥ ଜେନା, ପିତାମ୍ବର ମଲ୍ଲିକ, ସୁକାନ୍ତ କୁମାର ଜୀଉ, ଅକ୍ଷୟ କୁମାର ମହାନ୍ତି, ନନ୍ଦଲାଲ ସିଂ, ଆର୍ଯ୍ୟଭଟ୍ଟ ମହାନ୍ତି, ଦିଲ୍ଲିପ ପାତ୍ର, ରମାକାନ୍ତ ରାଉତ, ଉଗ୍ରେଶ୍ୱର ବେହେରା, ଅମିତାଭ ମିଶ୍ର, କିଶୋର କୁମାର ମହାନ୍ତି, ଗୋଲକ ଚନ୍ଦ୍ର ମହାନ୍ତି, ଅଶୋକ କୁମାର ପଲେ, ବିଜୟ କୁମାର ବାଗୁଲି, ପଦ୍ମନାଭ ମହାପାତ୍ର, ପ୍ରମୁଖ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ । ଶିକ୍ଷକ ଶଶୀଧର ବିଶ୍ୱାଳ ମଂଚ ପରିଚାଳନା କରି ଥିବା ବେଳେ ପଣ୍ଡିତ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ - ୨୪

(ପୂର୍ବ ପ୍ରକାଶିତ ଉତ୍ତାରୁ...)

୧୯୧୦ ମସିହାରେ **Hailey's comet** (ହେଲିଙ୍କ ଧୂମକେତୁ) ନାମକ ଗୋଟିଏ ସୁବୃହତ୍ ଧୂମକେତୁର ଆବିର୍ଭାବ ହୋଇଥିଲା । ଏହି ଧୂମକେତୁ ହେଲି **(Hailey)** ନାମକ ଜଣେ ୟୁରୋପୀୟ ଜ୍ୟୋତିଷଙ୍କ ଦ୍ୱାରା ଆବିଷ୍କୃତ ବୋଲି ପ୍ରବାଦ ଅଛି । ପ୍ରତି ୭୮ ବର୍ଷରେ ଥରେ ଏହା ଆବିର୍ଭାବ ହେବ ବୋଲି ମଧ କୁହାଯାଏ । ଏହାର ମୁଣ୍ଡରେ ଗୋଟିଏ ସୁବୃହତ୍ ଗୋଲାକାର ଜ୍ୟୋତିଷ୍କ ଓ ତାହା ପଛକୁ ଲାଞ୍ଜ ଏତେ ପ୍ରଶସ୍ତ, ଦୀର୍ଘ ଓ ଜ୍ୟୋତିର୍ମୟ ଯେ ଦିଗ୍‌ବଳୟର ଅଙ୍କ ଉପରେ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ହୋଇ ତାହାକୁ ଆଲୋକିତ କରୁଥିଲା ।

କେତେକ ଦିନ ଠିକ୍ ସନ୍ଧ୍ୟାପରେ ପଶ୍ଚିମାକାଶରେ ଓ କେତେକ ଦିନ ପାହାନ୍ତିଆର ପୂର୍ବାକାଶରେ ଉଦିତ ହୋଇ ଦୁଇ ତିନିଘଣ୍ଟା ରହି ଅସ୍ତ ହେଉଥିଲା ଓ ତତ୍ପରେ ଏକାବେଳକେ ଅଦୃଶ୍ୟ ହୋଇଗଲା । ଏହି ସମୟ ମଧ୍ୟରେ ଭାରତ ସମ୍ରାଟ ଇଂଲଣ୍ଡର ରାଜା ସପ୍ତମ ଏଡ୍‌ୱାର୍ଡଙ୍କ ମୃତ୍ୟୁ ହୋଇଥିଲା । ବଡ଼ଲୋକଙ୍କ ମୃତ୍ୟୁରେ ଧୂମକେତୁ ଦେଖାଯାଏ ବୋଲି ପ୍ରବାଦ ଅଛି । ଇଂରେଜ କବି ସେକ୍‌ସପିୟର୍ ଲେଖିଛନ୍ତି, **"When poormen die no comets are seen. But heaven blazes forthwith death of princes."** ଗରିବଲୋକଙ୍କ ମୃତ୍ୟୁରେ ଧୂମକେତୁ ଦେଖାଯାଏ ନାହିଁ । କିନ୍ତୁ ରାଜପୁତ୍ରଙ୍କ ମୃତ୍ୟୁରେ ସ୍ୱର୍ଗ ଜଳିଉଠେ । ଶ୍ମଶାନରେ ତ ସମସ୍ତେ ସମାନ । ଯମ ଚକ୍ଷୁରେ ବଡ଼ ସାନର ତୁଳନା କାହିଁ ?

### ଅନୁଗୁଳରେ ଚାକିରି ଜୀବନ (୧)

ସମ୍ବଲପୁରରେ ମୋର ସବ୍‌ଡେପୁଟି କଲେକ୍ଟରର ଶିକ୍ଷାନବିସ କର୍ମ ତା. ୧୮.୧.୧୯୧୧ରେ ଶେଷ ହେଲା ଓ ମୁଁ ତୃତୀୟ ଶ୍ରେଣୀ ମାଜିଷ୍ଟ୍ରେଟ୍ କ୍ଷମତାପ୍ରାପ୍ତ ହେଲି । ୧୯୧୧ ମସିହା ଡିସେମ୍ବର ମାସରେ ମୋର ଅନୁଗୁଳକୁ ବଦଳି ହେଲା । ସମ୍ବଲପୁରରୁ ଅନୁଗୁଳ ଯିବାପାଇଁ ଦୁଇଟି ବାଟ । ଗୋଟିଏ ରେଢ଼ାଖୋଲ, ଆଠମଲ୍ଲିକ ମଧ ଦେଇ କଚା ସମ୍ବଲପୁର-କଟକ ସଡ଼କ ଓ ଅପରଟି ରେଳରେ ଖଡ଼ଗପୁର ଦେଇ କଟକ ପର୍ଯ୍ୟନ୍ତ ଯାଇ ସେଠାରୁ ଢେଙ୍କାନାଳ ଦେଇ ସଡ଼କ ବାଟ । ମୁଁ କଟକ ବାଟେ ଅନୁଗୁଳ ଗଲି । ଡିସେମ୍ବର ତା ୪ ରିଖରେ କଟକରେ ପହଞ୍ଚି ଜଣେ ବନ୍ଧୁଙ୍କ ବସାରେ ରହିଲି ଓ ସେଠାରେ ଛଅଟଙ୍କା ଭଡ଼ାରେ ଗୋଟିଏ ବଳଦଗାଡ଼ି ବନ୍ଦୋବସ୍ତ କରି ସେଥିରେ ଯାଇ ତିନିଦିନରେ ଅନୁଗୁଳରେ ପହଞ୍ଚିଲି । କଟକରୁ ଅନୁଗୁଳ ୬୭ ମାଇଲ । ବାଟରେ ପି. ଡବ୍ଲ୍ୟୁ ଡି. ଡାକବଙ୍ଗଳାମାନ ପ୍ରତି ଆଠ ଦଶ ମାଇଲରେ ଥାଏ । ତହିଁରେ ରହି ରହି ଗଲି । ନିବିଡ଼ ଜଙ୍ଗଲ ମଧ ଦେଇ ସଡ଼କ ଯାଇଛି । ବାଟରେ ବାଘ, ଭାଲୁ ଓ ଚୋରଙ୍କ ଭୟ କଥା ଲୋକଙ୍କ ମୁଖରୁ ଶୁଣି ଶୁଣି ଯାଉଥାଏ ।

ଅନୁଗୁଳରେ ପହଞ୍ଚିଲା ବେଳକୁ ସଞ୍ଜ ହୋଇଯାଇଥିଲା । ସମ୍ବଲପୁରବାସୀ ବୃନ୍ଦାବନ ପଟ୍ଟନାୟକ ସେଠାରେ ପୋଲିସ ଇନ୍‌ସ୍‌ପେକ୍ଟର ଥିଲେ । ତାଙ୍କ ଛଡ଼ା କେହି ସେଠାରେ ମୋର ପରିଚିତ ବ୍ୟକ୍ତି ନଥିଲେ । ଆଗରୁ ତାଙ୍କୁ ପତ୍ର ଲେଖିଥିବାରୁ ସେ ମୋର ଆଗମନ ଅପେକ୍ଷା କରୁଥିଲେ । ପହଞ୍ଚିବା ପରଦିନ ମୁଁ ଡେପୁଟି କମିଶନରଙ୍କ ସହିତ ସାକ୍ଷାତ କରିବାକୁ ଗଲି । ଯିବା ବାଟରେ ଦେଖିଲି ସଡ଼କମାନ ଦୀର୍ଘ ସଳଖ ହୋଇ ଚାଲିଯାଇଛି । ଏପରି ଅନେକ ସଡ଼କ । ସରକାରୀ ଘରମାନ ଛାଡ଼ି ଆଉ କେଣେ ଘରମାନ ନ ଦେଖି ପ୍ରକୃତରେ ମୋତେ କାନ୍ଦ ମାଡ଼ିଲା । ଭାବିଲି, ମୁଁ କେଉଁଠାରେ ଆସି ପହଞ୍ଚିଲି । ଲୋକ ନାହିଁ, ବସତି ନାହିଁ, ସମାଜ ନାହିଁ ଏଠାରେ ମଣିଷ ଅଛନ୍ତି କିପରି ? ବୁଝିଲି, ଅନୁଗୁଳ ଟାଉନ ଗୋଟିଏ ନୂଆ ବସତି । ପୂର୍ବେ ଏହି ଜିଲ୍ଲାର ରାଜଧାନୀ ଏଠାରୁ ୯ ମାଇଲ ଦୂରବର୍ତ୍ତୀ ପୁରୁଣାଗଡ଼ରେ ଥିଲା । ତାହା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ବୋଲି ଏହି ସ୍ଥାନକୁ ଉଠିଆସିଲା । ନୂଆ ପଡ଼ିଆ ଜାଗାରେ କ୍ରମେ କ୍ରମେ ଲୋକେ ବସତି କରୁଅଛନ୍ତି । ପୁଣି ଏଠାରେ ପ୍ରଚଳିତ ଆଇନ ଯୋଗୁଁ ବସତି ବୃଦ୍ଧି ହୋଇ ପାରୁନାହିଁ । ଅନୁଗୁଳବାସୀ ବ୍ୟତୀତ କେହି ଏଠାରେ ଡେପୁଟି କମିଶନରଙ୍କ ଅନୁମତି ବିନା ଘର ବା ଭୂମି କରି ପାରିବେନାହିଁ । ଆଉ ଡେପୁଟି କମିଶନର ସାଧାରଣତଃ ଏଥି ସକାଶେ ଅନୁଗୁଳ ବାହାରର ଲୋକଙ୍କୁ ଅନୁମତି ଦିଅନ୍ତି ନାହିଁ । ଏ ଜିଲ୍ଲାରେ ଡେପୁଟି କମିଶନର ସର୍ବେସର୍ବା । ଅନୁଗୁଳ ରେଗୁଲେଶନ ନାମକ ଗୋଟିଏ ସ୍ୱତନ୍ତ୍ର ଆଇନଦ୍ୱାରା ଏହି ଜିଲ୍ଲା ଶାସିତ ହୁଏ । ଅଦାଲତ ସମୂହ ଏହାଙ୍କ ଅଧୀନରେ । ସେ ନିଜେ ଜିଲ୍ଲା ଓ ଦୌରାଜଜ୍‌ଙ୍କ ନିମ୍ନ ଅଦାଲତ ସମୂହର ଅପିଲ୍ ଅଦାଲତ । ଏଠାରେ ସ୍ୱତନ୍ତ୍ର ଦେୱାନି ଅଦାଲତ ନାହିଁ । ଡେପୁଟି, ସବ୍‌ଡେପୁଟିମାନେ ଦେୱାନି ଓ ଫୌଜଦାରୀ ଉଭୟ ମକଦ୍ଦମା ବିଚାର କରନ୍ତି । ଓଡ଼ିଶା ବିଭାଗର କମିଶନର ଏହି ଜିଲ୍ଲାର ହାଇକୋର୍ଟ; ଓକିଲ ମୋକ୍ତାର କେହି ନାହାଁନ୍ତି । ବାହାରୁ ଆସିଲେ ଡେପୁଟି କମିଶନରଙ୍କ ଅନୁମତି ଆବଶ୍ୟକ । ଢେଙ୍କାନାଳ, ତାଳଚେର, ଆଠମଲ୍ଲିକ, ବୌଦ ଓ ହିନ୍ଦୋଳ ରାଜ୍ୟମାନ ଏହକୁ ବେଷ୍ଟନ କରି ରହିଅଛନ୍ତି । ସୁତରାଂ ଗଡ଼ଜାତର କେନ୍ଦ୍ରସ୍ଥଳରେ ଥିବାରୁ ଶାସନ ପ୍ରଣାଳୀ ମଧ ଗଡ଼ଜାତ ଶାସନ ପରି । ଏଠାରେ ବେଠି ଅଛି । ଜାଗିର୍ ଖାଇ ପାଇକମାନେ ଅଛନ୍ତି । ଏମାନେ ପ୍ରତିଦିନ ହାକିମମାନଙ୍କ ଘରକୁ ଆସି ବେଠିରେ କାମ କରି ଦେଇଯାନ୍ତି । କୌଣସି ହାକିମଙ୍କ ଯାହା ଦରକାର, ଡେପୁଟି କମିଶନରଙ୍କ ଅଦାଲତର ମୋହର ଦିଆ ପରୱାନା ଯିବା ମାତ୍ରକେ ତାହା ତତ୍‌ଷଣରେ ହାଜର ହେବ । ଜିନିଷ ଖୁବ୍ ଶସ୍ତା । ସପ୍ତାହରେ ଥରେ ରବିବାର ଦିନ ହାଟ ବସେ । ଚାଉଳ ଓ ମୁଗ ଟଙ୍କାକୁ ୩୨ ସେର୍ । ଦୁଧ ସେର ଦୁଇ ଅଣା । ବିଶୁଦ୍ଧ ଘିଅ ସେର ଆଠ ଦଶ ଅଣା । ସମସ୍ତ ଜିନିଷ ୪୨ ତୋଳା ଓଜନ ମାଣରେ ବିକ୍ରି ହୁଏ । ହାଟରୁ କିଣି ନରଖିଲେ ଆଉ କୌଣସି ଜିନିଷ ମିଳେ ନାହିଁ । ସରକାରୀ କର୍ମଚାରୀଙ୍କୁ ପ୍ରାୟ କାଠ କିଣିବାକୁ ହୁଏ ନାହିଁ । ଡେପୁଟି କମିଶନରଙ୍କ ଅଧୀନରେ ଗ୍ରାମୀୟ ଝାଡ଼ ଜଙ୍ଗଲର ତତ୍ତ୍ୱାବଧାନ ଭାର ନ୍ୟସ୍ତ । ରକ୍ଷିତ ଜଙ୍ଗଲମାନ ସ୍ୱତନ୍ତ୍ର ଜଙ୍ଗଲ ବିଭାଗର ଅଧୀନ । ଛାଡ଼ଜଙ୍ଗଲରୁ ଜାଳେଣୀ କାଠ ଆଣିବା ସକାଶେ ସରକାରୀ କର୍ମଚାରୀମାନଙ୍କ ପାଇଁ ମାହାସୁଲ୍ ଗାଡ଼ିକୁ ଅଣାଏ, ଅନ୍ୟମାନଙ୍କ ସକାଶେ ଆଠଅଣା । ସୁତରାଂ ଅନେକ ଲୋକଆସି ସେମାନଙ୍କୁ ଛାଡ଼ ଆଣିଦେବା ସକାଶେ କହନ୍ତି । ଛାଡ ସକାଶେ ମାହାସୁଲ ସେମାନେ ଦିଅନ୍ତି ଓ ଯେତେ ଗାଡ଼ି ପାଇଁ ଛାଡ଼ ଅଣାଯାଇଥାଏ ତହିଁରୁ ଅଧେ ବିନାମୂଲ୍ୟରେ ସେମାନଙ୍କୁ ଦେଇଯାନ୍ତି । ଷୋହଳ ଗାଡ଼ି ପାଇଁ ଛାଡ଼ ନେଲେ ଆଠଟଙ୍କା । ଆଠ ଗାଡ଼ି ପାଇଁ ଚାରିଟଙ୍କା ପରିବର୍ତ୍ତେ ଟଙ୍କାଏ ପଡ଼େ ଓ ସରକାରୀ କର୍ମଚାରୀମାନଙ୍କୁ ବିନାମୂଲ୍ୟରେ ଆଠ ଗାଡ଼ି କାଠ ମିଳେ ।

ଡେପୁଟି କମିଶନର ମି.ଜେ.ଏଚ. ଟେଲର **(Mr. J.H. Taylor)**ଙ୍କ ସହିତ ସାକ୍ଷାତ ହେଲା । ଟେଲର ସାହେବ ବୃଦ୍ଧ, ଫିରିଙ୍ଗ୍, ଡେପୁଟି ମାଜିଷ୍ଟ୍ରେଟ୍ । ସବ୍‌ଡେପୁଟିରୁ ଚାକିରି ଆରମ୍ଭ କରି ଡେପୁଟି ପଦକୁ ଉଠିଥିଲେ । ଓଡ଼ିଶା ବନ୍ଦୋବସ୍ତରେ କାର୍ଯ୍ୟ କରିଥିଲେ ଓ ଡେପୁଟି କମିଶନର ହେବା ପୂର୍ବେ ଓଡ଼ିଶାର ବନ୍ଦୋବସ୍ତ ଅଫିସର ହୋଇ ଏହି ପଦକୁ ଉନ୍ନୀତ ହୋଇଥିଲେ । ଓଡ଼ିଶା ବନ୍ଦୋବସ୍ତରେ ତାଙ୍କ ତଳେ କାମ କରୁଥିବା କେତେକ ଲୋକ ଆସି ଅନୁଗୁଳରେ ତାଙ୍କ ଆନୁକୂଲ୍ୟରେ କାମ ପାଇଥିଲେ । ସେ ଖୋର୍ଦ୍ଧାର ଚିରସ୍ଥାୟୀ ଅଧିବାସୀ ହୋଇ ରହିଥିଲେ । ତାଙ୍କ ପିତା ମଧ ଓଡ଼ିଶାରେ ସରକାରୀ ଚାକିରି କରିଥିଲେ ଓ ନାରାୟଣୀ ନାମ୍ନୀ ଜଣେ ଓଡ଼ିଆଣୀଙ୍କୁ ବିବାହ କରିଥିଲେ । ଏହି ସମୟରେ ଅନୁଗୁଳ ଡେପୁଟି କମିଶନର ପଦ ଜଣେ ଫିରିଙ୍ଗି ଡେପୁଟି କଲେକ୍ଟର ସକାଶେ ରକ୍ଷିତ ହୋଇଥିଲା ।

ଅସ୍ୱାସ୍ଥ୍ୟକର ଓ ଅନୁନ୍ନତ ଅବସ୍ଥା ଯୋଗୁଁ ସରକାରୀ କର୍ମଚାରୀମାନେ ସମସ୍ତେ ଶତକଡ଼ା ୨୦ରୁ ୨୫ ପର୍ଯ୍ୟନ୍ତ ଦରମା ଉପରେ ଅଧିକ ଭତ୍ତା ପାଉଥିଲେ । ଡେପୁଟି କମିଶନରଙ୍କ ଦରମା ଉପରେ ଭତ୍ତା ଥିଲା ଦୁଇଶତ ଟଙ୍କା, ଅପର ଡେପୁଟି ସବ୍‌ଡିଭିଜନାଲ୍ ଅଫିସର, ପୋଲିସ ସୁପରିଣ୍ଟେଣ୍ଡେଣ୍ଟ, ଜଙ୍ଗଲ ଅଫିସରଙ୍କ ଶହେ ଟଙ୍କା ଲେଖାଏଁ । ସବ୍ ଡେପୁଟି କଲେକ୍ଟରଙ୍କ ଭତ୍ତା ଥିଲା ପଚାଶ ଟଙ୍କା, ଗସ୍ତ ଖର୍ଚ୍ଚ ସାଧାରଣ ଦରର ଦେଢ଼ଗୁଣ । ଶାସନ ବିଭାଗରେ ଡେପୁଟି କମିଶନର ଓ ସବ୍‌ଡିଭିଜନାଲ୍ ଅଫିସର ଛଡ଼ା ଦୁଇଜଣ, କେତେବେଳେ ଡେପୁଟି ଓ କେତେବେଳେ ସବ୍‌ଡେପୁଟି ରହୁଥିଲେ ।

ସମସ୍ତ ଅଫିସରଙ୍କ ସକାଶେ ସରକାରୀ ଘରମାନ ଥିଲା । ମୁଁ ଯାଇ ଦେଖିଲି ମୋ ସକାଶେ ଘର ନାହିଁ । ତାଳଚେର ରାଜାଙ୍କ ଗୋଟିଏ ବଙ୍ଗଳା ଘର ଥିଲା । ମୋର ପୂର୍ବବର୍ତ୍ତୀ ଅଫିସର ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟ ସେହି ଘରେ ରହୁଥିଲେ । ସେ ଅନ୍ୟ କାର୍ଯ୍ୟକୁ ଯାଇ ସରକାରୀ ଘରେ ରହିଲେ ଓ ମୁଁ ତାଳଚେର ବଙ୍ଗଳାରେ ରହିଲି । ପୂର୍ବେ ଏହା ଅନୁଗୁଳର ତହସିଲଦାର ରାୟ ବାହାଦୂର ନାରାୟଣଚନ୍ଦ୍ର ନାୟକଙ୍କ ସ୍ୱ-ନିର୍ମିତ ଘର ଥିଲା । (କ୍ରମଶଃ)

## ଡାଏରୀ -୬୧





ଓଡିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...

### ॥ ଟିମିନାନୀ ॥

ଅଙ୍କାବଙ୍କା ମାଟିରାସ୍ତା । ଚାରିପଟେ ଧାନବିଲ । ମେନ୍‌ରୋଡ୍‌ରୁ ଦୁଇ କିଲୋମିଟର । ଶନିବାର ରବିବାର ଦେଖି ରଜନୀ ଦାଶ ଚାଲିଆସେ ଏଇ ଅଙ୍କାବଙ୍କା ରାସ୍ତା ଦେଇ ଛୋଟିଆ ଗାଁଟିକୁ । ସେଇ ଗାଁରେ ତା ଟିମିନାନୀ ରୁହେ । ଟିମିନାନୀ ତା'ର ରକ୍ତର ଭଉଣୀ ନୁହେଁ । ହେଲେ ରକ୍ତଠୁ ବି' ଅଧିକ । ସାଙ୍ଗ ଝୁଲିଆର ବଡ଼ଭଉଣୀ ।

ଟିମିନାନୀ ରଜନୀ ଦାଶର ଦୁଇବ୍ୟାଚ୍ ସିନିୟର । ଗୋଟିଏ ବସ୍‌ରେ ଗାଁରୁ ସାନଭାଇ ଭଉଣୀଙ୍କ ସାଥିରେ କଲେଜ ଆସେ । ଥରେ ଟିମିନାନୀର ସାଙ୍ଗ ରଜନୀ ଦାଶକୁ ଦେଖି ପଚାରିଦେଲା, "ଟିମି ! ଇଏ ତୋର ଭାଇ !" ଟିମିନାନୀ ରଜନୀ ଦାଶ ମୁହଁକୁ ଚାହିଁ କହିଲା, "ହଁ ଇଏ ମୋ ସାନଭାଇ" ଓ ରଜନୀ ଦାଶର ମଥା ସାଉଁଳି ଦେଲା ।

ସେଇ ପଦକ କଥାରେ ରଜନୀ ଦାଶର ଭ୍ରାତୃତ୍ୱ ଜାଗି ଉଠିଲା । ତାକୁ ଲାଗିଲା ସତେ ଯେମିତି ଟିମିନାନୀ ତା ରକ୍ତର ଭଉଣୀ । ପ୍ରକୃତରେ ରଜନୀ ଦାଶର ନିଜର କେହି ଭଉଣୀ ନଥିଲେ । ଟିମିନାନୀର ସ୍ନେହବୋଳା କଥାରେ ରଜନୀ ଦାଶ ଭଉଣୀର ଅଭାବ ଭୁଲିଗଲା । ଟିମିନାନୀର ପରିବାର ଭିତରେ ଜଣେ ହୋଇଗଲା ରଜନୀ ଦାଶ ।

ପ୍ରତିଥର ଭାବେ ଟିମିନାନୀକୁ ଡାକିବ ଘରକୁ, ଭଉଣୀର ସମ୍ମାନ ଦେଇ ଛାଡ଼ିବ । ଥରେ ନାନୀ ଆସିଥିଲା, ବୋଉ ସବୁତକ ସ୍ନେହ ଅଜାଡ଼ି ଦେଇଥିଲା ।

ଟିମିନାନୀ ବାହା ହୋଇଗଲା । ଭାଇ ଦେଖିବାକୁ ଛ' ଫୁଟିଆ ମଣିଷ । ଭାରି ଗମ୍ଭୀର । ଟିମିନାନୀକୁ ଖୁବ୍ ଭଲ ପାଉଥିଲେ । ଛୋଟ ପୁଅଟିଏ ବି ଜନ୍ମ ନେଲା । ଟିମିନାନୀ ତା ସଂସାରକୁ ନେଇ ହସଖୁସିରେ ଚାଲୁଥିଲା । ରଜନୀ ଦାଶ ତା ବାହାଘରକୁ ଟିମିନାନୀକୁ ନିମନ୍ତ୍ରଣ କରିଥିଲା । ଇଚ୍ଛାଥିଲା ଆସିଲେ ଭଉଣୀ ଭିଣୋଇର ସମ୍ମାନ ଦେଖାଇବ । ହେଲେ ଅସୁବିଧା ବଶତଃ ଟିମିନାନୀ ଆସି ପାରିନଥିଲା ।

ରଜନୀ ଦାଶ ବି ବ୍ୟସ୍ତ ହେଇଗଲା ନିଜ ପାରିବାରିକ ଓ ବୃତ୍ତିଗତ ସଂଘର୍ଷ ଭିତରେ । ଥରେ ପ୍ରବଚନ ଦେବାକୁ ଟିମିନାନୀ ଗାଁକୁ ଯାଇଥିଲା ରଜନୀ ଦାଶ । ଶୁଣିଲା ବାପଘରକୁ ଆସିଛି ଟିମିନାନୀ । ଦେଖାକଲା, ଟିମିନାନୀ ଖୁବ୍ ଖୁସି ହୋଇଗଲା । ତା' ପ୍ରବଚନର ତାରିଫ୍ କଲା । ଭଣଜାକୁ ଦେଖିଲା ରଜନୀ ଦାଶ । ସିଏ ଭଲ ପାଠପଢୁଛି ବୋଲି କହିଲା ଟିମିନାନୀ । ଭଣଜାକୁ ଆର୍ଶିବାଦ ଦେଇ ଫେରି ଆସିଲା ରଜନୀ ଦାଶ ନିଜ ଘରକୁ ନିମନ୍ତ୍ରଣ ଜଣାଇ ।

କିଛିଦିନ ପରେ ଖବର ପାଇଲା ଭିଣେଇଙ୍କ ହଠାତ୍ ଦେହାନ୍ତ ହେଇ ଯାଇଛି ।

ଭାଙ୍ଗି ପଡ଼ିଲା ରଜନୀ ଦାଶ । ଟିମିନାନୀ ଭଳି ଏତେ ସରଳ, ନିଷ୍ପାପୀ ମଣିଷକୁ ଏ କି' ଦଣ୍ଡ ! ଟିମିନାନୀ ଏକୁଟିଆ ହେଇଗଲା । ଶଶୁରଘରୁ ସେମିତି କିଛି ସପୋର୍ଟ ମିଳିଲାନି । ପୁଅକୁ ଧରି ଫେରି ଆସିଲା ବାପ ଘରକୁ । ରଜନୀ ଦାଶର ଧୈର୍ଯ୍ୟ ନଥିଲା ଟିମିନାନୀକୁ ଏ ଅବସ୍ଥାରେ ଦେଖା କରିବାକୁ । ଇଚ୍ଛା କରି ଗଲାନି । ଭାଇମାନଙ୍କଠାରୁ ଟିମିନାନୀର ଖବର ରଖୁଥିଲା ରୀତିମତ୍ ।

ଅନେକ ଦିନ ପରେ ଟିମିନାନୀ ସହ ଆକସ୍ମିକ ଦେଖା ଗୋଟାଏ ସ୍କୁଲ ଫଙ୍କ୍‌ସନ୍‌ରେ । ଗେଷ୍ଟ ହୋଇ ଯାଇଥିଲା ଆନୁଆଲ ଫଙ୍କ୍‌ସନ୍‌କୁ । ହେଡମାଷ୍ଟ୍ରେ କହିଲେ ଆପଣଙ୍କ ପାଇଁ ଗୋଟିଏ ବିଗ୍ ସରପ୍ରାଇଜ୍ ଅଛି । ଆପଣଙ୍କର ଜଣେ ରିଲେଟିଭ୍ ଦେଖା କରିବାକୁ ଚାହାନ୍ତି ।" ରଜନୀ ଦାଶ ଆଶ୍ଚର୍ଯ୍ୟ ହେଲା, କିଏ ହୋଇପାରେ ?

ସ୍କୁଲ୍‌ର ବରାଦିଆ ୟୁନିଫର୍ମ ପିନ୍ଧି ତା ସାମ୍ନାରେ ଯିଏ ଛିଡ଼ାହେଲା, ସିଏ ଥିଲା ଟିମିନାନୀ । ଦୀର୍ଘ ୨୦ ବର୍ଷ ତଳର ଚେହେରା ମଳିନ ପଡ଼ିଯାଇଥିଲା । ହେଲେ ଓଠର ହସ ସେମିତି ଥିଲା । ରଜନୀ ଦାଶକୁ ଦେଖି ଖୁବ୍ ଖୁସି ହୋଇଗଲା ସେଦିନ । ପୁଅ ଇଂଜିନିୟରିଂ ପଢୁଛି ବୋଲି କହିଲା । କିଛି କଣ୍ଟାକ୍ଟ ରଖିନି ବୋଲି ରଜନୀ ଦାଶକୁ ଗାଳିଦେଲା ।

ତା ପରେ ଢେର୍ ଦିନର ନିରବତା । ସେ ସ୍କୁଲର ଅନ୍ୟଜଣେ ଶିକ୍ଷୟତ୍ରୀଙ୍କ ସ୍ୱାମୀ କଲେଜରେ ରଜନୀ ଦାଶର କଲିଗ୍ । ସବୁ ଖବର ରଜନୀ ଦାଶ ରଖୁଥିଲା ଟିମିନାନୀର । ହଠାତ୍ ଦିନେ ଖବର ଦେଲେ ବନ୍ଧୁ, ଟିମିନାନୀର ପୁଅ ସୁଇସାଇଡ୍ କରିଛି ପ୍ରେମ ଜନିତ ଘଟଣାରେ । ଟିମିନାନୀ ପାଗଳୀ ପ୍ରାୟ ହେଇଯାଇଛି ।

ରଜନୀ ଦାଶ ହତବାକ୍ ହୋଇଗଲା । ଏ କି ନିଷ୍ଠୁର ପରିଣତି !

ରଜନୀ ଦାଶ ଈଶ୍ୱରଙ୍କୁ ଗାଳି ବର୍ଷଣ କଲା । ଗୋଟାକ ପରେ ଗୋଟାଏ ଦୁର୍ଘଟଣାର ଆଘାତରେ ଟିମିନାନୀ ମାନସିକ ଭାରସାମ୍ୟ ହରେଇ ବସିଥିଲା ।

ପୁଅର ଆକସ୍ମିକ ବିୟୋଗ ପରେ ସ୍କୁଲ ଛାଡ଼ିଦେଇଥିଲା । ରଜନୀ ଦାଶ ଶୁଣିଲା ଗୋଟାଏ ଆଶ୍ରମରେ ସନ୍ୟାସିନୀର ଜୀବନ ବାଛି ନେଇଛି ଟିମିନାନୀ । ଦିନେ ଆଶ୍ରମ ପାଖରେ ପହଞ୍ଚିଲା ରଜନୀ ଦାଶ ଅନେକ ସାହସ ନେଇ, ଟିମିନାନୀକୁ ଦେଖା କରିବ । ହେଲେ ପାରିଲାନି । ଠାକୁରଙ୍କୁ ପ୍ରାର୍ଥନା କଲା, "ଆରଜନ୍ମରେ ଟିମିନାନୀ କୋଳରେ ମୋତେ ଜନ୍ମ ଦିଅନ୍ତୁ ଠାକୁରେ ।"

ଗାଡ଼ି ଷ୍ଟାର୍ଟ କରି ଦୁଆରମୁହଁରୁ ଫେରିଆସିଲା ରଜନୀ ଦାଶ ।

## କବିତା.... ଆମ ସମୟର

### ॥ ଶାଗୁଆ ସ୍ୱପ୍ନ ॥



ପ୍ରୀତିଲେଖା ଦାସ

ଗୋଟେ ପତ୍ରଝଡାର
ଅର୍ଦ୍ଧତପଣକୁ ନେଇ
ଥିଲା ତ ସେ
ଏଯାଏଁ
ଠିଆ ଲଙ୍ଗଳା ।

କିଏ ବିଞ୍ଚିଦେଲା
ମୁଠାଏ ଅବିର
ହଜେଇ ଦେଇ
ଧୂସର ପୃଥିବୀର କୋହ
ଭିଜେଇ ଦେଲା ସେ
ବିଭୋର ପଣରେ
ତା' ଫଗୁଣର ଦେହ ।

କୁଆଡୁ ଆସିଲା ଯେ
ଏତେ ନିଶା ?

ବାଡହୁଡା ପ୍ରଜାପତିଙ୍କ ଡେଣାରେ
ଖସିପଡିଲେ ଫୁଲର ଅରଣ୍ୟ
ନିଆଁର ସମୁଦ୍ରରେ
ଖେଳିଗଲା
ପ୍ରୀତିର ପ୍ଲାବନ ।

ପେଟରେ ପେଟେ ଭୋକକୁ ନେଇ
ଚକାପାରି ବସିଗଲା
କବି ଭିତରେ
ଗୋଟେ ପ୍ରେମିକପଣ,
ପୁଣି -
କୁଆଁରୀ ସଞ୍ଜରେ
ମଳୟର ଦେହଭର୍ତ୍ତି ଶିହରଣ ନେଇ
ଆରମ୍ଭ କଲା ତା' ଭିତରେ
ଛାଇ-ଆଲୁଅର ଖେଳ
ଗୋଟେ ପାଗଳ ଜହ୍ନ ।

କଳ୍ପନାର କୌପିନୀପିନ୍ଧା
କଅଁଳ ଇଚ୍ଛାମାନେ
ଫିଟି ପଡିଲେ
ଗୋଟେ ଶାଗୁଆ ସ୍ୱପ୍ନର
ଉଛୁଳା ପଣରେ ।

+ ମାର୍ଫତ୍ / ହିମାଂଶୁ ଦାସ
ଭୋଇସାହି, ବାଲେଶ୍ୱର
(ମୋ) ୯୮୫୩୩୫୫୬୮୮

### ॥ ସମ୍ଭାବନା ଆଗାମୀର ॥



ପ୍ରଭାତ ନଳିନୀ ମହାପାତ୍ର

ଏଣିକି ସବୁ ରାତି ସ୍ୱପ୍ନର ହେଉ
ସବୁ ସକାଳ ହେଉ ଫୁଲର,
ସୁନା ସୋରିଷିଆ ଖରା
ବିଞ୍ଚିପଡୁ ଚାରିଆଡ଼େ
ନ ଡରାଉ ଦୁଃସ୍ୱପ୍ନର ପ୍ରେତ ।

ସବୁ ଗୀତ ପ୍ରୀତି ଗୀତ ପାଲଟନ୍ତୁ
ଚାରିଆଡ଼େ ବାଜୁ ସାହାନାଇ,
ଖୁସିର ମାହୋଲ୍‌ଟିଏ
ଛାଇଯାଉ ଚାରିଆଡ଼େ
ଶେଷ ହେଉ ଯେତେ କଳାରାତି ।

ସବୁଆଡ଼େ ବିଞ୍ଚିପଡୁ
କେରି କେରି ହସ,
ଦୁଃଖ ଓ ଯନ୍ତ୍ରଣାର
ଗୀତି ସବୁ ଇତି ହେଉ
ଲେଖା ହେଉ
ନୂଆ ଏକ ସ୍ୱାଗତ ସଂଗୀତ ।

ଯାହା ସବୁ ବିତିଗଲା
ସ୍ମୃତି ହୋଇ ରହିଯାଉ
ଇତିହାସ ରହିଥାଉ ସାକ୍ଷୀ
ଏବେଠାରୁ ଲେଖାଯାଉ
ନୂଆ ଏକ ଇତିହାସ
ସଂପ୍ରୀତି ସଦିଚ୍ଛା ଆଉ ଆପଣା ପଣର ।

+ ଅବସରପ୍ରାପ୍ତ ପ୍ରାଧ୍ୟାପିକା
ସାମରାଇପୁର, ଭଦ୍ରକ,
(ମୋ) ୯୪୩୭୧୯୩୯୪୦

### ॥ ମାଟିମୋହ ॥



ଦେବଦତ୍ତ ମିଶ୍ର

ରେ ପକ୍ଷୀ,
ଉଡ଼ାଣ ପାଇଁ ପ୍ରସ୍ତୁତ ହୁଅ ଏବେ
ଏ ଆକାଶ ବେଶି ଦୂର ନୁହେଁ ।
ତୋର ପ୍ରତିଟି ଉଡ଼ାଣରେ ଭରୁ
ଆକାଶକୁ ଛୁଇଁଯିବାର
ଅବଦମିତ ଇଚ୍ଛା ।

ମନେରଖ ପକ୍ଷୀ,
ଯେ ଯାଏଁ ତୋ ଆଖି ପାଏ
ସେଇଠି ହିଁ ସରିନି ଆକାଶ,
ଯେତେଦୂର ଡେଣା ତୋର ଚଳେ
ତାହା ନୁହେଁ ସାରା ଅନ୍ତରୀକ୍ଷ ।
ତୋ ଚଞ୍ଚୁରେ ଯେତିକି ସାଉଁଟୁ
ସବୁତକ ସ୍ୱପ୍ନ ତାହା ନୁହେଁ ।

ଉଡ଼ିଯା' ରେ ପକ୍ଷୀ ଉଡ଼ିଯା
ଡେଣା ତୋର ଝାଡ଼ି ।
ଛୁଇଁଯାଆ ଆକାଶକୁ ,
ଆକାଶରେ ମୋକ୍ଷ ଅଛି
ମାଟିରେ ତ ମେଞ୍ଚା ମେଞ୍ଚା ମୋହ ।

+ ବକରପୁର, କେନ୍ଦ୍ରାପଡ଼ା
(ମୋ)୯୦୪୦୭୦୦୩୦୩

### ॥ ସରିଆ ମା' ॥



ନାରାୟଣ ସାହୁ

ମୋ ଘର ପାଖ ଜରାଶ୍ରମର
ସରିଆ ମା'
ଦିନ ତମାମ ସରି ନଥିବା 'ଦୁଃଖ'କୁ
ସେ ରାତିର ବର୍ଜନୀୟ ଅଶ୍ୱତ୍ଥ ଗଛରେ
ନିତିଦିନ ଟାଙ୍ଗି ଦେଇ ଆସେ !

ଗୋଟିଏ ଚାଳଘର ଭିତରେ
ଦୋଳାୟମାନ ଶିକା ଭଳି
ତା ଜୀବନ ବି ଝୁଲୁଥାଏ ପୁରୁଣିଆ
ବାଉଁଶରେ ବନ୍ଧା ହେଇଥିବା
ଛଣ ଛପର ଦଉଡିରେ,

ରାତିରେ ଗୋଟେ ପଟ ରୁଟିରେ
ସେ ଦେଖିପାରେ
ସହସ୍ର ମିଛ ପ୍ରେମ, ସ୍ନେହ ଓ ଆଦରର
ଅଗିପୋଡ଼ା ଦୃଶ୍ୟ,
ଛାଡ଼, ଚୁଲିକି ଯାଉ ସବୁ ଦୃଶ୍ୟ,
ଭସ୍ମ ହେଇଯାଉ ସବୁ !

ତା ଜାଜୁଲ୍ୟମାନ ଆଖି ଦ୍ୱୟରେ
କୌଶଲ୍ୟା, କୈକେୟୀ ଓ ସୁମିତ୍ରାର
ପ୍ରତିଛବି ଦିଶେ,
ତା ଆଖିରେ ବିମ୍ବାଧର, ମାୟାଧର,
ବଂଶୀଧର ମୂର୍ତ୍ତିମାନ ଗଢେ
ତା ଆଖିରେ ସୁନାପର, ରୂପାଝର ନାନା
ଆଦି ଲୋଭନୀୟ ଅଳଙ୍କାର ହାରେ !

ଧଡଧଡ଼ ଚମରେ ଜାକି ହେଇଯାଆନ୍ତି
ସେବା, ଭକ୍ତି, କର୍ମ, କାମ୍ୟ ଓ
କର୍ତ୍ତବ୍ୟର ସୂକ୍ଷ୍ମାଦିସୂକ୍ଷ୍ମ
ସୁନ୍ୟଷ୍ଟୀୟ କୋଷ ।

ତା ପାଦର ଗୋଇଠିରେ
ଏକତ୍ର ହୋଇଯାଆନ୍ତି ଫଟାମାଟିର
ରଙ୍ଗ, ହାତର କହୁଣିରେ ନିରବିଯାନ୍ତି
ଦେବାଦେବୀଙ୍କ ନୀରବପଣ !

ସବୁଦିନ ମଧ୍ୟାହ୍ନରେ
କେତେ କେତେ ନୂଆଁ ମୁହଁ ଦେଖେ,
କାହା ମିଛ 'ମା' ଡାକରେ ସେ ମୋହିତ
ହେଇଯାଏ ସ୍ୱଂୟ, କାହା ମନ ଘୃଣ୍ୟ
ବାହ୍ୟ ଚାକଚକ୍ୟ ହାତରେ
ସେ ଆଁ କରି ଖାଇଦିଏ
ଲୁହ ସହ ଜରାଶ୍ରମ ଖାଦ୍ୟ !

ସେବେ ସେ ଦେବୀଟିଏ ସାଜେ
ଆମେ ସାଜୁ
ପୃଥିବୀର ଶେଷତମ ଆଶା !

ତଥାପି, ତା ମନରେ ଘାଣ୍ଟି ହୁଏ
ସନ୍ତାନର ଉପସ୍ଥିତି, ଭାବିନିଏ
କାଉ ହେଇ କାହାକୁ ଯେ ପାଳିଥିଲି
ସେ ଏବେ ମୋର ନୁହେଁ !
ମା'ର ନୁହେଁ !!

+ ନୂଆସୁଙ୍ଗୁଡା, ସୁଙ୍ଗୁଡା, ବଡଚଣା,
ଯାଜପୁର,
(ମୋ)୭୬୦୮୦୧୪୦୬୧

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୮ ଅପ୍ରେଲ, ୨୦୨୧




## ଚିନ୍ତା ଅନୁଚିନ୍ତା (୫)

# ଭଲ-ମନ୍ଦ କର୍ମର ଫଳ ଜନ୍ମ-ଜନ୍ମାନ୍ତର ଭୋଗିବାକୁ ପଡ଼ିଥାଏ

କବି ଓ ପ୍ରାବନ୍ଧିକ **କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।




ସୂନାରୁଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩


ଯେଉଁମାନେ ମନେକରନ୍ତି ଯେ ଏଇ ଜନ୍ମର  କର୍ମଫଳ ଏଇ ଜନ୍ମରେ ଭୋଗିବାକୁ ପଡ଼ିଥାଏ ଓ ପରଜନ୍ମ ବୋଲି କିଛି ନାହିଁ, ତାହା କେତେଦୂର ଗ୍ରହଣୀୟ ସେ ସମ୍ପର୍କରେ ଆତ୍ମସମୀକ୍ଷା କଲେ ଉତ୍ତର ମିଳି ଯାଇଥାଏ । କେତେକଙ୍କ ମତରେ ଏଇ ଜନ୍ମରେ ବ୍ୟକ୍ତି ଯେଉଁ କର୍ମ ସଂପାଦନ କରୁଥାଏ ସେଇ କର୍ମାନୁଯାୟୀ ଫଳଭୋଗ କରି ଇହଜଗତରୁ ବିଦାୟ ନେବାକୁ ପଡ଼େ । ଆଉ କେତେକଙ୍କ ମତରେ, ଏ ଜନ୍ମରେ ବ୍ୟକ୍ତିର ଭଲ-ମନ୍ଦ କର୍ମର ଫଳସ୍ୱରୂପ ସେ ଏଠାରେ ଜୀବଦ୍ଦଶାରେ କିଛି ତ ଭୋଗ କରେ ମାତ୍ର ପରଜନ୍ମକୁ ତା'ର ଫଳ ଭୋଗ ପାଇଁ କିଛି ରହିଯାଇଥାଏ । ନଚେତ୍ ବ୍ୟକ୍ତିର ଜନ୍ମରେ ଏତେ ବ୍ୟତିକ୍ରମ କାହିଁକି ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ଏମିତି ଘରେ ଜନ୍ମ ହୁଏ, ଭୂମିଷ୍ଠ ହେବା ମାତ୍ରକେ ସୁନା ଚାମଚରେ ପାଣି ପିଇଥାଏ ତ ଆଉଜଣେ କେଉଁ ସାଧାରଣ ଘରେ ମାଟିପାତ୍ର ସଢୁଆରେ ପାଣି ପିଏ । କିଏ ଅତି କ୍ଷୁଦ୍ର ପଲାଘରେ ଦରିଦ୍ର ପରିବାରରେ ତ ଆଉ କିଏ ରାଜକୀୟ ଉଆସର ସମସ୍ତ ଅୟସଆରାମର ସାମଗ୍ରୀରେ ଭରପୂର ଧନିକ ପରିବାରରେ ଜନ୍ମଗ୍ରହଣ କରେ । ଏମିତି ବୈଚିତ୍ର୍ୟ କାହିଁକି ? ଯାହା ଶାସ୍ତ୍ର, ବେଦ, ଉପନିଷଦ ବା ପୁରାଣ ଆଦିରୁ ଏ ସଂପର୍କରେ ଜାଣିବାକୁ ମିଳେ, ତାହାହେଲା ବ୍ୟକ୍ତିର ପୂର୍ବାର୍ଜିତ କର୍ମଫଳାନୁଯାୟୀ ଜନ୍ମସ୍ଥାନ ପ୍ରାପ୍ତ ହୁଏ । ତେବେ ଏ ଜନ୍ମ ପାଇ ଯଦି ବ୍ୟକ୍ତି ତା'ର ଜନ୍ମ-ମୃତ୍ୟୁ ରହସ୍ୟଭେଦ ଜାଣିବାରେ ପ୍ରୟାସୀ ହୋଇ କୁକର୍ମ ଓ ସୁକର୍ମର ସଂଜ୍ଞାକୁ ହେଜି ପରପୀଡ଼ନ ପୂର୍ବକ ଅସାଧୁକର୍ମରେ ଲିପ୍ତ ନ ରହେ, ହୁଏତ ସେ ଯେଉଁ ସତ୍‌କର୍ମ ପୂର୍ବକ ଧର୍ମ ଅର୍ଜନ କରେ ତାହା ତା'ର ଆଗାମୀ ଜନ୍ମକୁ ପୁଷ୍କଳ ସହ ଉନ୍ନତ ବା ଅଭାବ ଅନଟନଶୂନ୍ୟ ଏକ ସୁଖଦ ପରିବାରରେ ଜନ୍ମଗ୍ରହଣ କରିପାରେ ।

ଜୀବାତ୍ମା କେବେ 'କୁ'ଆତ୍ମା ବା 'ସୁ' ଆତ୍ମା ଏମିତି ନୁହେଁ । କର୍ମାନୁଯାୟୀ ଜୀବାତ୍ମାଧାରୀ ବ୍ୟକ୍ତି 'କୁ'ଆତ୍ମା ଓ 'ସୁ'ଆତ୍ମା ଅଥବା କୁଜନ ସୁଜନ ରୂପେ ସମାଜରେ ପରିଚୟ ପ୍ରାପ୍ତ ହୋଇଥାଏ। ଯେମିତିକି ଏକ ଛୁରୀରେ ଜଣେ ବ୍ୟକ୍ତି ଭଲ ଓ ମନ୍ଦ କାମ କରିପାରେ । ଅର୍ଥାତ୍ ଫଳମୂଳ ଓ ପନିପରିବା କାଟିବା ସହ ଦୁର୍ଗନ୍ଧ ଓ ପଚାଘା'ର ପୂଯରକ୍ତ ସଫା କରିପାରିବ କିନ୍ତୁ ସେଇ ଛୁରୀରେ ମଧ ଜଣେ ବ୍ୟକ୍ତିର ଗଳାକାଟି ନରହତ୍ୟା ଭଳି ଜଘନ୍ୟ ପାପକର୍ମ କରି ଦଣ୍ଡିତ ଓ ଅଧର୍ମ ରାସ୍ତାରେ ଯାଇ ପାରିବ । ଏଇ ସାଧାରଣ ଉଦାହରଣ ମଧ୍ୟରୁ ବ୍ୟକ୍ତିର ଚିନ୍ତା-ଚେତନା ହିଁ ତାକୁ ଏକ କର୍ମାନୁଯାୟୀ ଧର୍ମ ପ୍ରାପ୍ତି ଘଟେ ବୋଲି ଆମକୁ ଜାଣିବାକୁ ପଡ଼ିବ । ଶୁଭ-ଅଶୁଭ କର୍ମର ଫଳଲାଭ ସବୁ ସମୟରେ ନିଜ ଉପରେ ନିର୍ଭର କରେ ।

ପୁନର୍ଜନ୍ମକୁ ବିଶ୍ୱାସକୁ ନିଆଯାଏ । ପୁନରପି ଜନମଂ ପୁନରପି ମରଣଂ ପୁନରପି ଜଠରେ ଶୟନମ୍ ଭଳି ଆପ୍ତବାକ୍ୟରେ ଆମେ ସଦା ବିଶ୍ୱାସୀ ଅଟୁ । ଏଣୁ ବର୍ତ୍ତମାନର କର୍ମର ଫଳ ପୁନର୍ଜନ୍ମର ଫଳଭୋଗରେ ସଞ୍ଚିତକର୍ମ ରୂପେ ପ୍ରତିଫଳିତ ହୁଏ ବୋଲି କୁହାଯାଇଥାଏ । ସେଥିପାଇଁ ପ୍ରାରବ୍ଧ, ସଞ୍ଚିତ ଓ କ୍ରିୟମାଣ କର୍ମର ବ୍ୟାଖ୍ୟା ନିହିତ ।

ଏକ ଆଖ୍ୟାୟିକା ଅନୁଯାୟୀ ଦେବର୍ଷି ନାରଦ ତ୍ରିପୁର ଭ୍ରମଣକାରୀ । ଥରେ ଋଷି ଅଙ୍ଗିରାଙ୍କ ସହ ମର୍ତ୍ତ୍ୟଭ୍ରମଣ କାଳରେ ଉଭୟଙ୍କର ଦୃଷ୍ଟି ପଡ଼ିଲା ଏକ ଅଇଁଠାପତ୍ର ଗଦା ଉପରେ । ସେଠାରେ ଗୋଟିଏ କୁକୁର ପାଖକୁ ଆସି ଦେଖେ ତ ତା' ଚତୁଃପାର୍ଶ୍ୱରେ ଆଉକେହି ନାହାନ୍ତି । ଏଣୁ ଏହା ତା'ପାଇଁ ଅପୂର୍ବ ସୁଯୋଗ ମନେକରି ମହାନନ୍ଦରେ ଅଇଁଠାପତ୍ରକୁ ଘଟିବାକୁ ଲାଗିଲା । ମାତ୍ର ଅଚାନକ ଜଣେ ବ୍ୟକ୍ତି ଏକ ଶକ୍ତ ଠେଙ୍ଗାରେ କୁକୁରଟି ଉପରେ ପ୍ରହାର କଲେ । କୁକୁରଟି ଜୋର୍‌ରେ ଭୋକି ଭୋକି ସେ ସ୍ଥାନ ପରିତ୍ୟାଗ କରି ଖଣ୍ଡେ ଦୂରକୁ ଯାଇ ଅଇଁଠାପତ୍ର ଆଡ଼େ ଅନାଇ ରହିଲା । ସେ ତା'ର କ୍ଷୁଧା ଓ ପ୍ରବୃତ୍ତି ଆଧାରରେ ଅଇଁଠାପତ୍ର ଘଟିବାକୁ କିଛିସମୟ ପରେ ପୁନଃଶ୍ଚ ସେଠାକୁ ଆସିଥିଲା । କିନ୍ତୁ ଦୂରରେ ଲୁଚି ରହିଥିବା ଲୋକଜଣକ ଏଥର ପୁନର୍ବାର କୁକୁରଟି ଉପରେ ପ୍ରହାର କରିବା ପରେ କୁକୁରଟିର ଗୋଡ଼ରେ ଗଭୀର ଆଘାତ ଲାଗିଲା ଯେ ଖୁବ୍ କଷ୍ଟରେ ଛୋଟେଇ ଛୋଟେଇ ସେଠାରୁ ପଳାଇ ଯିବାକୁ ବାଧ ହୋଇଥିଲା । ଏହି ଘଟଣା ଦେଖି ନାରଦ ଖୁବ୍ ହସିଲେ ଆଉ କୌତୂହଳବଶତଃ ଋଷି ଅଙ୍ଗିରା ଆଶ୍ଚର୍ଯ୍ୟ ହୋଇ ନାରଦଙ୍କୁ ତାଙ୍କ ହସର କାରଣ ପଚାରି ବସିଲେ । ନାରଦ ଉତ୍ତରରେ ଯେଉଁ କଥାଟି କହିଲେ ତାହା ଥିଲେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ନାରଦ କହିଲେ - ମାଡ଼ ଖାଉଥିବା କୁକୁରଟି ପୂର୍ବଜନ୍ମରେ ଖୁବ୍ କୃପଣ ବ୍ୟକ୍ତି ଥିଲେ । ଧନ ସଂଗ୍ରହରେ ସାରାଜୀବନ ମାତି ଥିଲେ । ଦାନ ଧର୍ମ କି ଅସହାୟ ଅଭାବଗ୍ରସ୍ତ ମଣିଷକୁ କେବେ କିଛି ଦେଉ ନଥିଲେ ଅଥବା ସ୍ନେହଶ୍ରଦ୍ଧା କରୁ ନଥିଲେ । ଯେବେ ତାଙ୍କର ମୃତ୍ୟୁ ଘଟିଲା ତା'ପରେ ପୁନର୍ଜନ୍ମରେ ତାଙ୍କୁ କୁକୁର ଭାବେ ଜନ୍ମ ମିଳିଲା । ଏହା ତାଙ୍କର ପୂର୍ବ କର୍ମର ଫଳ ହେତୁ ଏ ଜନ୍ମରେ କୁକୁର ଜନ୍ମ ମିଳିଛି । ଆଉ ଯିଏ ଏବେ ତାଙ୍କୁ ଶକ୍ତ ଠେଙ୍ଗା ପ୍ରହାର କରୁଥିଲେ ସେ ଅନ୍ୟାୟ ଅନୀତିରେ ଧନସଂଚୟ କରି ଯେଉଁ ପୁଅ ପାଇଁ ରଖିଥିଲେ ସେଇ ପୁଅ ହିଁ ଏବେ ଠେଙ୍ଗା ପ୍ରହାର କରୁଛି । ଅର୍ଥାତ୍ ପୂର୍ବଜନ୍ମର କର୍ମଫଳ ଅନୁଯାୟୀ ନିଜର କ୍ଷୁଧା ନିବାରଣ ସକାଶେ ଅଇଁଠାପତ୍ରରୁ ହିଁ ଖାଦ୍ୟ ସଂଗ୍ରହ କରିବାକୁ ସେ ବାଧ ହୋଇଛନ୍ତି । ଏହା ହେଉଛି କର୍ମର ଫଳ । ବାସ୍ତବରେ ଏହି ଆଖ୍ୟାୟିକା ଭିତରୁ ଆମର ଚେତନାଶକ୍ତିକୁ ଜାଗ୍ରତ କରାଇ ନିଜର ସୁକର୍ମ ଓ କୁକର୍ମର ପରିଣାମ ଉପରେ ସିଦ୍ଧାନ୍ତ ନେଇପାରିଲେ ହିଁ କର୍ମଫଳର ପରିଣାମକୁ ଜନ୍ମ-ଜନ୍ମାନ୍ତର ଭୋଗିବାର ଦିଗକୁ ସାବ୍ୟସ୍ତ କରିପାରିବା ।

## ଧାରାବାହିକ ଉପନ୍ୟାସ

# ନାତି



ଭାଗ-୨୪

(ପୂର୍ବ ପ୍ରକାଶିତ ଉତ୍ତାରୁ..)


ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨




ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଚ୍ଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ

ଦୀନନାଥଙ୍କ ଭିତରୁ ସେହି ମୁହୂର୍ତ୍ତରେ ଯେମିତି କିଏ କହୁଥିବାର ଶୁଣାଗଲା, 'ନିରୀହ ନିଷ୍ପାପ ନବଜାତକ ପ୍ରତି ଏ ଅବିଚାରର ଫଳ ଅବଶ୍ୟ ତୁମକୁ ଭୋଗ କରିବାକୁ ପଡ଼ିବ ଦୀନନାଥ । ଏ ଯେଉଁ ଉତ୍ତେଜନା, ଯେଉଁ ଯନ୍ତ୍ରଣା, ଯେଉଁ ଦହନ ତାହାହିଁ ତୁମର ଉଚିତ ପ୍ରାପ୍ୟ ଓ ପ୍ରାୟଶ୍ଚିତ । ପ୍ରାୟଶ୍ଚିତ ନ କଲେ ପାପ ଖଣ୍ଡନ ହୁଏନା । ତୁମର ତ୍ରୁଟିପୂର୍ଣ୍ଣ ସିଦ୍ଧାନ୍ତର, ଅପ୍ରାକୃତିକ ଆଚରଣର ଏହା ହିଁ ଯଥାର୍ଥ ସଂଶୋଧନ । ତୁମେ କାତର ହୁଅନା, ତୁମକୁ ୟା'ପରେ କିଛି ମହତ୍ତର ପ୍ରାପ୍ତି ହେବ ।'

ସେତେବେଳକୁ କାହିଁ କେତେ ଦୂର ଅତିକ୍ରମ କରିସାରିଥିଲା ଆମ୍ବୁଲାନ୍‌ସ । ପୁଅ ଉପରୁ ଦୃଷ୍ଟି ପ୍ରତ୍ୟାହୃତ କରି ତୀକ୍ଷ୍ଣ ନଜରରେ ଭବେଶ ଦେଖୁଥିଲା ଧନେଶ୍ୱରକୁ ଓ ତା'ର ଗାଡ଼ି ଚାଳନାକୁ । ଏମିତି ତା'ର ମନେ ହେଉଥିଲା, ଗୁଳିବିଦ୍ଧ କରି ଧନେଶ୍ୱରକୁ ହତ୍ୟା କରିଦେବାକୁ । ହଠାତ୍ ଭବେଶ ପାଟି କରି ଉଠିଲା -

"ହେ, ହେ, ଗାଡ଼ି ଚଳଉ ଚଳଉ ଶୋଇ ପଡୁଛୁ କ'ଣ ? ତୁ ଜାଣିଚୁ, ଗୋଟେ ପିଲା ସହିତ ଚାରୋଟି ମୂଲ୍ୟବାନ୍ ଜୀବନ ନେଇ ତୁ କଟକ ଯାଉଛୁ ! ବାପା ! ଏଇଟା ଗାଡ଼ି ଚଳଉ ଚଳଉ ଶୋଇ ପଡୁଛି । କେତେବେଳେ ଗାଡ଼ିକୁ ମଝି କଲଭର୍ଟରେ ବାଡ଼େଇ ଦେବ, କହି ହେବନି ।"

ଦୀନନାଥଙ୍କର ସମସ୍ତ ଧୈର୍ଯ୍ୟର ବନ୍ଧ ଭାଗିଂଗଲା । ସେ ମଧ ଭବେଶ ସହିତ ସ୍ୱର ମିଳେଇ ପାଟିକଲେ -

"ଆବେ ହେ ! ଶଳା ମଦ ପିଇକି ତୁ ଗାଡ଼ି ଚଳଉଛୁ ? ରଖ୍ ଗାଡ଼ି ! ଆଉ ତୁ ଧାପେ ଆଗକୁ ଯାଅନା । ଗାଡ଼ି ସାଇଟ୍ କର ! ଏବଂ ଓହ୍ଲା ଗାଡ଼ିରୁ । କହିଲିନା ଗାଡ଼ି ରଖ୍ ।" - ଶେଷ ଆଡ଼କୁ କେମିତି ଏକ ଚିତ୍କାର ଭଳି ଶୁଣାଗଲା ଦୀନନାଥଙ୍କ ସ୍ୱର ।

ଜାତୀୟ ରାଜପଥର ଗୋଟିଏ କଡ଼କୁ ଗାଡ଼ି ଅଟକେଇଲା ଧନେଶ୍ୱର । ଦେହରୁ ତା'ର ଗମ୍ ଗମ୍ ହୋଇ ଝାଳ ବୋହିଯାଉଛି । ନିଶ୍ୱାସ ସହିତ ହାକୁଟି ବାହାରି ଆସୁଛି, ଯେଉଁଥିରୁ ଦେଶୀ ମହୁଲିର ତୀବ୍ରଗଂଧ ନାକପୁଡ଼ା ରୁନ୍ଧି ଦେଉଛି ।

ଗାଡ଼ି ଯେଉଁଠି ଅଟକିଲା, ଦୀନନାଥ ଦେଖିଲେ ବାଁ ପାଖରେ ଏକ ଚାହା ପାନ ଦୋକାନ, ଆଗକୁ ପଡ଼ିବ ସୋର ବଜାର । ତୀବ୍ର ନିର୍ଦ୍ଦେଶ କଲାଭଳି କହିଲେ -

"ଓହ୍ଲା ଗାଡ଼ିରୁ ଏବଂ ଶୀଘ୍ର ପାଣି ବୋତଲ ନେଇ ମୁହଁହାତ ଧୋଇପକା । ତୋ ନିଦ ଛାଡ଼ିଯାଉ ।" ଲିପୁ ଉଦ୍ଦେଶ୍ୟରେ କହିଲେ -

"ତାକୁ ପାଣି ବୋତଲ ଦେ' । ଡାକି ନେଇ ଯାଆ ସେ ପାନ ଦୋକାନ ପର୍ଯ୍ୟନ୍ତେ। ମୁହଁଧୋଇ ଯଦି ପାନ ଖାଇବ ତାକୁ ଦେ । ଟିକେ ଚାଲିଲେ ବି ତା' ନିଦ ଭାଂଗିଯିବ ।"

ଧନେଶ୍ୱର ସଂପର୍କରେ କିଛି ପରାମର୍ଶ କରିବାକୁ ଚାହୁଁଥିଲେ ଦୀନନାଥ ଜ୍ୱାଇଁଙ୍କ ସହିତ । ଧନେଶ୍ୱର ଟିକେ ଦୂରେଇ ଗଲାପରେ -

"କ'ଣ କରିବା ? ମୁଁ ଭାବୁଛି, ସୋର ଟ୍ୟାକ୍‌ସି ଷ୍ଟାଣ୍ଡରୁ ଗୋଟେ ଡ୍ରାଇଭର ଠିକ୍ କରି ଆମେ ଏଇ ଆମ୍ବୁଲାନ୍‌ସରେ କଟକ ଚାଲିଯିବା । ମୋର ଏକଦା ଜଣେ ଛାତ୍ର ସୋର ଥାନା ଅଧିକାରୀ ଭାବେ ଅବସ୍ଥାପିତ । ତାକୁ ଫୋନ୍ କଲେ ଆସି ଏଇଟାକୁ ମଦପିଇ ଆମ୍ବୁଲାନ୍‌ସ ଚଳଉଥିବା ଅପରାଧରେ ଥାନାରେ ଅଟକ ରଖି ପୂରା ଥଣ୍ଡା ବନେଇ ଦିଅନ୍ତା !" - ଅତ୍ୟନ୍ତ ନିର୍ମମ ଏବଂ କଠୋର ପରାମର୍ଶଟିଏ ଦୀନନାଥଙ୍କ ମୁଣ୍ଡ ଭିତରୁ ସଦ୍ୟ ବାହାରି ପଡ଼ିଲା ।

"ନାଇଁ ବାପା ! ଝମେଲା ବଢ଼ିବ ଏବଂ ଅଯଥା ବିଳମ୍ବ ହେବ । ଗୋଟାଏ ମୁହୂର୍ତ୍ତ ଆମ ପାଇଁ ଅମୂଲ୍ୟ ସଂପଦ । ଭଦ୍ରକରୁ ଦାଦା ଯିବେ ଆମ ସାଂଗରେ । ସେ ୟା' ପାଖରେ ବସି ଏକୁ ତାଗିଦ୍ କରିବେ । ଭାବୁଛି କିଛି ଅସୁବିଧା ହେବନି ।"

ଭବେଶ କଥାରେ ଦୀନନାଥ ସାମାନ୍ୟ ଆଶ୍ୱସ୍ତ ହେଲେ ଏବଂ ନୀରବ ରହିଲେ ।

ଆଖି ମୁହଁ ଭଲଭାବେ ଧୋଇ  ପାଟିରେ ପାନ ପୂରେଇ ଧନେଶ୍ୱର ଆମ୍ବୁଲାନ୍‌ସ ଭିତରକୁ ଆସିଲା । ସ୍ୱାଭାବିକ ଗଳାରେ ଦୀନନାଥ କହିଲେ -

"ଏଥର ନିଦ ଛାଡ଼ି ଭଲକରି ଗାଡ଼ିଚଳା ଏବଂ ଭାବ ଯେ, ତୁ ପିକ୍‌ନିକ୍ କରିବାକୁ ଯାଉନାହୁଁ । ପେସେଣ୍ଟ୍ ଧରି କଟକ ଯାଉଛୁ ।"

ଧନେଶ୍ୱର ଶୁଣିଲା କି ନାହିଁ କେଜାଣି ! କିନ୍ତୁ ପୂର୍ବବତ୍ ଗାଡ଼ି ଚଳଉ ଥିଲା । ଅବଶ୍ୟ ଟିକେ ସତର୍କତାର ସହିତ ।

ଭଦ୍ରକରେ ଆମ୍ବୁଲାନ୍‌ସ ପହଞ୍ଚିଲା କିଂଚିତ୍ ବିଳମ୍ବରେ, ଅର୍ଥାତ୍ ବାରଟା ପନ୍ଦର ମିନିଟ୍‌ରେ । ନିର୍ଦ୍ଧାରିତ ସ୍ଥାନରେ ଅପେକ୍ଷା କରି ଛିଡ଼ା ହୋଇଥିଲେ ସମୁଦି ଦେବାନନ୍ଦ ବାବୁ ଓ ତାଙ୍କ ସାନଭାଇ ରବିକୁମାର । ନର୍ଧୂମ୍ ମଧ୍ୟାହ୍ନ । ମାର୍ଚ୍ଚମାସର ମଳୟ ପରିବର୍ତ୍ତେ ଝାଞ୍ଜି ପବନ ସାଂଗକୁ ଡାଆଁଣ ବିନ୍ଧା ଖରା ତେଜରେ ଲାଲ ପଡ଼ି ଆସିଥିଲା ସେମାନଙ୍କ ମୁଖମଣ୍ଡଳ । ଉଭୟେ ଦିଶୁଥିଲେ ବିଷଣ୍ଣ ଓ ସନ୍ତାପିତ । ଓଷ୍ଠାଧର ଶୁଖି ବିବର୍ଣ୍ଣ ଦିଶୁଥିଲା । ଏକ ଆସନ୍ନ ବିପଦର ଆଶଂକା କରି ଦୁଇଭାଇଯାକ ନିସ୍ତେଜ ହୋଇ ପଡ଼ିଥିଲେ । ତଥାପି ରବିକୁମାର ସ୍ୱାଭାବିକ ହେବାକୁ ଯତ୍‌ରୋପନାସ୍ତି ଚେଷ୍ଟା କରୁଥିଲେ ।

"ଆପଣ ସେଇ ଆଗସିଟ୍‌ରେ ବସନ୍ତୁ, ଡ୍ରାଇଭର୍ ପାଖରେ । ମଦପିଇ ବେପରୱା ଗାଡ଼ି ଚଳଉଛି ସେ, ତା' ଉପରେ ଟିକେ ନଜର ରଖନ୍ତୁ । କାରଣ ମଝିରେ ମଝିରେ ସେ ଢୁଲେଇ ପଡୁଛି ।" - କହିଲେ ଦୀନନାଥ ସାନ ସମୁଦିଙ୍କ ଉଦ୍ଦେଶ୍ୟରେ ।

ଆଉ ଏପଟେ ଆମ୍ବୁଲାନ୍‌ସର ଡୋର୍ ଖୋଲି ଅଧା ଭିତରକୁ ଉହୁଙ୍କି ଆସିଲେ ଦେବାନନ୍ଦ ବାବୁ । ନାତି ଉପରେ ଟିକେ ହାଲୁକା ନଜର ବୁଲେଇ ଆଣିଲେ । ଠିକ୍ ସେତିକିବେଳେ ଆଖି ଖୋଲି ଚାହିଁଲା ନାତି । ପରସ୍ପର ଆଖି ମିଶିଗଲା ହୁଏତ । ହଠାତ୍ କିନ୍ତୁ କାନ୍ଦ ଆରମ୍ଭ କରିଦେଲା ନାତି । ଦୀନନାଥ ଚମକି ପଡ଼ିଲେ । ଦୀର୍ଘ ସମୟ ପରେ ସେ ତା'ର କାନ୍ଦ ଶୁଣିବାକୁ ପାଉଛନ୍ତି । କିଛି କରିସ୍ଥା ହେଲା ନାହିଁ ତ ଆଉ !

କାନ୍ଦିବା ଭିତରେ ତା'ର ସେହି ଅଭିଯୋଗ ଯେମିତି ପୂରି ରହିଥିଲା । ସେ ଅନୁନୟ କରୁଥିଲା ଜେଜେଙ୍କ ପାଖରେ - "ମୋତେ ଏ ଆମ୍ବୁଲାନ୍‌ସ ଭିତରୁ ମୁକୁଳେଇ ନେଇଯାଅ ଜେଜେ !" । ଛଳଛଳ ହୋଇ ଭବେଶ ଉଦ୍ଦେଶ୍ୟରେ କହିଲେ ଦେବାନନ୍ଦ ବାବୁ -

"ନାତିକୁ ଯେତେ ଶୀଘ୍ର କଟକରେ ପହଞ୍ଚେଇ ଦେ । ଯେତେ ଟଙ୍କା ଖର୍ଚ୍ଚ ହେବ ପଛେ ହେଉ, ତା'ର କିନ୍ତୁ ଭଲ ହେବା ଦରକାର ।"

ହେଲେ କ'ଣ ତା'ର ରୋଗ ? ଏ କଥାଟିକୁ କେହି ବି ଗଭୀର ଅନୁଧ୍ୟାନ କରୁ ନଥିଲେ । ଶିଶୁ ବିଶେଷଜ୍ଞ ନୀଳମାଧବ ବାବୁ କହିଛନ୍ତି, ପିଲା ଭଲ କାନ୍ଦିପାରୁ ନାହିଁ । ଏଣୁ ସେ କଟକ ସ୍ଥାନାନ୍ତର ହେବ । ସେହି ହୋ-ହଲ୍ଲାରେ ସମସ୍ତେ କହୁଛନ୍ତି ସେ କଟକ ଯାଉ । ବଡ଼ ଡାକ୍ତର, ବଡ଼ ନର୍ସିଂହୋମ୍, ଭଲ ଯନ୍ତ୍ରପାତି ତା' ପାଇଁ ବିନିଯୋଗ ଅପେକ୍ଷାରେ ଅଛନ୍ତି ।

ଏଣେ ବାସ୍ତବିକତା ଥିଲା କିଛି ଅଲଗା । ଗାଡ଼ି ଆଗକୁ ଆଗକୁ କ୍ଷିପ୍ର ଗତିରେ ମାଡ଼ିଚାଲିଲା । ସେହି ଅନୁପାତରେ ନାତିର କାନ୍ଦିବା ତୀବ୍ରରୁ ତୀବ୍ରତର ହେଲା। କୋଳ ଉପରେ ଭବେଶ ଯେତେ ହଲେଇଲେ ବହଲେଇଲେ ବି ତା'ର କାନ୍ଦଣା ବନ୍ଦ ହେଉନଥିଲା । ମାସକର ଶିଶୁପରି ସେ ରାହାଧରି କାନ୍ଦିବା ଆରମ୍ଭ କରି ଦେଇଥିଲା ।

ଜନ୍ମମାତ୍ରେ ହିଁ ପ୍ରତିଟି ଶିଶୁ ଆବଶ୍ୟକ କରିଥାଏ ମା' କ୍ଷୀର କିମ୍ବା ତା'ର କୌଣସି ବିକଳ୍ପ । ଖାଦ୍ୟବିନା ତା' ପକ୍ଷେ ବଂଚିବା ଦୁଃସାଧ୍ୟ । ଅପ୍ରାକୃତିକ ଉପାୟରେ ତାକୁ ଯଦି ବଂଚେଇ ରଖାଯାଏ, ତାହେଲେ ସେ କ୍ରମଶଃ ଦୁର୍ବଳ ହୋଇଯାଏ । କ୍ଷୀଣ ହୋଇଆସେ ଶକ୍ତି ଓ ପ୍ରାଣସତ୍ତା । ଏହା ପ୍ରାକୃତିକ ନିୟମ । ଏହାର ବ୍ୟତିକ୍ରମ କୌଣସି ଅଘଟଣ ଆଡ଼କୁ ବାଟ କଢ଼େଇ ନିଏ । ଦୀନନାଥ ଦେଖିଲେ ନାତି ଜନ୍ମହେବାର ଦୀର୍ଘ ଅଠେଇଶ ଘଣ୍ଟା ଅତିକ୍ରମ କରିଯାଇଥିଲେ ବି ତା' ପାଟି ଓଦା ହୋଇନାହିଁ । ହାତରେ ଛୁଞ୍ଚି ଫୋଡ଼ାଯାଇ ଯେଉଁ ସାଲାଇନ୍ ଦିଆଯାଇଛି, ତାହା ଖାଦ୍ୟପେୟର ସଂପୂର୍ଣ୍ଣ ବିକଳ୍ପ ନୁହେଁ । ସେଥିପାଇଁ ପୂର୍ବଦିନ ଅପରାହ୍ଣରେ ନିସ୍ତେଜ ହୋଇ ପଡ଼ିଥିବା ଶିଶୁ ଏତେ ଚିତ୍କାର କରି କାନ୍ଦୁଛି କିପରି ? ଅଥଚ ଦେଖ ! ସେଇ ନ କାନ୍ଦିବା ଯୋଗୁଁ ଗୋଟିଏ ଡାକ୍ତରଖାନାରୁ ଆଉ ଏକ ଉନ୍ନତ ଘରୋଇ ନର୍ସିଂହୋମ୍‌କୁ ସ୍ଥାନାନ୍ତର କରାଯାଉଛି ତାକୁ ।

ନିରବଚ୍ଛିନ୍ନ ଭାବେ ନାତି କାନ୍ଦୁଥିବାର କୌଣସି ହେତୁ ଖୋଜି ପାଉ ନ ଥିଲେ ଦୀନନାଥ । ମା' ଗର୍ଭରେ ଥାଇ ଗୋଟେ ଶିଶୁ ପରିବାରର ସବୁ ଲୋକଙ୍କୁ ଚିହ୍ନିଥାଏ । ରକ୍ତ ସଂପର୍କିତ ଲୋକମାନଙ୍କୁ ଦେଖିଲେ ସେ ଖୁସି ହୁଏ, ବହିରାଗତ ଲୋକଙ୍କୁ ଭୟ କରେ, କୌଣସି ବିକଟ ଶବ୍ଦ କି ଚିତ୍କାରରେ ଡରିଯାଏ, ଲଳିତ ସୁମଧୁର ସ୍ୱରକୁ କାନଡେରି ଶୁଣେ, କଳିକଜିଆ, ଝଗଡ଼ା, ପାଟିତୁଣ୍ଡକୁ ଜଣେ ସାଧାରଣ ମଣିଷ ପରି ପ୍ରତିକ୍ରିୟା ପ୍ରକାଶ କରେ । ତା'ର ମୈତ୍ରୀ ଏବଂ ସମଭାବାପନ୍ନ ଆତ୍ମା ପ୍ରତି ଆକର୍ଷଣ ଅନୁଭବ କରେ । ବାପା, ମା', ଜେଜେବାପା, ଜେଜେମା' ଇତ୍ୟାଦି ସଂପର୍କର ଲୋକମାନଙ୍କୁ ସେ ଭଲଭାବେ ଚିହ୍ନିଥାଏ । ଏ ତତ୍ତ୍ୱଟି ଆଧୁନିକ ଚିକିତ୍ସାବିଜ୍ଞାନ ସିଦ୍ଧ କରିଛି କି ନାହିଁ, ତାହା ଦୀନନାଥଙ୍କୁ ଜଣାନାହିଁ । କିନ୍ତୁ ତାଙ୍କର ଦୃଢ଼ ଧାରଣା ଯେ, ଏହିପରି ସବୁ କ୍ରିୟା ପ୍ରତିକ୍ରିୟା ଗର୍ଭସ୍ଥ ଶିଶୁ ଭିତରେ ସକ୍ରିୟ ଥାଏ । ପୂର୍ବଜନ୍ମ ସତ୍ୟ ଏବଂ ସେଇ ଧାରାରେ ପରଜନ୍ମ ବି । ମାତୃଗର୍ଭ ଏକ ଆତ୍ମା ପାଇଁ ଏମିତି ଏକ ସ୍ଥାନ, ଯେଉଁଠି ଗର୍ଭସ୍ଥ ଶିଶୁଟିର ତା'ର ପୂର୍ବ ଜନ୍ମ କଥା ସ୍ପଷ୍ଟଭାବେ ତା' ସ୍ମୃତିରେ ଉଜ୍ଜୀବିତ ଥାଏ । କେଉଁ ଆତ୍ମା କେଉଁ ମାତାଙ୍କ ଗର୍ଭରୁ ଜନ୍ମନେବ, ତାହା ସେ ନିଜେ ହିଁ ସ୍ଥିର କରିଥାଏ  । ତାହା ପୂର୍ବଜନ୍ମର କର୍ମ ଏବଂ ସଂସ୍କାର ତାକୁ ସେହିପରି ସଂସ୍କାରିତ ପିତାମାତା, ପରିବାର ଓ ଅନୁରୂପ ଭୂମିଖଣ୍ଡରେ ଜନ୍ମନେବାକୁ ଆକର୍ଷିତ କରିଥାଏ । - ଏମିତି କିଛି ବିଶ୍ୱାସ ଦୀନନାଥଙ୍କ ଭିତରେ କାହିଁକି କେଜାଣି ବଳବତ୍ତର ରହିଛି । ହୁଏତ ଏହା ତାଙ୍କର ନିଜସ୍ୱ ଭାବନା ।

ନିଜ ଜେବୋପାଙ୍କ ପାଇଁ ହୁଏତ ନାତି କାନ୍ଦୁଛି - ଏମିତି ଲାଗିଲା ଦୀନନାଥଙ୍କୁ । ନ ହେଲେ ଗତକାଲି ଅପରାହ୍ନରୁ ନିସ୍ତେଜ ହୋଇ ପଡ଼ିଥିବା ଶିଶୁ ଏମିତି କରୁଣ ଭାବେ କାନ୍ଦୁଛି କାହିଁକି ?

ଗାଡ଼ି ଭିତରେ ସଭିଏଁ ପିଲାର କାନ୍ଦଣାରେ ତାଜୁବ୍ ହୋଇ ପରସ୍ପର ପରସ୍ପର ମୁହଁକୁ ଚାହୁଁଥିଲେ । ସମସ୍ତଙ୍କ ଆଖି କୋଣ ଓଦା । ଭବେଶର ମୁହଁ ଆହୁରି କରୁଣ ଦିଶିଲା ଦୀନନାଥଙ୍କୁ । ଟିକେ ପୁଅକୁ ହଲେଇ ଦେବାକୁ କହିଲେ ଦୀନନାଥ । ଭବେଶ ତାହା କରିବା ସତ୍ତ୍ୱେ ବି କାନ୍ଦିବା ତା'ର ବନ୍ଦ ହେଲାନାହିଁ । ଦୀନନାଥ ନିଜେ କର ସ୍ପର୍ଶ ଦେଲେ ନାତିକୁ । ନିଜର ପାପୁଲିକୁ ହାଲୁକା କରି ତା'ଛାତି ଉପରେ ରଖିଲେ । କିନ୍ତୁ ଆଶ୍ଚର୍ଯ୍ୟ ! ଦୀନନାଥଙ୍କ କରସ୍ପର୍ଶ ପାଇ ନାତି କ୍ରମଶଃ ଚୁପ୍ ହୋଇଗଲା ଏବଂ ଓଠ ଚୁମି ଚୁମି ଦୁଇ ମିନିଟ୍ ଭିତରେ ଶୋଇ ପଡ଼ିଲା ।

"ଶୋଇ ପଡ଼ିଲା ବୋଧହୁଏ ?" - ଭବେଶକୁ ଲକ୍ଷ୍ୟ କରି ଦୀନନାଥ ପ୍ରଶ୍ନ କଲେ । କିନ୍ତୁ ଦୀନନାଥଙ୍କ କଥାରେ କୌଣସି ପ୍ରତ୍ୟୁତ୍ତର କଲାନାହିଁ ଭବେଶ । ବରଂ ସେ ସନ୍ଦେହପୂର୍ଣ୍ଣ ଚକ୍ଷୁରେ ଦେଖୁଥିଲା ପୁଅକୁ । ଆଉ ଭାବୁଥିଲା - ଡାକ୍ତରଙ୍କ କହିବା ଅନୁସାରେ ଏହା କନ୍‌ଭଲସନ୍ ନୁହଁ ତ ! ଦୃଷ୍ଟି ତା'ର ଆଉ ଟିକେ ଶାଣିତ ହେଲା ପୁଅ ଉପରେ । ଯେହେତୁ ସେ ବି ଜଣେ ଡାକ୍ତର । (କ୍ରମଶଃ)



ମୂଳ ହିନ୍ଦୀ- ସାରିକା ଅନୂପ ଯୋଷୀ

ଅନୁବାଦ ଗଳ୍ପ

# ମାପଦଣ୍ଡ

ଅନୁବାଦ- ବିନୟ କୁମାର ଦାସ

"ଆରେ  ଓ ଶୋଭା, ସବନମ୍, ମାଧୁରୀ, ମୀନା..ଆସ ମ । କଣ ପାଇଁ ଆଜି ଏତେ ବିଳମ୍ବ କରୁଛ ? ଜାଣିଛ ତ ଆଜି ବଡ କଲୋନୀକୁ ଯିବାର ପ୍ରୋଗ୍ରାମ ଅଛି । ଖବର ମିଳିଛି , ସେଠାରେ ଚାରି ଚାରିଟା ଘରେ ପୁତ୍ର ସନ୍ତାନ ଜନ୍ମ ହୋଇଛନ୍ତି । ଭଲ କିଛି ମିଳିଯିବ ।"

"ସେଠାକୁ ତ ଯିବା । ପ୍ରଥମେ ଏ ଏରିଆରୁ ବହନି କରିକି ଯିବା ।" କହିଲା ମାଧୁରୀ ।

"ହଉ ଠିକ୍ ଅଛି । ତୁ ଅନ୍ୟମାନଙ୍କୁ ନେଇ ସେ ରୟାଲ ଗଳି ବାଟେ ଯା, ସେଇଠି ଭେଟିବା ସମସ୍ତେ । ମୁଁ ମୀନା, ମଲ୍ଲୀ ଆଉ ବିନି ସହିତ ଏଇ ବାଟେ ଯାଉଛି । ଦେଖ , ବେଶୀ ଡେରି କରିବ ନାହିଁ । "

କିନ୍ନରମାନଙ୍କ ମୁଖ୍ୟ ସୋନାଲି ତା ଷ୍ଟାଇଲ୍‌ରେ ଆଦେଶ ଦେଲା ସାଥୀ କିନ୍ନରମାନଙ୍କୁ । ସମସ୍ତେ ଆଜି ଚକାଚକ୍ ବେଶ ହୋଇଛନ୍ତି । ମୁହଁରେ ହସ ଉଚ୍ଛୁଳି ପଡୁଥାଏ । ଲିପ୍‌ଷ୍ଟିକ୍ ବୋଳା ଓଠ ଭିତରୁ ସୁନ୍ଦର ଦାନ୍ତଗୁଡିକ ଚିକିମିକି କରୁଥାଏ । ନିଜ ନିଜ ଅନ୍ଦାଜରେ ତାଳି ମାରି ସେମାନେ ବାହାରି ପଡିଲେ ବସ୍ତିରୁ ।

ବଡ କଲୋନୀର ମୀରାଦେବୀଙ୍କୁ ତାଙ୍କ ପଡୋଶିନୀ ସରିତା ତା ଦୁଃଖ ବଖାଣୁଥିଲା । କହୁଥିଲା  "ଭାଉଜ, ମୋ କପାଳ ଫଟା । ଏତେଦିନ ପରେ ଭଗବାନ ଦୟା କରି ମୋତେ ମାଆ ବନାଇଲେ , ହେଲେ ଯାଆଁଳା ପୁଅ କାହିଁକି ଜନ୍ମ କଲି, ସେତକ ମୋ ଶାଶୁମା ସହି ପାରୁ ନାହାନ୍ତି । ତୁମେ କହିଲ ଭାଉଜ , ଏଥିରେ ଭଲା ମୋର କେଉଁଠି ଦୋଷ ରହିଲା ? ପୁଅ ହେବ କି ଝିଅ ହେବ , କି ଯାଆଁଳା ପିଲା ହେବ, ସେଥିରେ ମାଆ କଣ କରି ପାରିବ ? ମୋର ସବୁ ହସଖୁସି ଆଉ ଆନଂଦକୁ ସେ ନଷ୍ଟ କରିଦେଇ ସାରିଲେଣି । ହେଇ ଭାଉଜ, ଆମ ଘର ଆଡକୁ କିନ୍ନରଦଳ ଆସୁଛନ୍ତି, ଏମାନଙ୍କୁ ଦେଖି ଶାଶୁମା ମୋ ଉପରେ ଆହୁରି ରାଗିବେ । ଦୁଇ ଦୁଇଟା ପୁଅ ପାଇଁ ଯେ ସେମାନଙ୍କୁ ପଇସା ଦେବାକୁ ପଡିବ ।" ଏତକ କହିଦେଇ ସେ ତରତର ହୋଇ ଘର ତା ଭିତରକୁ ପଶିଗଲା  ଆଉ ଦରଜା ବନ୍ଦ କରିଦେଲା ।



ସୋନାଲି ତା ଦଳବଳ ସହିତ ସେଠି ଆସି ପହଁଚି ଗଲା । ତାକୁ ସମସ୍ତେ ଦିଦି ଦିଦି ବୋଲି ଡାକନ୍ତି । ତା ବ୍ୟବହାର ଖୁବ୍ ଭଲ । କଥା ବାର୍ତାରେ ଯଥେଷ୍ଟ ଶାଳୀନତା ରକ୍ଷା କରେ ସେ । ସବୁବେଳେ ହସହସ ମୁହଁ । କାହାରି ମନରେ ଦୁଃଖ ଦେବା ଭଳି କଥା ସେ କୁହେ ନାହିଁ । ତାକୁ ସମସ୍ତେ ଏଠାରେ ଭଲ ପାଆନ୍ତି । ମୀରାଦେବୀଙ୍କ ପାଖକୁ ଆସି ତାଙ୍କ ହାଲଚାଲ ପଚାରିଲା । ସେ ତାକୁ ହୋଲି ଟିପ୍ସ ଶହେ ଟଙ୍କା ଦେଲାବେଳେ ସେ କହିଲା ,

"ଏଇ ଟିକକ ଆଗରୁ ଆପଣଙ୍କ ପଡୋଶୀ ଘର ବୋହୂ ଏଠାରେ ଛିଡା ହୋଇଥିଲେ । ହଠାତ୍ କୁଆଡେ ଚାଲିଗଲେ କି ?"

"ଘର ଭିତରକୁ ଚାଲିଗଲା । ତା ଦୁଃଖ କାହାଣୀ ମୋତେ ଶୁଣାଉ ଥିଲା, ତୁମମାନଙ୍କୁ ଦେଖି ପଳାଇଲା ।"

"ତାର ପୁଅ ହୋଇଛି ପରା...ପୁଅ ହେଲେ କଣ ଦୁଃଖ ହୁଏ କି ...କି କଥା ଇଏ ? କଣ ହୋଇଛି ?"

"ତାର ଯାଆଁଳା ପୁଅ ହୋଇଛି....ତେଣୁ ତା ଶାଶୁମା ତା ଉପରେ ରାଗୁଛନ୍ତି ।"

"ଓ... ଏଇକଥା ।" ଏତକ କହିଦେଇ ସେ ଦଳବଳ ସହିତ ତାଙ୍କ ଘରକୁ ଗଲା । କବାଟ ଠକଠକ କଲା । ଶାଶୁମା ନିଜେ ଆସି କବାଟ ଖୋଲି ଦେଲେ । ସୋନାଲି ତା ଅନ୍ଦାଜରେ ତାଳି ମାରିବାରୁ ଅନ୍ୟମାନେ ବି ତାଳ ଦେଇ ତାଳି ମାରିଲେ ।

"ତୁମ ବୋହୂକୁ କୁହ ସେ ତା ଦୁଇ ପୁଅକୁ ନେଇ ବାହାରକୁ ଆସୁ । ଆମେ ତା ପୁଅକୁ ଆଶୀର୍ବାଦ କରିବାକୁ ଆସିଛୁ ।"

କିଛି କ୍ଷଣ ପରେ ସରିତା ଆସିଲା ତା ଦୁଇ ପୁଅଙ୍କୁ ନେଇ । କିନ୍ନରମାନେ ତାଙ୍କ ଆଶୀର୍ବାଦ ଗୀତ ତାଳି ମାରି ଗାଇଲେ । ସୋନାଲି ଗୋଟିଏ ପାଁଚଶହ ଟଙ୍କିଆ ନୋଟ୍ ଧରି ଗୋଟିଏ ପୁଅ ମଥା ଉପରେ ତା ଢଂଗରେ ବୁଲାଇ ଆଣି କହିଲା,  ରାଜାବେଟା... ନେ.. ଏଇଟା ଆମ ତରଫରୁ ତୋତେ ଭେଟି ।" ତାପରେ ତାକୁ ସମସ୍ତେ ମିଶି ଆଶୀର୍ବାଦ କଲେ । ପୁଣି ଆଉ ଗୋଟିଏ ପାଁଚଶହ ଟଙ୍କା ଅନ୍ୟ ପୁଅ ଉପରେ ବୁଲାଇ ସେମିତି କଲେ । ତାପରେ ଶାଶୁମାଙ୍କୁ ସୋନାଲି କହିଲା, "ମାଆ, ତୁମେ କଣ ଭାବୁଚ ଆମେ ସବୁବେଳେ ଖାଲି ମାଗିବାକୁ ଆସୁ ? ନା, ସେମିତି ଜମା ବି ଭାବିବ ନାହିଁ । ଆମେ ଖୁସି ଆଶୀର୍ବାଦ ବାଁଟିବାକୁ ଆସୁ । ଦୁନିଆରେ ସମସ୍ତେ ସୁଖରେ ରୁହନ୍ତୁ, ଏତକ ଆମେ ସବୁବେଳେ ଚାହୁଁ । ତୁମ ନାତି ଦୁଇଜଣ ଖୁବ୍ ଭାଗ୍ୟବାନ ମାଆ..ଆମ ଆଶୀର୍ବାଦ ରହିଲା । ତୁମକୁ ଆଜି କିଛି ଦେବାକୁ ପଡିବ ନାହିଁ । ସଦା ଖୁସ୍ ରହୋ... ଆସରେ ଏ ସବନମ୍, ମୀନା, ମାଧୁରୀ, ..ଜଲଦି ଚାଲ..ଆର କଲୋନୀକୁ ଯିବା ପରା !"


+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯



ମାୟାଧର ନାୟକ

# ସବୁ ଲେଖା – ଲେଖା ନୁହେଁ

ଆଦିମ ଅରଣ୍ୟର ଅଭେଦ୍ୟ ଅଭ୍ୟନ୍ତରରୁ ସେଦିନ ଉଚ୍ଚାରିତ ହେଉଥିଲା ସେଇସବୁ ଉଦାତ ଶବ୍ଦଲହରି । ଲିପି ନଥିଲା, ନଥିଲା ବର୍ଣ୍ଣମାଳାର ବନ୍ଧନ । ମୁକ୍ତସ୍ରୋତ ପରି, ଉଚ୍ଛଳ ଝରଣା ପରି ସାହିତ୍ୟର ଅଭିବ୍ୟକ୍ତି ଥିଲା ଅକପଟ ଏବଂ ଅନ୍ତରଙ୍ଗ । ହୃଦୟର ଭାଷାସଂଚରି ଯାଉଥିଲା ହୃଦୟକୁ । ଶ୍ରୁତି ଏବଂ ସ୍ମୃତି ମାଧମରେ ଦୀର୍ଘକାଳବ୍ୟାପୀ ଅବ୍ୟାହତ ରହିଥିଲା ଏହି ଧାରା । ଭାରତୀୟ ପରମ୍ପରାର ଏହି ଆଦି ପର୍ଯ୍ୟାୟର ସାହିତ୍ୟ ମୁଖ୍ୟତଃ ଉଦ୍ଦିଷ୍ଟ ଥିଲା ଏକ ନୈତିକ ମୂଲ୍ୟବୋଧର ଜାଗରଣ ନିମନ୍ତେ । ପରେ ଏହି 'ନୈତିକତା' ଧୀରେ ଧୀରେ 'ଧର୍ମ'ର ବନ୍ଧନୀରେ ଛନ୍ଦିହେଲା- ବନ୍ଦୀ ହେବାକୁ ଆରମ୍ଭ କଲା ସାହିତ୍ୟ ସଂକୀର୍ଣ୍ଣତାର ଗଣ୍ଡି ଭିତରେ । ତଥାପି ସେଦିନର ସାହିତ୍ୟ ଥିଲା ଦୁଃଖ ଶୋକସନ୍ତପ୍ତ ଯାତନା ଜର୍ଜରିତ ପୃଥିବୀ ପାଇଁ ଟୋପାଏ ଶୀତଳ ସାନ୍ତ୍ୱନା ! ମୁନି, ମନୀଷୀ, ମହର୍ଷି, ମହାତ୍ମାମାନଙ୍କ ଉଦ୍‌ବୋଧନରେ ଅନୁପ୍ରେରିତ ହୋଇଥିଲା ପ୍ରାଚୀନ ଯୁଗର ସାହିତ୍ୟ । ଜନଜୀବନରେ ସତ୍ ଓ ଶୁଦ୍ଧ ଚିନ୍ତନର ପରିପ୍ରସାର ଦିଗରେ ସାହିତ୍ୟ ଥିଲା ସଂକଳ୍ପବଦ୍ଧ । ସେଦିନ 'ବ୍ୟକ୍ତି' ଅନୁପ୍ରବେଶ କରି ନଥିଲା ସାହିତ୍ୟର ସରହଦ୍‌ରେ, ସମୁଦାୟ ସମାଜ ବା 'ବ୍ୟକ୍ତି' ଥିଲା ସାହିତ୍ୟର କେନ୍ଦ୍ରବିନ୍ଦୁ ।

ଆଧୁନିକ ସାହିତ୍ୟ ଉପରୋକ୍ତ ନୂତନ ସାହିତ୍ୟର ଉତର-ପର୍ବ । ରାଜା, ଜମିଦାର, ସାମନ୍ତ, ଶିଳ୍ପପତିଙ୍କ ପରେଏବେ ଶାସକ ବର୍ଗର ନିର୍ଲଜ ଚାଟୁକାର ସାଜୁଛନ୍ତି ଅଧିକାଂଶ କବି ଲେଖକ । ନିଜକୁ ନିଲାମ୍ କରୁଛନ୍ତି ନାମମାତ୍ର ମୂଲ୍ୟରେ । ସାହିତ୍ୟର ନାଡି ନକ୍ଷତ୍ର ଠିକ୍‌ଠାକ୍ ଅଛି ବୋଲି ବିଶ୍ୱାସ ହେଉ ନାହିଁ ମୋତେ । ଅରଣ୍ୟର ନିର୍ଜନତା ମଧରେ ଯେଉଁ ସାହିତ୍ୟ ମହାଜୀବନର ପଥ ସନ୍ଧାନ କରୁଥିଲା ଦିନେ, ସେ ସାହିତ୍ୟ ଆଜି ପଂଚତାରକା ହୋଟେଲ୍‌ର ପ୍ରମୋଦ ଆସର ମଧରେ ନିଜକୁ ଉନ୍ମୋଚିତ କରାଇ, ହରାଇ ବସିଛି ନିଜସ୍ୱ ଅସ୍ତିତ୍ୱ । କୃତ୍ରିମ ପ୍ରସାଧନରେ ସଜ୍ଜିତ କରିଛି ନିଜକୁ ।

ସବୁ ଯୁଗରେ, ସାହିତ୍ୟର ଭିଡ ଭିତରେ, ଏଇ 'ନା-ନା-ନା'ର ବିରଳ ସ୍ୱର ଯେତେ କ୍ଷୀଣ ଭାବରେ ହେଉ ସୁଦ୍ଧା – ଉଚ୍ଚାରିତ ହୋଇ ଆସିଛି, ନିର୍ଭୀକ ଭାବରେ, ଏ ସ୍ୱର ଦାୟିତ୍ୱର ସ୍ୱର, ଦାୟବଦ୍ଧତାର ସ୍ୱର, ଦୁର୍ବାର ଅଙ୍ଗୀକାରର ଦୁର୍ଦ୍ଧର୍ଷ ଇସ୍ତାହାର ! ମେଣ୍ଢାମାନଙ୍କ ମେଳରେ ଭେଣ୍ଡା ପରି ପ୍ରତ୍ୟେକ ଯୁଗର ସୁବିଧାବାଦୀ ନିରାପତା ପ୍ରେମୀ ଚାରଣ ଚାଟୁକାର ଲେଖକମାନଙ୍କ ଭିଡ ଭିତରେ ବି ଆମେ ଲକ୍ଷ୍ୟ କରିଛେ ଜଣେ ଜଣେ ସଂକଳ୍ପବଦ୍ଧ ଶଙ୍କାହୀନ ସାହିତ୍ୟକାରକୁ – ଯେଉଁମାନଙ୍କ ଲେଖା ସବୁ ସାହିତ୍ୟର ଦାୟିତ୍ୱ ତୁଲାଇ ଆସିଛି ପ୍ରାଣପଣେ । ସେମାନେ ମୃତ୍ୟୁକୁ ଭୟକରି ନାହାନ୍ତି, ଯନ୍ତ୍ରଣାର ଯୂପକାଠକୁ ଡରି ନାହାନ୍ତି, ରାଜଦଣ୍ଡ ଓ ଫାଶିମଂଚକୁ ଖାତିର୍ କରି ନାହାନ୍ତି ମୋଟେ ।

ଇତିହାସର ଗତିପଥରେ ସାମାଜିକ ଅବସ୍ଥାନର ପରିବର୍ତନ ପାଇଁ ଯୁଗ ଯୁଗ ଲାଗିଯାଉଥିଲା । ଏବେ ଅତ୍ୟନ୍ତ ଦ୍ରୁତ ଗତିରେ ସମାଜ ବଦଳିବାରେ ଲାଗିଛି । ଆଜି ଆଖିବୁଜି ପୃଥିବୀ ମାନଚିତ୍ରର ଯେକୌଣସି ସ୍ଥାନରେ ଆଙ୍ଗୁଠି ଲଗାଇବ ସେଇ ଭୂଇଁରେ ସେଇ ଦେଶରେ ସେଇ ସ୍ଥାନରେ ମଣିଷ ସ୍ୱାର୍ଥ ପାଇଁ ସବୁକିଛି ଭୁଲିଯାଇଛି । ପ୍ରତିମୁହୂର୍ତରେ ସମାଜ- ମଣିଷ ବଦଳିବାରେ ଲାଗିଛି । କାଲି ଯାହା ଥିଲା ଆଜି ତାହା ନାହିଁ, ଆଜି ଯାହା ଅଛି ଆସନ୍ତାକାଲିକି ତାହା ନଥିବ । ଆଦିମ ସମାଜର ପରିବର୍ତନ ହୋଇ ଧୀରେ ଧୀରେ ପୁଞ୍ଜିବାଦ ଆସିଲା । କିଛି ଦେଶରେ ପୁଞ୍ଜିବାଦକୁ ଧ୍ୱଂସ କରି ସମାଜବାଦ ଆସିଲା । ପୁଣି ୭୫ ବର୍ଷ ପରେ ସାମ୍ୟବାଦକୁ ଯାଇ ନପାରି ସଂଶୋଧନବାଦର ଶିକାର ହୋଇ ସମାଜବାଦର ବିଚ୍ୟୁତି ଘଟି ପୁଣି ପୁଞ୍ଜିବାଦ ସାମ୍ରାଜ୍ୟବାଦରେ ପହଂଚିଗଲା । ସାମନ୍ତତନ୍ତ୍ର ରାଜତନ୍ତ୍ରର ପଦଚିହ୍ନ ନ ଲିଭୁଣୁ ଗଣତନ୍ତ୍ର ପ୍ରବେଶକଲା ।

ଆଜି ମଧ ଗଣତନ୍ତ୍ର ଉପରେ ମଣିଷ ଆଶା ହରାଇ ସାରିଲାଣି । ମଣିଷର ସଭ୍ୟତାକୁ ଗଣତନ୍ତ୍ର କ'ଣ ଦେଇଛି ? ସେଇ ଦାରିଦ୍ର୍ୟ, ଭଣ୍ଡାମୀ, ଅସହାୟତା, ଦଙ୍ଗା, ଶୋଷଣ, କଷଣ, ଯୁଦ୍ଧ, ବିପର୍ଯ୍ୟୟ ଚାରିଆଡେ ଛାଇ ହୋଇଯାଇଛି । ଯେଉଁ ଦେଶରେ ଗଣତନ୍ତ୍ର ଅଛି ସେ ଦେଶରେ ଜନଗଣ ଯେଉଁ ସ୍ୱପ୍ନ ଦେଖିଥିଲେ ସେସବୁ ସ୍ୱପ୍ନ ସାଂଘାତିକ ଭାବରେ ଭ୍ରାନ୍ତ ଏବଂ ଅର୍ଥହୀନ ପ୍ରମାଣିତ ହୋଇଛି । ନିର୍ଯାତିତ ମଣିଷକୁ ସ୍ୱାଧୀନତା ଆଣି ଦେଇପାରୁନି ।

ଜଗତୀକରଣର ଜାଲରେ ସମସ୍ତେ ଛନ୍ଦି ହୋଇପଡିଛନ୍ତି । ଜ୍ଞାନଅସ୍ତ୍ର ହରାଇ ଅଜ୍ଞାନ ଅନ୍ଧକାର ଭିତରେ ଘୁରି ବୁଲୁଛନ୍ତି । ସାରା ବିଶ୍ୱର ମଣିଷଲୋଭ ପାପ ମୋହରେ ପଡିଯାଇଛନ୍ତି । ଭୋଗୀ ସଂସ୍କୃତିରେ ନିମଜ୍ଜିତ ହୋଇ ମାନବିକତା ଧ୍ୱଂସ ଆଡକୁ ମୁହାଁଇଛି । ନଗ୍ନତା, ଯୌନତା ବଢ଼ିଚାଲିଛି । ସମାଜର ପରିବର୍ତନ ବାହକ ଯୁବସମାଜର ନୈତିକତାକୁ କବର ଦେବା ପାଇଁଜ୍ଞାନ ଅର୍ଜନ ପାଇଁ ନିମଜ୍ଜିତ ରହିବା କାର୍ଯ୍ୟଟିକୁ ଦୂରେଇ ଦିଆଯାଇଛି । ଆଜି ଯୁବସମାଜ ସିନେମା, ଟେଲିଭିଜନ, କ୍ରିକେଟ୍, କମ୍ପ୍ୟୁଟର ଆଡକୁ ମୁହେଁଇଛନ୍ତି । କେହି କିଛି ନୂଆ ନୂଆ ସୃଷ୍ଟିକରିବାକୁ ଆଗ୍ରହ ଦେଖାଉ ନାହାନ୍ତି । ପରଶ୍ରୀକାତରତାକୁ ବରଣ କରିନେଇଛନ୍ତି । ଓଡିଶାରେ ଏପରିକି ସମଗ୍ର ବିଶ୍ୱରେ ସଂଖ୍ୟାଗରିଷ୍ଠ ଲୋକମାନଙ୍କର ପଢାପଢି କରିବା ଅଭ୍ୟାସ କମିଯାଇଛି । ପଢାପଢି ପ୍ରତି ଆଗ୍ରହ ନଥିଲେ ବହି କିଣିବା ଅଭ୍ୟାସ ରହିବ ନାହିଁ । ବହି ବିକ୍ରି ନ ହେଲେ ପ୍ରକାଶକମାନେ ନୂଆ ବହିଛାପୁ ନାହାନ୍ତି । ଯାହା ଫଳରେ ଲେଖକମାନଙ୍କର ଲେଖିବାର ଆଗ୍ରହ ମରିମରି ଯାଉଛି ।

ସବୁ ଲେଖା – ଲେଖା ନୁହେଁ । ସବୁ ଲେଖକ ଲେଖକ ନୁହନ୍ତି । ଯେଉଁମାନେ ଅତ୍ୟନ୍ତ ଅସାଧାରଣ ବିଷୟବସ୍ତୁକୁ ଜଟିଳତା, ରସାଳ, କୌତୁକ ଓ ଚାତୁର୍ଯ୍ୟ ତଥା ଶବ୍ଦର ପ୍ରାଚୁର୍ଯ୍ୟମଧରେ ସ୍ୱପ୍ନ ରାଇଜରେ- ମାନସ ପଟ୍ଟରେ ନାଚିଯାଉଥିବା ଚରିତ୍ର ଓ ଦୃଶ୍ୟଏବଂ ଆପଣାର ଇଚ୍ଛା ଅଭ୍ୟାସ ଚରିତ୍ରକୁ କିଂଚିତ୍ ହେଲେ ମଧ ସ୍ପର୍ଶ କରୁଥିବା ଲେଖା ଅତି ଆଦରର ହୋଇଯାଏ ତଥା ବେଳେବେଳେ ଅନେକ ଦିନ ପର୍ଯ୍ୟନ୍ତ ମନରେ ଗଭୀର ରେଖାପାତ ସୃଷ୍ଟିକରିଥାଏ ।

ସମାଜ ପରିବର୍ତନରେ ଅଳ୍ପ ଯେଉଁ କେତେଜଣ ଦାର୍ଶନିକ, ବୈଜ୍ଞାନିକ, ଲେଖକ ବହୁ ଉପାଦେୟ ପୁସ୍ତକ ଲେଖି ଯାଇଛନ୍ତି ସେଗୁଡିକୁ ଜନସମାଜରୁ ଦୂରେଇ ରଖିବାକୁ ଅପଚେଷ୍ଟା ଚାଲିଛି । ପୁଣି ସେଇ ରକ୍ଷଣଶୀଳତା ଆଡକୁ ଜନସମୁଦାୟକୁ ମୁହାଇଁ ନେବାର ଗୁପ୍ତ ଉଦ୍ୟମ ଆରମ୍ଭ ହୋଇଛି । ପ୍ରାୟ ପଚାଶବର୍ଷ ଧରି ଏଇ ପୃଥିବୀରେ ଯେଉଁ ଲେଖା ପ୍ରକାଶ ପାଉଛି ଅଧିକାଂଶ ଲେଖା ତୃଣମୂଳ ଜୀବନ ସହ ସଂପର୍କ ରହୁନି । ଯେଉଁ ନାମକରା ଲେଖକମାନଙ୍କର ଲେଖା ନୋବେଲ୍ ପ୍ରାଇଜ୍ କିମ୍ବା ଅନ୍ୟ ପୁରସ୍କାର ପାଉଛି ସେଥିରେ ମଧ ପ୍ରିୟାପ୍ରୀତି ତୋଷଣ ଚାଲିଛି ।

ଭାରତୀୟ ଲେଖକ/ଲେଖିକାମାନେ ନିଜର ସ୍ୱଷ୍ଟ ମତାମତ କିମ୍ବା ଜୀବନ ସହ ସଂପର୍କିତ ଲେଖା ଲେଖିବାକୁ ଉଦ୍ୟମ କଲେ ବି ବିଭିନ୍ନକ୍ଷେତ୍ରରେ ବାଧା ପାଉଛନ୍ତି । ଅଧିକାଂଶ ଲେଖକ ଯେଉଁମାନେ ନାମକରା ସେମାନେ ଉପରେ ମାଲିକ (ସରକାର-ଧନପତି)ଙ୍କ ମର୍ଜିକୁ ସମ୍ମାନ ଦେଉଥିବାରୁ ଲେଖାଗୁଡିକ ଚିରାଚରିତ ସାଧାରଣ ହେଉଥିବାରୁ ତାହା ସୁଖପାଠ୍ୟ କିମ୍ବା ଶିକ୍ଷଣୀୟ ହେଉ ନାହିଁ । କେବଳ କୋଟିକୋଟିଟଙ୍କାର କାଗଜ ଓ ଅଯଥା ସମୟ ନଷ୍ଟ କରୁଛନ୍ତି । ବିଶେଷକରି ଶିଶୁମାନେ ଦେଶର ଭବିଷ୍ୟତ କହି ଡିଣ୍ଡିମ ପିଟୁଥିଲା ବେଳେ ସେଇ ଶିଶୁ ମନକୁ ମୂଳରୁ କିମ୍ଭୂତକିମାକାର ଧାରଣା ସୃଷ୍ଟିକରାଇ ଧର୍ମଭୀରୁ କରାଇ ଦିଆଯିବାର ସୁକୌଶଳ ଷଡଯନ୍ତ୍ର ଚାଲିଛି । ଶିଶୁମାନଙ୍କୁ ଆରମ୍ଭରୁ ସାହସୀ, ଲଢୁଆ, ସତ୍ୟନିଷ୍ଠ କରିଗଢି ତୋଳିଲେ ପ୍ରାଚୁର୍ଯ୍ୟର ସାମ୍ରାଜ୍ୟ ଯେ ଭାଂଗି ଚୂରମାର୍ ହୋଇଯିବ ଏ ଭୟ ମଧ ଶାସକ-ଶୋଷକ ଗୋଷ୍ଠୀର ଅଛି । ତେଣୁ ଏହି ଦେଶ ବିରୋଧୀ ଜନ ବିରୋଧୀ ଗୋଷ୍ଠୀ ରାଜକୋଷକୁ ବରବାଦ କରି ବରାଦିଆ ଲେଖକଗୋଷ୍ଠୀ ସୃଷ୍ଟିକରିଛନ୍ତି । ଯାହା ଫଳରେ ଶିକ୍ଷା ପାଇଁ ପାଠ୍ୟକ୍ରମ ମଧ ସେମାନଙ୍କ ମର୍ଜି ଉପରେ ନିର୍ଭର କରୁଛି । ଜ୍ଞାନଅସ୍ତ୍ର ବଦଳରେ ଅଜ୍ଞାନ- ଅନ୍ଧକାର-ବିକୃତ ଅସ୍ତ୍ର ଧରାଇ ଦିଆଯାଉଛି । ଏହା ସମାଜ ପାଇଁ ଭୟଙ୍କର ବିପଦ ଡାକି ଆଣୁଛି । ଏହି ଆକ୍ରମିତ ବିପଦ ବିରୋଧରେ ଅଳ୍ପ ହେଲେ ବି କିଛି ଲେଖକ କଲମ ଚଳାଇଲେ ଇତିହାସର ଧାରା ବଦଳିଯିବ ।

ଏଇ ଗୋଲାର୍ଦ୍ଧରେ ଅନେକ ଲେଖକ ଅଛନ୍ତି ଯେଉଁମାନେ ଜୀବନ ଜୀବିକା ସହ ସଂଘର୍ଷକରି ତୃଣମୂଳ ସହ ସଂପର୍କ ରଖିଲେ ଖନୀଚାଳନା କରିଚାଲିଛନ୍ତି । ସେମାନଙ୍କ ପାଇଁ ବଜାର ନାହିଁ କି ପ୍ରଚାର ନାହିଁ । ଅଧିକାଂଶ ମୂଲ୍ୟବାନ ରଚନା ଆଦୌ ଜନମାନସକୁ ଆସିପାରୁନି । ଏଇ ଓଡିଶାରେ ମଧ ଏଭଳି ଲେଖକ ଅଛନ୍ତି – ଯେଉଁମାନଙ୍କ ରଚନା ବିଶ୍ୱର ଉପଯୁକ୍ତ ସ୍ଥାନରେ ପହଂଚି ପାରିଲେ ହୁଏତବିଶ୍ୱବାସୀଙ୍କ ଜୀବନରେ ଗଭୀର ସକାରତ୍ମକ ରେଖାପାତକରିପାରିବ ।

ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩



# ରଜନୀଙ୍କ ରାଜଧାନୀ ଗୁଗୁଲ୍

## ॥ ବାବୁ ଭର୍ତ୍ତୃହରି ଓ ଓଡ଼ିଶା ଇତିହାସ ॥

ଡ. ହରେକୃଷ୍ଣ ମହତାବଙ୍କ ରଚିତ ଓଡ଼ିଶା ଇତିହାସ ହିନ୍ଦୀରେ ଅନୁବାଦିତ ହୋଇ ପ୍ରକାଶିତ ହେଲା, ତାହା ପୁଣି ଭାରତର ପ୍ରଧାନମନ୍ତ୍ରୀଙ୍କ ହସ୍ତରେ । ଉପସ୍ଥିତ ଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହା ଓଡ଼ିଶା ପ୍ରତି ଗୌରବର ବିଷୟ । ନବ ଓଡ଼ିଶା ନିର୍ମାଣର ଶ୍ରେୟ ମଧ କିଛି ପରିମାଣରେ ଡ. ମହତାବଙ୍କ ପାଖକୁ ଯିବା କଥା । ଡ. ମହତାବ ଖାଲି ଜଣେ ରାଜନୈତିକ ବ୍ୟକ୍ତିତ୍ୱ ନୁହଁନ୍ତି ଜଣେ ସଫଳ ସାହିତ୍ୟିକ ଓ ଐତିହାସିକ । ଏଥିରେ କାହାରି ଦ୍ୱିରୁକ୍ତି ନାହିଁ । ତେବେ ସେହି ସଭାରେ ଧର୍ମେନ୍ଦ୍ର ବାବୁ ଯେଉଁଭଳି ଦୁଇଚାରିଦିନ ଖେଞ୍ଚୁଣିଆ ଡାଇଲଗ୍ ମାରିଲେ ତାହା ଓଡ଼ିଶା ରାଜନୀତିକୁ ସରଗରମ କରିଦେଇଛି । ତା'ଛଡ଼ା ଆମ ସାମ୍ବାଦିକ ଭାଇମାନଙ୍କ ଧର୍ମ ହେଲା ଜିରାରୁ ଶିରା କାଢ଼ିବା । ଦ୍ୱିତୀୟ ଘଟଣାଟି ହେଲା ପ୍ରଜାତନ୍ତ୍ର ବିଷୁବ ମିଳନ ଉତ୍ସବରେ ଧର୍ମେନ୍ଦ୍ର ବାବୁଙ୍କ ଭାଷଣ ପୁଣି ନିଆଁରେ ଘିଅ ଢାଳିବା ଭଳି ହୋଇଛି । ତାକୁ ନେଇ ଉକ୍ତି ପ୍ରତ୍ୟୁକ୍ତି ଜୋର୍ । ସବୁଠୁ ବଡ଼ କଥା ହେଉଛି ପଦ୍ମ ଦଳିଆ ଶଙ୍ଖ ଦଳରୁ ବାବୁ ଭର୍ତ୍ତୃହରିଙ୍କ ଉଇକେଟ୍‌ଟିକୁ ଖସେଇବାକୁ ଚାହାନ୍ତି । ବାବୁ ଭର୍ତ୍ତୃହରିଙ୍କୁ ବି ଶଙ୍ଖ ଦଳର ପଚଳିତ ଟୋକା ଟୋକଳିଆ ନୀତିଗତି ଆଉ ଭଲ ଲାଗୁନି । ଗତ ନିର୍ବାଚନ ଆଗରୁ ଏକଥା ଜଳଜଳ ଦିଶୁଥିଲା । ଶେଷ ମୁହୂର୍ତ୍ତରେ ଲୋକସଭା ଟିକେଟ୍ ମିଳିଗଲା । ନିର୍ବାଚନ ଆହୁରି ଢେର୍ ଦିନ ଅଛି । ତା ପୂର୍ବରୁ ପଦ୍ମଦଳିଆ ଏମିତି ଖେଞ୍ଚାଖେଞ୍ଚି କରି କ୍ଷେତ୍ର ପ୍ରସ୍ତୁତ କରିବାଟାକୁ ଅନେକ ସହଜରେ ଗ୍ରହଣ କରି ପାରୁନାହାନ୍ତି । ଖାଲି ଭର୍ତ୍ତୃହରି ନୁହଁନ୍ତି ଶଙ୍ଖ ଦଳରେ ଆହୁରି ଅନେକ ବି ଡିଆଁ ଡେଇଁରେ ଏକ୍ସପାର୍ଟ କରିତକର୍ମା ଅଛନ୍ତି । ସାମାନ୍ୟ ସ୍ୱାର୍ଥରେ ଆଞ୍ଚ ଆସିଲେ ଶହ ଶହ କିଲୋମିଟର ଡେଇଁ ପଡ଼ିବାର ସାମର୍ଥ୍ୟ ଏମାନଙ୍କର ଅଛି । ଶୁଣାଯାଏ ଭିତିରିଆ ଯୋଗସୂତ୍ର ବି ଚାଲିଛି । ହେଲେ ସାଧୁ ସାବଧାନ! ସବୁ କଥା ନବୀନଙ୍କ ସ୍କାନରରେ । ନବୀନଙ୍କ ସ୍ଲୋ ପଏଜନ୍ ନକ୍ସଲଙ୍କ ଆର.ଡି.ଏକ୍ସ ଠାରୁ ବି ଭୟଙ୍କର ।

## ॥ ପିପିଲି ଉପନିର୍ବାଚନ ॥

ପିପିଲି ନିର୍ବାଚନ ମଣ୍ଡଳୀର ଜ୍ୟୋତିଷିକ ବିଶ୍ଳେଷଣ କରି ଯାହା ଜଣାପଡୁଛି ଅବସ୍ଥା ଭଲ ନାହିଁ । ବାହୁବଳୀ ମହାରଥୀଙ୍କ ଅକାଳ ବିୟୋଗ ପରେ ଉପନିର୍ବାଚନ ତାତି ଜୋର୍‌ରେ ବହୁଥିଲା । ଶାସକ ବିରୋଧୀ ସବୁ ଦଳିଆ ନେତା ପିପିଲି ଡେଲାଙ୍ଗରେ ଯେମିତି ଡେରା ପକଉଥିଲେ ଜଣା ପଡୁଥିଲା ସ୍ୱାଧୀନତା ପୂର୍ବରୁ ଗାନ୍ଧିଜୀ ଡେଲାଙ୍ଗରେ ଯୋଉ କଂଗ୍ରେସ ଅଧିବେସନ କରାଇଥିଲେ ତା'ରି ପୁନରାବୃତ୍ତି ଘଟିଲା କି ? ହେଲେ ଶେଷ ମୁହୂର୍ତ୍ତରେ କାବୁ ଭାଇଙ୍କ ଦେହାନ୍ତ ସବୁ ଆକଳନକୁ ଫିକା କରିଦେଲା । ଏମିତି ତ କଂଗ୍ରେସ ଦଳର ଖାତା ଖତିଆନରେ ଉଇ ଲାଗିଲାଣି । ନିର୍ବାଚନକୁ ସ୍ଥଗିତ ରଖାଗଲା । କଂଗ୍ରେସ ମୁଖିଆ ଏବେ କାବୁବାବୁଙ୍କ ଶୋକସଭା ସାରି ହସପିଟାଲ୍‌ରେ ଆଡ୍‌ମିସନ୍ ନେଇଛନ୍ତି । ଏବେ ଗୋଟିଏ କଥା ଆଲୋଚନା ଚାଲିଛି ରାଜଧାନୀରେ । କଂଗ୍ରେସର ବେଳା ଖରାପ ନା ପିପିଲି ନିର୍ବାଚନ ମଣ୍ଡଳୀର ?

# ବିଭକ୍ତ ଭାରତ

ଧର୍ମୀୟ ଉନ୍ମାଦନାରେ ଭାରତବର୍ଷ ବିଖଣ୍ଡିତ ହେଲାବେଳେ ସଂକଟରେ ପଡିଥିଲା ଯେଉଁ ସ୍ନେହ, ସମ୍ପର୍କ ଓ ବିଶ୍ୱାସ, ସେଇସବୁ ଜୀବନ୍ତ ଦଲିଲ୍‌ର କଳ୍ପରୂପ.. ଗଳ୍ପଗୁଚ୍ଛ...ଦୀପକଙ୍କ ନିଜସ୍ୱ ଶୈଳୀରେ... ପ୍ରତି ସଂଖ୍ୟାରେ ।



୩୨



ଦୀପକ ରଂଜନ ମିଶ୍ର

## ॥ ଲୁଣ ॥



ରଜିୟା ସଜ୍ଜାଦ ଜହିର (୧୯୧୮-୧୯୭୯)

ଦାଣ୍ଡିର ସମୁଦ୍ରକୂଳରୁ ମୁଠାଏ ଲୁଣ ଉଠାଇ ଗାନ୍ଧିଜୀ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିଥିଲେ । ଆଉ ଉର୍ଦ୍ଦୁ ଭାଷାର ପ୍ରଖ୍ୟାତ ଗାଳ୍ପିକା ରଜିୟା ସଜ୍ଜାଦ୍ ଜହୀର ତାଙ୍କ ରଚିତ ଗଳ୍ପ 'ନମକ୍'ର ମୁଖ୍ୟ ଚରିତ୍ର ହାତରେ ପାକିସ୍ଥାନରୁ ମୁଠାଏ ଲାହୋରୀ ଲୁଣ ଉଠାଇ ତାକୁ ଟ୍ରେନ୍‌ରେ ବସାଇ ଆଣୁଛନ୍ତି ହିନ୍ଦୁସ୍ଥାନ । ଏହାବି ଆଇନ୍ ଅମାନ୍ୟ, ଉଭୟ ଦେଶର ପ୍ରଶାସନ ବିରୁଦ୍ଧରେ ଯୁଦ୍ଧଂଦେହୀ ଡାକରା । ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଭାଇଚାରାର ପ୍ରତିଷ୍ଠା ତାଙ୍କର ଲକ୍ଷ୍ୟ । ସେଇ କାଳଜୟୀ ଗଳ୍ପ 'ନମକ୍' ବିଷୟରେ କିଛି....

ଅନ୍‌ସଖ୍ ବିବିଙ୍କୁ ଦେଖି ସଫିୟା ଆଶ୍ଚର୍ଯ୍ୟ ହୋଇଯାଏ । ଅବିକଳ ତା' ଅମ୍ମୀଙ୍କ ଭଳି ଦେଖାଯାଉଥାନ୍ତି ସିଏ । ତାଙ୍କ ଭଳି ପୃଥୁଳ କାୟା, ପ୍ରେମ ଓ କରୁଣା ଝଲସୁଥିବା ଛୋଟ ଛୋଟ ଆଖି, ଗୋରା ତକ୍ ତକ୍ ମୁହଁ ! ଅମ୍ମୀଙ୍କ ଭଳି ସଫେଦ୍ ରେଶମୀ ଓଢ଼ଣୀ ବି ଧରିଥାନ୍ତି । ସଫିୟା ବାରମ୍ବାର ତାଙ୍କ ଆଡ଼କୁ ଅତି ସ୍ନେହପୂର୍ଣ୍ଣ ଆଖିରେ ଚାହୁଁଥିବା ଦେଖି ସେ ଗୃହକର୍ତ୍ତ୍ରୀଙ୍କୁ ତା' ବିଷୟରେ ପଚାରନ୍ତି । ତାଙ୍କୁ କୁହାଯାଏ ସେ ଜଣେ ମୁସଲମାନ ବୋଲି । ଆସନ୍ତା କାଲି ସକାଳେ ହିଁ ତାଙ୍କର ଲାହୋର ଯିବାର ଅଛି । ସେଇଠି ତାଙ୍କ ତିନିଭାଇ ରହନ୍ତି ଯେଉଁମାନଙ୍କୁ ସେ ଅନେକ ବର୍ଷ ହେଲା ଦେଖି ନାହାନ୍ତି । ଲାହୋରର ନାଁ ଶୁଣି ସେ ଉଠିଆସି ସଫିୟା ପାଖରେ ବସି ଲାହୋର ତାଙ୍କର କେତେ ଯେ ପ୍ରିୟ ସହର ସେ ବିଷୟରେ ବର୍ଣ୍ଣନା କରନ୍ତି । ସେଠିକା ଲୋକ ଦେଖିବାକୁ ସୁନ୍ଦର, ସ୍ୱାଦିଷ୍ଟ ଖାଦ୍ୟ ତଥା ଭଲ ପୋଷାକର ସୌକୀନ୍ । ଖୁବ୍ ଉଚ୍ଚମନା ତଥା ଦିଲ୍‌ଦାର... କାର୍ତ୍ତନ ତା' ବାଟରେ ଚାଲିଥାଏ । ସେ ଆସ୍ତେ ଆସ୍ତେ କହୁଥାନ୍ତି । ସଫିୟା ମଝିରେ ଥରେ ତାଙ୍କୁ ପଚାରେ, "ମାତାଜୀ, ଆପଣଙ୍କର ତ ସେଇଠୁ ଆସିବାର ବହୁତ ଦିନ ହୋଇଯିବଣି ?" - "ହଁ ପୁଉର୍, ବିଭାଜନ ବେଳେ ଆସିଥିଲୁ । ଏବେ ତ ଏଇଠି ଘର ହୋଇଗଲାଣି । ବ୍ୟବସାୟ ବି ଠିକ୍‌ଠାକ୍ ଚାଲିଛି । ହେଲେ ଲାହୋର କଥା ବହୁତ ମନେପଡ଼େ । ସେଇଟା ପରା ଆମ ୱତନ୍ (ମାତୃଭୂମି) ।" ଆଖିରୁ କିଛି ତାରା ଛିଣ୍ଡି ସଫେଦ୍ ଓଢ଼ଣୀରେ ଆତ୍ମଗୋପନ କରନ୍ତି । ପାଖାପାଖି ରାତି ଏଗାରଟା ବେଳକୁ କୀର୍ତ୍ତନ ସରେ । ପ୍ରସାଦ ହାତରେ ନେଇ ଉଠିଲା ବେଳେ ସଫିୟା ଆସ୍ତେକରି ମାତାଜୀଙ୍କୁ ପଚାରେ, "ଆପଣ ଲାହୋରରୁ କିଛି ଉପହାର ମଗେଇବାକୁ ଚାହାନ୍ତି ଯଦି ମୋତେ ଆଦେଶ ଦିଅନ୍ତୁ ।" ସେ ଗେଟ୍ ପାଖରେ ଠିଆହୋଇ ସଂକୋଚର ସହ ଧୀରକଣ୍ଠରେ କହନ୍ତି, "ଆଣି ପାରିବୁ ଯଦି, ମୋ ପାଇଁ ଟିକିଏ ଲାହୋରୀ ଲୁଣ ଆଣିଦେବୁତ ପୁଉର୍ ।"

ପନ୍ଦର ଦିନ କେମିତି କଟିଯାଏ ଜଣା ପଡ଼େନି । ସାଙ୍ଗସାଥୀଙ୍କ ସହ ଖୁସିଗପ, ଭାଇମାନଙ୍କ ଖାତିର୍‌ଦାରୀ । ସାଇ ପଡ଼ିଶାଙ୍କ ଭଳିକି ଭଳି ଉପହାର । ସବୁକୁ ଏକାଠି ରଖିବା, ପେକ୍ କରିବା ଗୋଟେ ଗୋଟେ ଝିଞ୍ଚଟ୍ । ଆଉ ସବୁଠୁ ବଡ଼ ସମସ୍ୟା ହେଲା - ବାଦାମୀ କାଗଜର ପୁଡ଼ିଆ, ଯେଉଁଥିରେ ଥାଏ କିଲେ ଖଣ୍ଡେ ଲାହୋରୀ ଲୁଣ । ତା' ଭାଇ ସେଠିକାର ଜଣେ ବଡ଼ ପୋଲିସ୍ ଅଫିସର । ସେ ଠିକ୍ ଉପଦେଶ ଦେଇ ପାରିବେ ଭାବି ସଫିୟା ତାଙ୍କୁ ପଚାରେ, "ଭାଇ, କିଛି ଲୁଣ ଏଠୁ ନେଇଯାଇ ପାରିବି କି ସାଙ୍ଗରେ ?" ସେ ଆଶ୍ଚର୍ଯ୍ୟ ହୋଇ କହନ୍ତି, "ଲୁଣ ! ଲୁଣ ତ ନେଇ ହେବନି, ତାହା ଆଇନ୍ ଅନ୍ତର୍ଭୁକ୍ତ ନୁହେଁ ... ତେବେ ତୁ ଲୁଣ କ'ଣ କରିବୁ ଯେ ? ତୁମ ଭାଗରେ ତ ଆମଠୁଁ ଅଧିକ ଲୁଣ ପଡ଼ିଛି ।" ସେ ବିବ୍ରତ ହୋଇଯାଏ - "ମୁଁ ଭାଗଫାଗ କଥା କହୁନି ଭାଇ । ପଡ଼ିଥିବ । ମୋତେ ତ ଲାହୋରୀ ଲୁଣ ଦରକାର, ମୋ ମା' ମଗେଇଛନ୍ତି ।" ଭାଇ କିଛି ବୁଝି ପାରନ୍ତିନି । ତାଙ୍କ ଅମ୍ମୀ'ଙ୍କର ତ ବିଭାଜନ ପୂର୍ବରୁ ହିଁ ଇନ୍ତକାଲ ଘଟିଛି । ତଥାପି ସାନ ଭଉଣୀଟିକୁ ବୁଝେଇବା ଢଙ୍ଗରେ କହନ୍ତି, "ଦେଖ୍ ଭଉଣୀ, ତୋତେ କଷ୍ଟମ୍ ପାରିହୋଇ ଯିବାକୁ ପଡ଼ିବ ଆଉ ଯଦି ଗୋଟେ ବି ଆପତ୍ତିଜନକ ଜିନିଷ ବାହାରେ ତେବେ ସବୁ ବେଗ୍‌ପତ୍ର ତନ୍ନ ତନ୍ନ କରି ଅଣ୍ଡାଳିବେ କଷ୍ଟମ୍ ବାଲା । ନିୟମ ଯାହା ... ।" ସେ ବିରକ୍ତ ହୋଇ କହେ, "ବାହାରେ ମାନେ ? ମୁଁ ତାହା ଚୋରୀ କରିକି ନେଉଛି କି ? ଲୁଚେଇକରି ନୁହେଁ ସଭିଙ୍କୁ ଦେଖେଇ କରି ନେଇଯିବି ।" ହେଲେ ଆଇନ୍ ଦୃଷ୍ଟିରୁ ଏଇଟା ଗୋଟେ ଭୁଲ କାମ ବୋଲି ଭାଇ ସଚେତ୍ କରିଦିଅନ୍ତି । ଯୁକ୍ତି କରିବାକୁ ଯାଇ ସଫିୟା କହୁଥାଏ - ନିୟମ କ'ଣ କେବଳ ସରକାରଙ୍କର ... ପ୍ରେମ, ଭଲପାଇବା କି ମଣିଷତ୍ୱର କିଛି ନାହିଁ ? କଷ୍ଟମ୍‌ବାଲା ବି ମଣିଷ, କୌଣସି ନିର୍ଜୀବ ବସ୍ତୁ ନୁହଁନ୍ତି । "ସେମାନେ ମଣିଷ ଯେ, ହେଲେ ତୋ ଭଳି ଲେଖକ ନୁହଁନ୍ତି ଲୋ । ଆପଣା କର୍ତ୍ତବ୍ୟ ସମ୍ପାଦନ କରୁଥିବା ଚାକିରିଆ । ହେଲେ ବାବା, ତୋ ସହ ଯୁକ୍ତି କରିବ କିଏ, ତୁ ପରା ଲେଖକ । ଲେଖକଙ୍କ ମୁଣ୍ଡର ସ୍କ୍ରୁ ଟିକିଏ ଢିଲା । ତେବେ ଏତିକି କହି ଦେଉଛି, ତୁ ଆଦୌ ନେଇ ପାରିବୁନି । ବରଂ ଅଯଥାରେ ସମସ୍ତେ ବଦ୍‌ନାମ୍ ହେବା ସାର । ତୁ କ'ଣ ଟା ଜାଣିଛୁ କଷ୍ଟମ୍ ବିଷୟରେ ।" ସଫିୟା କହେ, "କଷ୍ଟମ୍ ବାଲାଙ୍କୁ ଜାଣିନି ସତ ହେଲେ ମୁଁ ମଣିଷକୁ ଭାଲଭାବେ ଚିହ୍ନିଛି ଭାଇ । ଆଉ ଲେଖକଙ୍କ ମୁଣ୍ଡକଥା ଯେ କହୁଛ, ଯଦି ଅଧିକ ଲୋକଙ୍କ ମୁଣ୍ଡ ଆମ ଲେଖକଙ୍କ ଭଳି ଢିଲା ସ୍କ୍ରୁ ବାଲା ହୁଅନ୍ତା ତେବେ ଦୁନିଆଁ ଖୁବ୍ ଭଲ ସ୍ଥାନରେ ପହଞ୍ଚି ସାରନ୍ତାଣି ।"

ତା'ପରଦିନ ଫେରିବାକୁ ଥିବାରୁ ସେଇ ରାତିରେ ହିଁ ତାକୁ ଜିନିଷପତ୍ର ବନ୍ଧାବନ୍ଧି କରିବାକୁ ପଡ଼େ । ଆସ୍ତେ ଆସ୍ତେ ସବୁ ଜିନିଷ ସୁଟ୍‌କେସ ଓ ବେଡିଙ୍ଗ୍ ଭିତରକୁ ଚାଲିଯାଏ କେବଳ ଦୁଇଟିକୁ ଛାଡ଼ି । ବନ୍ଧୁମାନଙ୍କ ଠାରୁ ଉପହାର ପାଇଥିବା ଗୋଟେ ଝୁଡ଼ି କେନୁ (ଏକ ପ୍ରକାର ସ୍ୱାଦିଷ୍ଟ ସାନ୍ତରା) ଆଉ ସେଇ ଲୁଣ ପୁଡ଼ିଆ । ସଫିୟାର ରାଗ ଓହ୍ଲାଇ ସାରିଥାଏ । ତାକୁ ତ ନେବାର ହିଁ ଅଛି ହେଲେ କେମିତି ? ଆଚ୍ଛା, ଯଦି ସ୍ୱେଚ୍ଛାକୃତ ଭାବେ ନେଇ ସେମାନଙ୍କୁ ଦେଖାଇଦିଏ ତେବେ ? ହେଲେ ନେବାକୁ ଅନୁମତି ନଦେଲେ ମାତାଜୀଙ୍କ ପାଖରେ ସେ ଅସତିଆ ହୋଇଯିବ । ଆପଣାକୁ 'ସୟଦ୍' ବୋଲି ପରିଚୟ ଦେଇ ସାମାନ୍ୟ କଥାଟିଏ ରକ୍ଷା କରି ନପାରିଲେ କି ମୂଲ୍ୟ ? ତାକୁ ଜୀବନ ଦେଇ ବି କଥା ରଖିବାକୁ ହେବ । ଆଚ୍ଛା, ଯା'କୁ କେନୁ ଝୁଡ଼ିରେ ଲୁଚେଇକରି ନେଲେ ? ଫଳଝୁଡ଼ିକୁ ଏତେ ଝାଡ଼ିଝୁଡ଼ି କିଏ ଦେଖୁଛି । କିନ୍ତୁ ଝୁଡ଼ି ଭିତରେ ରଖିଦେଲା ପରେ ତାକୁ ଲାଗେ ଯେମିତି ସେ ତା'ର ପ୍ରିୟ ମଣିଷକୁ କବରର ଅନ୍ଧକାର ଭିତରେ ରଖିଦେଇଛି । ତା'ର ମନେପଡ଼େ ଛୁଆଦିନେ ଅମ୍ମୀ ପାଖରୁ ଶୁଣିଥିବା କାହାଣୀ - ଯେଉଁଥିରେ ରଜାପୁଅ ଆପଣା ଜଙ୍ଘ ଚିରି ତା' ଭିତରେ ହୀରା ଲୁଚେଇଥିଲା । ଆଜିକାଲି ସେମିତି କିଛି ଉପାୟ ହୋଇ ପାରନ୍ତା କି । ନିଜ ହୃଦୟ ଚିରି ତା'ଭିତରେ ଲୁଚେଇ ଦିଅନ୍ତା ଲୁଣ ପୁଡ଼ିଆଟିକୁ । ସୁଟ୍‌କେସ୍ ପଲଙ୍କ ତଳକୁ ଠେଲିଦେଇ ମୁଣ୍ଡ ପାଖରେ ଝୁଡ଼ିଟି ଥିବା ଅବସ୍ଥାରେ ସେ ଚାଦର ଘୋଡ଼ିହୋଇ ଗଡ଼ିପଡ଼େ । ସେତେବେଳେ ରାତି ପ୍ରାୟ ଦେଢ଼ଟା । ମାର୍ଚ୍ଚ ମାସର ହାଲୁକା ଥଣ୍ଡାପଣ ବାରି ହେଉଥାଏ ପବନରେ । ଅଗଣାରେ ଚନ୍ଦ୍ରାଲୋକ । ଏଇଟା ପାକିସ୍ଥାନ ଯେଉଁଠି ତା'ର ତିନୋଟି ଭାଇ ରହନ୍ତି । ତାକୁ ଆଦର କରୁଥିବା ଅନେକ ବନ୍ଧୁ ବାନ୍ଧବ ଅଛନ୍ତି । ତା' ଅବ୍‌ବୁଙ୍କ କବର ଏଇଠି ଅଛି । କୁନିକୁନି ପୁତୁରା ଝିଆରୀ ବାରମ୍ବାର ପଚାରୁଛନ୍ତି, "ଫୁଫୀଜାନ୍, ତୁମେ ହିନ୍ଦୁସ୍ଥାନରେ କାହିଁକି ରହ ଯେଉଁଠିକୁ ଆମେ ଯାଇ ପାରିବୁନି ?" ଆଉ ଅଛି ଗୋଟେ ସୀମାରେଖା ଓ ଶକ୍ତ ମୁନିଆଁ ଲୁହା ରେଲିଂର ଫାଟକ ଯାହାକୁ କୁହାଯାଏ କଷ୍ଟମ୍ । କାଲିକି ସେ ଲାହୋର ଛାଡ଼ି ଚାଲିଯିବ । ବର୍ଷେ ପରେ ପୁଣି ଆସିବାର ସୁଯୋଗ ମିଳିପାରେ କିମ୍ବା ଆଜୀବନ ମିଳି ନପାରେ ବି । ତା' ଆଖିପତା ଆସ୍ତେ ଆସ୍ତେ ବୁଜି ହୋଇଯାଏ । ସଫେଦ ଓଢ଼ଣୀର କାନିରେ ତାରାମାନେ ଚମକୁଥାନ୍ତି । "ଆମେ ଏଠିକି ଆସିବାର ଢେରଦିନ ହୋଇଗଲାଣି, ଏଠି ଘର ବି ଆଉ ବ୍ୟବସାୟ ବି । ହେଲେ ଲାହୋର ତଥାପି ଅଛି ହୃଦୟର ଅତି ନିକଟରେ । ସେ ପରା ଆମ ୱତନ୍ !" ପୁଣି ଇକ୍‌ବାଲ୍‌ଙ୍କ ସମାଧି, ତା'ପୃଷ୍ଠଭୂମିରେ ଲାହୋର କିଲ୍ଲା । କିଲ୍ଲା ପଛପଟେ ଅସ୍ତଗାମୀ ସୂର୍ଯ୍ୟଙ୍କ ତେରଛା କିରଣ । ଆଉ ସମାଧିର ପାହାଚରେ ଦୁଇଜଣ ଗୁମ୍‌ସୁମ୍ ବସିଛନ୍ତି ମୁହଁ ତଳକୁ ପୋତି, ଦୁଃଖୀ, ଉଦାସ । ଯେମିତି ଦୁଇଟି ସ୍ଥିର ନିର୍ଜୀବ ଛାଇ । ପୁଣି ସଫେଦ୍ ଓଢ଼ଣୀ ଲହରାଇବା ଆରମ୍ଭ କରେ - "ଆମ ୱତନ୍ ପରା ଲାହୋର ।" ଚଟ୍ କି ନିଦ ଭାଙ୍ଗିଯାଏ । ସମାଧି ନିକଟସ୍ଥ ପଡ଼ିଆର ଦୂବଘାସରେ ପଡ଼ିଥିବା ଥଣ୍ଡା କାକର ବିନ୍ଦୁରେ ହାତ ଲାଗିଗଲା କି ଆଉ .... ନା ନା ନିଦରେ କଡ଼ ଲେଉଟିଲା ବେଳେ ହାତ ପଡ଼ିଯାଇଛି କେନୁଭର୍ତ୍ତି ଝୁଡ଼ିରେ । ମିଠା, ରସାଳ, ଶୀତଳ କେନୁ, ଯାହା ଉପହାର ଦେଲାବେଳେ ବନ୍ଧୁ କହିଥିଲେ, ଏହା ହିନ୍ଦୁସ୍ଥାନ ଓ ପାକିସ୍ଥାନର ଏକତାର ମେଓ୍ୱା ବୋଲି ।"

ଘଣ୍ଟାକଣ୍ଟା ତା ବାଟରେ ଆଗେଇ ଚାଲେ । ସଫିୟା ପ୍ରଥମଶ୍ରେଣୀର ପ୍ରତୀକ୍ଷାଳୟରେ ବସି ଚା' ପିଉ ପିଉ କେନୁ ଝୁଡ଼ି ଆଡ଼କୁ ଅନେଇ ଭାବୁଥାଏ ଆଖପାଖରେ ଥିବା ଅସଂଖ୍ୟ ଲୋକଙ୍କ ଭିତରେ ସେ ହିଁ କେବଳ ଜଣେ ବ୍ୟକ୍ତି ଯିଏ ଜାଣିଛି ଏଇ କେନୁଝୁଡ଼ି ଭିତରେ ଲୁଣ ପୁଡ଼ିଆଟିଏ ଲୁଚି ରହିଛି ବୋଲି । ଜିନିଷପତ୍ର କଷ୍ଟମ୍ ହେବାପାଇଁ ବାହାରକୁ କଢ଼ାଯିବା ବେଳେ ଶିହରଣ ଖେଳିଯାଏ ତା' ସମଗ୍ର ଶରୀରରେ । ତତ୍‌କ୍ଷଣାତ୍ ସେ ମନସ୍ଥ କରେ ପ୍ରେମର ଏଇ ଉପହାର ସେ ଲୁଚାଇ କରି ନେବନାହିଁ ସୀମା ସେପାରିକୁ । କଷ୍ଟମ୍‌କୁ ଦେଖେଇବ ସେ । ଶୀଘ୍ର ପୁଡ଼ିଆଟି କାଢ଼ି ହାତରେ ଧରିଥିବା ବେଗ୍‌ରେ ରଖେ ଯାହା ଭିତରେ ତା'ର ପଇସାରଖା ପର୍ସ ଓ ପାସପୋର୍ଟ ଇତ୍ୟାଦି ଥାଏ । ଜିନିଷ କଷ୍ଟମ୍ ହୋଇ ଟ୍ରେନ୍ ଆଡ଼କୁ ଗଲାବେଳେ ସେ ଜଣେ କଷ୍ଟମ୍ ଅଫିସରଙ୍କ ଆଡ଼କୁ ବଢ଼େ । ଲମ୍ବା ନହକା ଶରୀର, ଖେଚୁଡ଼ି ବାଳ, ଆଖିରେ ଚଷମା । ସଂକୋଚର ସହ କହେ, "ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହୁଁଛି ।" ଆଖି ଉଠାଇ ତା' ଆଡ଼କୁ ପ୍ରଶ୍ନିଳ ଦୃଷ୍ଟିରେ ଅନେଇବାରୁ ତା' ସାହସ ବଢ଼ିଯାଏ । "ଆପଣ ... ଆପଣ କୋଉଠିକା ଲୋକ ?" ଅଫିସର ଟିକେ ଆଶ୍ଚର୍ଯ୍ୟ ହୋଇ ତାକୁ ଅନେଇ କହନ୍ତି, "ଖାନାଜାଦ୍‌ର ୱତନ୍ ଦିଲ୍ଲୀ । ଆପଣ ସମସ୍ତେ ବିତ ଆମ ଆଡ଼ର ଭଳି ଲାଗୁଛନ୍ତି । ନିଜ ସମ୍ପର୍କୀୟଙ୍କୁ ଭେଟିବାକୁ ଆସିଥିବେ ବୋଧେ ।" - "ହଁ, ମୁଁ ଲକ୍ଷ୍ନୌର ବାସିନ୍ଦା । ଭାଇମାନଙ୍କୁ ଭେଟିବାକୁ ଆସିଥିଲି । ସେମାନେ ବିଭାଜନ ବେଳେ ଏପଟକୁ ଚାଲିଆସିଛନ୍ତି । ଆପଣବି ବୋଧେ ସେଇ ସମୟରେ ଏପଟକୁ ... ?" - "ହଁ, ଯେବେ ପାକିସ୍ଥାନ ବନିଥିଲା, ହେଲେ ୱତନ୍ ତ ଆଜି ବି ଦିଲ୍ଲୀ ହିଁ ରହିଛି ।" ସଫିୟା ବେଗ୍‌ରୁ ଲୁଣ ପୁଡ଼ିଆଟି କାଢ଼ି ତାଙ୍କ ସାମ୍ନାରେ ଟେବୁଲ ଉପରେ ରଖିଦେଇ ଆସ୍ତେ ଆସ୍ତେ ଅଟକି ଅଟକି ସବୁକଥା କହିଦିଏ । ଅଫିସର ଜଣକ ଆସ୍ତେ ଆସ୍ତେ ପୁଡ଼ିଆଟିକୁ ନିଜ ପାଖକୁ ଘୁଞ୍ଚାଇ ନିଅନ୍ତି ଓ କଥା ସରିବାରୁ ତାକୁ ହାତରେ ଧରି ଭଲଭାବରେ ଗୁଡ଼ାଇ ନିଜେ ସଫିୟାର ବେଗ୍ ଭିତରେ ରଖିଦେଇ କହନ୍ତି, "ପ୍ରେମ ଓ ଭଲପାଇବା କଷ୍ଟମ୍ ଦେଇ ଏଇମିତି ଖସେ ଯେ ତାକୁ ଦେଖି ଆଇନ୍ ବି ଚକିତ ରହିଯାଏ ।" ସେ ଧନ୍ୟବାଦ୍ ଜଣାଇ ଟ୍ରେନ୍ ଆଡ଼କୁ ମୁହାଁଇଲା ବେଳେ ଅଫିସର କହନ୍ତି, "ଜାମା ମସଜିଦ୍‌ର ପାହାଚକୁ ମୋର ସଲାମ୍ ଜଣାଇଦେବ ଭଉଣୀ ଆଉ ସେଇ ମାତାଜୀଙ୍କୁ ଲୁଣ ଦେବାବେଳେ ମୋ ତରଫରୁ କହିବ ଯେ ଯଦି ଏତେବର୍ଷ ପରେ ଲାହୋର ଏବେ ବି ତାଙ୍କର ୱତନ୍ ତେବେ ଦିଲ୍ଲୀ ମୋର ବି ... ଆଉ ବଳକା ସବୁ ଆସ୍ତେ ଆସ୍ତେ ସୁଧୁରିଯିବ ।"

ଟ୍ରେନ୍ ସୀମାରେଖା ଆଡ଼କୁ ବଢ଼ିବାକୁ ଲାଗେ । ଅଟାରୀରେ ପାକିସ୍ଥାନୀ ପୋଲିସ ଓହ୍ଲେଇ ଯିବାବେଳେ ଚଢ଼ନ୍ତି ହିନ୍ଦୁସ୍ଥାନୀ ପୋଲିସ । କିଏ କୋଉ ଦେଶର ତାହା କିଛି ବି ବୁଝା ପଡୁ ନଥାଏ । କୋଉଠି ଲାହୋର ସରି ଆରମ୍ଭ ହୋଇଯାଏ ଅମୃତସର ତାହା ବି ଜଣାପଡ଼େନି । ଗୋଟେ ମାଟି, ଗୋଟେ ଭାଷା । ଏକା ରଙ୍ଗରୂପ, ଏକା ପୋଷାକ । ଭିନ୍ନତା କେବଳ ଏଇୟା ଯେ ଉଭୟଙ୍କ ହାତରେ ଗୁଳି ଭର୍ତ୍ତି ବନ୍ଧୁକ । ଅମୃତସର ରେଳଷ୍ଟେସନରେ ପ୍ରଥମଶ୍ରେଣୀ ଯାତ୍ରୀଙ୍କ ଜିନିଷ ତାଙ୍କ ଡବା ସାମ୍ନାରେ ହିଁ କଷ୍ଟମ୍ ହେବାର ଥାଏ । ସଫିୟାର ସବୁ ସାମାନ ଯାଞ୍ଚ ସରିବା ପରେ ସେ ସମସ୍ତଙ୍କଠୁଁ ଭିନ୍ନ, ବଙ୍ଗାଳୀ ଭଳି ଦେଖାଯାଉଥିବା ଜଣେ ଅଫିସରଙ୍କ ପାଖକୁ ଯାଇ କହେ, "ଦେଖନ୍ତୁ, ମୋ ପାଖରେ ଲୁଣ ଅଛି, ଅଳ୍ପ ଟିକିଏ ।" ବେଗ୍‌ରୁ ପୁଡ଼ିଆଟି କାଢ଼ି ତାଙ୍କ ଆଡ଼କୁ ବଢ଼ାଇ ଆସ୍ତେ ଆସ୍ତେ ସବୁକଥା କହେ । ଅଫିସର ମୁଣ୍ଡ ତଳକୁ କରି ଧ୍ୟାନର ସହ ସବୁକଥା ଶୁଣିବା ପରେ ତାକୁ ତାଙ୍କ ଅଫିସ୍ ଭିତରକୁ ଡାକନ୍ତି । ଚୌକିରେ ବସିବାକୁ ଅନୁରୋଧ କରି ବାହାରେ ଠିଆ ହୋଇଥିବା ଜଣେ ପୋଲିସ୍‌କୁ ଇସାରା କରନ୍ତି । ସଫିୟାର ପାଦତଳୁ ମାଟି ଖସିବାକୁ ଲାଗେ । ଏବେ କ'ଣ ଯେ ହେବ ! "ଦି'ଟା ଚା', ସ୍ପେଶାଲ ବାଲା ଆଣିବ"- ଅଫିସର ଆଦେଶ ଦେଉଥାନ୍ତି ପୋଲିସ୍ କନେଷ୍ଟବଲ୍‌କୁ । ଟେବୁଲ ଡ୍ରୟାର ଟାଣି ସବା ତଳୁ ଗୋଟେ ବହି ବାହାର କରି, ଧୂଳି ଝାଡ଼ି, ଟେବୁଲ ଉପରେ ରଖି ପ୍ରଥମ ପୃଷ୍ଠା ଲେଉଟାନ୍ତି । ବାଁ ପଟେ କାଜି ନଜରୁଲ୍ ଇସ୍‌ଲାମ୍‌ଙ୍କ ଫଟୋ ଥିବାବେଳେ ଡାହାଣପଟେ ଶୀର୍ଷକ ତଳେ ଇଂରାଜୀରେ ଫିକା ସ୍ୟାହିର ହାତଲେଖା, "ରାମସୁର୍ରହମାନ୍‌ଙ୍କ ତରଫରୁ ସୁନୀଲ ପାଇଁ ପ୍ରଚୁର ଭଲପାଇବାର ସହ, ଢାକା-୧୯୪୬ ।" ଏହାଦେଖି ସଫିୟା ପଚାରେ, "ତ ଆପଣ କ'ଣ ପୂର୍ବବଙ୍ଗର ?" - "ହଁ, ମୋ ୱତନ୍ ଢାକା ।" - "ତେବେ ଆପଣ କେବେ ଏଠିକୁ ଆସିଲେ ?" - "ବିଭାଜନ ବେଳେ, ସେତେବେଳେ ମୋତେ ବାର ତେରବର୍ଷ ବୟସ । ଆମେ ନଜରୁଲ୍ ଓ ଟେଗୋର ଉଭୟଙ୍କୁ ପଢୁଥିଲୁ । ବିଭାଜନର ବର୍ଷେ ପୂର୍ବରୁ ମୋର ସବୁଠୁ ପ୍ରିୟ ବନ୍ଧୁ ମୋ ଜନ୍ମଦିନରେ ଏଇ ବହି ଉପହାର ଦେଇଥିଲେ । କଲିକତାରେ ପାଠପଢ଼ା, ମୋତେ ଚାକିରି ମିଳିବା ପର୍ଯ୍ୟନ୍ତ ଆମେ ୱତନ୍‌କୁ ଯିବା ଆସିବା କରୁଥିଲୁ ।" - "ୱତନ୍ ?" ସଫିୟା ମୁହଁରୁ ଆଶ୍ଚର୍ଯ୍ୟରେ ବାହାରିପଡ଼େ । "ମୁଁ କହିଲି ନା ମୋ ୱତନ୍ ଢାକା ବୋଲି"- ଅଫିସର ସାମାନ୍ୟ କ୍ଷୁବ୍ଧ ହୋଇ କହନ୍ତି । "ହଁ ହଁ ବୁଝିଲି"- ଛାନିଆଁ ହୋଇ କହେ ସଫିୟା । ଅଫିସର ନିଜ ଚା'କପ୍‌ରେ ଚୁମୁକ ଦେଇ କହନ୍ତି, "ସେମିତି ଡାବ ତ କଲିକତାରେ ବି ମିଳେ ଯେମିତି ଲୁଣ ମୁଠାଏ ଏଠି ବି ମିଳୁଛି । ହେଲେ ଆମ ସେଠିକା ଡାବର ମହତ୍ୱ ଭିନ୍ନ । ଆମ ମାଟି, ପାଣି, ପବନର ମଜା ହିଁ ଅଲଗା ।" ଉଠିଲା ବେଳକୁ ପୁଡ଼ିଆଟିକୁ ସଫିୟାର ବେଗ୍‌ରେ ରଖି ନିଜେ ବେଗ୍ ଧରି ଆଗେ ଆଗେ ଚାଲନ୍ତି ଅଫିସର । ସଫିୟା ବେଗ୍ ନେଇ ଓଭରବ୍ରିଜ୍‌ରେ ଚଢ଼ିଲାବେଳେ ସେ ସବା ତଳ ପାହାଚରେ ମୁଣ୍ଡ ନୁଆଇଁ ଠିଆ ହୋଇଥାନ୍ତି - ଆଉ ସଫିୟା ଭାବୁଥାଏ ତା' ନିଜ ୱତନ୍ କୋଉଟା ଯେ - ଯାହା କଷ୍ଟମ୍‌ର ଏପଟେ ଅଛି ନା ସେପଟେ ? (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୮ ଅପ୍ରେଲ, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଆଉଜା କବାଟ (୩୫)



# ସକାଳ ନଅରେ ଆସୁଥିବା ଟ୍ରେନ୍ (୧)

ଡ. ରାଧାରଂଜନ ପଟ୍ଟନାୟକ

ନିଧି ବସ୍ତିଆ ମଧ୍ୟାହ୍ନ ଭୋଜନ ପରେ ନିଜ ସିଟ୍ ଉପରେ ବସି ସିଗାରେଟ୍ ଲଗାଇଲା। ଧୂଆଁର ଧାର ଛାଡୁ ଛାଡୁ ପାର୍ଶ୍ୱରେ ବସିଥିବା ନିଜ ବିଭାଗର କର୍ମଚାରୀମାନଙ୍କ ପ୍ରତି ଉନ୍ମୁଖ ହୋଇ କହିଲେ - "କାଲି ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନ ମନ୍ତ୍ରୀଜୀ ନିଶାମୁକ୍ତ ଭାରତ"ର ସମ୍ବାଦ ଆପଣ ମାନେ ଶୁଣିଥିବେ। କହିବାର ମନମୁଗ୍ଧକର ଶୈଳୀ ଏବଂ ଅଦ୍ଭୁତ ଚିନ୍ତାଧାରା ତାଙ୍କର। ସେ ଲୋକମାନଙ୍କୁ ବୁଝାଇଲେ କି ନିଶାର ଉଚ୍ଛୃଙ୍ଖଳତା ଭଲ ଭଲ ମନୁଷ୍ୟଙ୍କୁ ରାକ୍ଷସ ବନାଇଦେବ। ଯେଉଁ ନିଶାଯୁକ୍ତ ପଦାର୍ଥ ଲୋକେ ନିଅନ୍ତି, ସେମାନେ ଅର୍ଜିତ ଆତ୍ମାର ଆତଙ୍କବାଦୀଙ୍କ ପରି ଭୟାବହ କାର୍ଯ୍ୟ କରନ୍ତି। ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରନ୍ତି। ସତରେ କେତେ ସନ୍ଥ ମଣିଷ ଆମ ପ୍ରଧାନମନ୍ତ୍ରୀ! ଯେଉଁ କାର୍ଯ୍ୟ ସମାଜସେବୀ ସଂଗଠନ, ସନ୍ଥ ଏବଂ ମହାତ୍ମାମାନେ କରିବା ଜରୁରୀ, ସେମାନଙ୍କ କାମ ପ୍ରଧାନମନ୍ତ୍ରୀଙ୍କୁ କରିବାକୁ ପଡୁଛି।

ତାଙ୍କ ସାମ୍ନାରେ ଥିବା ଚେୟାରରେ ଉପବେଶନ କରିଥିବା ରାଧୁ ଅଗସ୍ତି କିଛି ସମୟ ନୀରବରେ ରହି ହଠାତ୍ କହିଲେ, "ପୁଣି ବି ତାଙ୍କ କଥାରେ କୌଣସି ପ୍ରଭାବ ପଡୁଥିବାର ଦେଖାଯାଉ ନାହିଁ। ଆପଣ ସ୍ୱୟଂ ସିଗାରେଟ ପିଉଛନ୍ତି, କେବଳ ଏତିକି ନୁହେଁ ଇଚ୍ଛା ନଥିଲେବି ଆମେ ସମସ୍ତଙ୍କୁ ସିଗାରେଟ ଅଫର୍ କରୁଛୁ ଏବଂ ନିଜେ ବି ଖୁବ୍ ସ୍ମାର୍ଟ ମଣିଷଟିଏ ଭଳି ଧୂମପାନ କରୁଛୁ। ଆପଣ ଜାଣିବା ଦର୍କାର ନିଶାର ଗଭୀର ପ୍ରଭାବ ହେତୁ ଲୋକମାନଙ୍କର ଚାରିତ୍ରିକ ପତନ ହେଉଅଛି, ଯେଉଁଥିରେ ଭଳିକି ଭଳି ସାମାଜିକ ବିଚ୍ଛିନ୍ନତା ସୃଷ୍ଟି ହେଉଛି। କ'ଣ ଆପଣ କେବେ ଏହା ଉପରେ ଚିନ୍ତା କରିଛନ୍ତି? ଆପଣତ ....

ମିଃ ଅଣାକାର ମଝିରେ କହି ଉଠିଲେ, ଆପଣତ ତାଙ୍କ ଠାରୁ ଖୁବ୍ ସନ୍ଥ ଜଣା ପଡୁଛନ୍ତି। ଚାରି ଦିନର ଜୀବନ, ମୌଜରେ ବିତାଇ ଦିଅ। ଗୋଟିଏ ଦିନ ଖାଲି ହାତରେ ଚାଲିଯିବା ଅର୍ଥ ଜୀବନ ବେକାର ହେବା। ଜୀବନ ଅଛି ତ ଉପଭୋଗ କର। ସନ୍ଥ - ଅସନ୍ଥ କେହିବି ଚିରସ୍ଥାୟୀ ରହିବାବାଲା ନୁହେଁ। ଆପଣ କୁହନ୍ତୁତ, ପ୍ରଧାନମନ୍ତ୍ରୀତ 'ମନ୍‌କି ବାତ'ରେ ଖୁବ୍ ଲମ୍ବା ଚଉଡ଼ା ଭାଷଣ ଜାତି ଉଦ୍ଦେଶ୍ୟରେ ଦେଉଛନ୍ତି ହେଲେ ନିଶାଯୁକ୍ତ ସାମଗ୍ରୀର ଉତ୍ପାଦନ ଏବଂ ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଉ ନାହାନ୍ତି କାହିଁକି! ମୂଳ ଚେରକୁ କାଟିବା ଦର୍କାର। ଶାଖା ପ୍ରଶାଖା କାହିଁକି କଟା ହେଉଛି। ଏମିତି କାଟିବା ଦ୍ୱାରା କ'ଣ ସମସ୍ୟାର ସମାଧାନ ହୋଇପାରିବ? ମୂଳୁ ମାରିଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ପା କଳି! ନା ରହିବ ବାଉଁଶ ନା ବାଜିବ ବଂଶୀ। ମୁଁ କିଛି ଭୁଲ କହୁ ନାହିଁତ!

ଭୁଲ ... ଏବଂ ଆପଣ! ସାର୍, ଏ ଆମର ଶରୀର, ଏହାର ସୁରକ୍ଷା ଚିନ୍ତା ଆମର ହେବା ଦରକାର। ଆଜିର ଯୁବକ ଦିଗ୍‌ଭ୍ରାନ୍ତ, କୁସଂଗ ବେଷ୍ଟିତ କାରଣ ସେମାନେ ନିଶାର ବିଳାସରେ ଫଶି ଯାଇଛନ୍ତି ଏବଂ ବିବିଧ ଅପରାଧିକ କାର୍ଯ୍ୟରେ ମଧ୍ୟ ସାମିଲ୍ ହେଉଛନ୍ତି। ଯୁବକମାନଙ୍କର ଏତାଦୃଶ ପଥଭ୍ରଷ୍ଟ କାରଣହିଁ ଦେଶ ତଥା ସମାଜ ପାଇଁ ଅଶୁଭ ସଂକେତ ଅଟେ। ଖୁବ୍ ଚୁପ୍ ଚାପ୍ ଏବଂ ନୀରବ ହୋଇଯାଇଥିଲେ ରାଧୁ ଅଗସ୍ତି।

କିଛି ସମୟ ଯାଏ ନୀରବରେ ବସିଥାନ୍ତି ସେ। ଠିକ୍ ଏହି ସମୟରେ ନିଧି ବସ୍ତିଆ ନୀରବତା ଭଂଗ କରି କହିଲେ - ଆପଣ ତ ମୋ କଥାକୁ ଖୁବ୍ ଗମ୍ଭୀରତାର ସହ ନେଇଗଲେ। ମୁଁ ତ ହସ ମଜାରେ ଏକଥା କହୁଥିଲି। କ'ଣ କରିବି ରାଧୁ? ବର୍ତ୍ତମାନ ଏହି ଖରାପ ଅଭ୍ୟାସ ଯାହାକି ଜୋକ ଭଳି ଚିପି ଯାଇଛି ମୋ ଜୀବନରେ। ଇଚ୍ଛା ହେଲେବି ଛାଡ଼ି ପାରୁନି - ଏହି ଖରାପ ଅଭ୍ୟାସକୁ। ମୁଁ ତ ହାରିଯାଉଛି।

କି କଥା କହୁଛନ୍ତି ଆପଣ ସାର୍! ହୃଦୟରେ ଯେଉଁ ଜିନିଷ ଚାହିଁବ ତାକୁ ଆପଣାଇବା କିଛି ଅସମ୍ଭବ ନୁହେଁ। ମୁଁ ମୋ ଜୀବନର ଘଟଣା ଆପଣଙ୍କୁ ଶୁଣାଉଛି। ସେହି ଘଟଣାକୁ ସ୍ମରଣ କଲାମାତ୍ରେ ଆଜିବି ମୁଣ୍ଡଠାରୁ ଗୋଡ଼ ପର୍ଯ୍ୟନ୍ତ ସମଗ୍ର ଶରୀରରେ ଶିହରଣ ଆସିଥାଏ।

ଆଇ.ଏ.ସି ପରେ ଉଚ୍ଚଶିକ୍ଷା ପାଇଁ ଗୋଟିଏ ଛୋଟ ସହରକୁ ଆସିଲି। ସର୍କାରୀ ଚାକିରୀରେ ଥିବା ସ୍ୱଚ୍ଛଳ ମଣିଷ ନିଜ ନିଜ ପିଲାଙ୍କୁ ଉତ୍ତମ ଶିକ୍ଷା ପାଇଁ ପାହାଡ଼ ତଳି ଅଞ୍ଚଳରୁ ଆସି ଏଠାରେ ରହିବା ଆରମ୍ଭ କରି ଦେଇଥିଲେ। ଅତଏବ ସହରର ବିସ୍ତାର ଖୁବ୍ କ୍ଷୀପ୍ର ଗତିରେ ହେଉଥିଲା। ଖୁବ୍ ଭଲ କରିଥିଲେ ଇଂରାଜୀ ଲୋକ। ରେଳ ଲାଇନ୍ ଆପାତତଃ ଏହି ସହର ପର୍ଯ୍ୟନ୍ତ ବିଛାଇ ଦେଇଥିଲେ। ସ୍ୱାଧୀନତାର ଛଅ ଦଶନ୍ଧି ପରେବି ରେଳଲାଇନ୍‌ର ବିସ୍ତାର ସେମିତି ଆଖିଦୃଶିଆ ବଢ଼ିନଥିଲା। ଏପରିକି ଏହି ପାହାଡ଼ ତଳ ଅଞ୍ଚଳରୁ ରେଳଧାରଣା ଆଗକୁ ବଢ଼ି ନଥିଲା। ଏହାର ମୁଖ୍ୟ କାରଣ ଥିଲା, ଏହିଠାରୁ ସଭିଏଁ ରେଳଗାଡ଼ି ଧରୁଥିଲେ। ପାହାଡ଼ ତଳର ଏହା ପ୍ରମୁଖ ବଜାର ମଧ୍ୟ।

ଏହି ସହରକୁ ପ୍ରବେଶ ସମୟରେ ବାପାବି ମୋ ସହ ଆସିଥିଲେ। ସମସ୍ତ ବ୍ୟବସ୍ଥା କରିସାରିବା ପରେ ସେ ନିଜ କାମରେ ଦିଲ୍ଲୀ ଯିବା ପାଇଁ ପ୍ରସ୍ତୁତ ହୋଇଥିଲେ। ମୋତେ ତାଙ୍କରି ପାଖରେ ବସାଇ କହିବାକୁ ଲାଗିଲେ - "ଦେଖ ପୁଅ ରାଧୁ, ଏବେ ତୁ ମହାବିଦ୍ୟାଳୟରେ ପ୍ରବେଶ କଲୁ। ବିଭିନ୍ନ ପ୍ରକାର ବିଦ୍ୟାର୍ଥୀ ତୋତେ ମିଳିବେ। ଉଦଣ୍ଡ ବି ମେଧାବୀ ବି। ସଂଗତର ବହୁତ ପ୍ରଭାବ ପଡ଼େ। ସତର୍କ ହୋଇ ରହିବୁ। ଏ ଆମ ମଫସଲ ନୁହେଁ। ଶିକ୍ଷା ହିଁ ସବୁଠାରୁ ପ୍ରଥମ। ଜୀବନର ଅମୋଘ ଅସ୍ତ୍ର। ତୋ ପାଖକୁ ଟଙ୍କା ବରାବର ପଠାଇବି। ଖାଇବା ପିଇବାରେ ଅବହେଳା କରିବୁ ନାହିଁ। ଏଇମିତି ଅନେକ ନୀତିପୂର୍ଣ୍ଣ ଏବଂ ଆବଶ୍ୟକ କଥା କହି ପିତୃସୁଲଭ ତଥା ବିଚ୍ଛେଦର ଭାବ ନେଇ ବାପା ମୋ କୋଠରୀରୁ ପ୍ରସ୍ଥାନ କଲେ।

ମୁଁ ମହାବିଦ୍ୟାଳୟ ଯିବାକୁ ଆରମ୍ଭ କଲି। ଏକ ଆଶ୍ଚର୍ଯ୍ୟଜନକ ପରିବେଶ ଦେଖିବାକୁ ମିଳିଲା। ଏଠାରେ ଅନୁଶାସନ ନାମକ କୌଣସି ଜିନିଷ ନାହିଁ। ଛାତ୍ରଛାତ୍ରୀମାନଙ୍କର ଅଲଗା ଅଲଗା ଦଳ ଗପ ମାରିବାରେ ବ୍ୟସ୍ତ। ସତେ ଯେମିତି ସେମାନେ କାହାଣୀ ଚର୍ଚ୍ଚାରେ ତଲ୍ଲୀନ ହୋଇ ଯାଇଛନ୍ତି। କ୍ଲାସ୍ ରୁମ୍‌ର ପ୍ରତିଟି କୋଣ ଗୁଟ୍‌କା, ପାନ ମସଲାର ଛେପରେ ରଙ୍ଗୀନ୍ ହୋଇଯାଇଛି। ବହୁତ ସ୍ୱଳ୍ପ ସଂଖ୍ୟକ ଛାତ୍ର କ୍ଲାସ୍‌ରେ ବସିଥିବାର ଦେଖିଲି। ବର୍ତ୍ତମାନ ସୁଦ୍ଧା ମୋର କୌଣସି ସାଙ୍ଗ ନଥିଲେ। ବଜାରରୁ କିଛି ଦୂରରେ ମୋର ଘର ଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ସଘନ ଆମ୍ବର ବଗିଚା ଥିଲା। ସେହି ରାସ୍ତାରେ ଯାଉଥିବା ଲୋକ ଆମ୍ବ ପଡ଼ିବା ସମୟରେ ଡରି ଯାଉଥିଲେ। ସଞ୍ଜ ନଇଁ ଆସିଲେ ସେହି ରାସ୍ତାରେ ଯିବାକୁ ସଭିଏଁ ଭୟ ପାଉଥିଲେ। ମୋ ପାଇଁ ଏହା ଅପରିଚିତ ଜାଗା ଥିଲା। ଏକଲା ରୁମ୍‌ରେ ମନ ଲାଗୁନଥିଲା। ଘରକଥା ସବୁବେଳେ ମନେ ପଡୁଥିଲା। ଆଖିରେ ଅଶ୍ରୁ ଭରି ଯାଉଥିଲା। ପାଠପଢ଼ା ଚୁଲିକି ଯାଉ, ଏହା ଭାବି ଘରକୁ ଫେରି ଆସିଲି।"

ଗାଁରେ ପ୍ରତିଟି ମୁହୂର୍ତ୍ତ ଖୁବ୍ ହସ ଉଲ୍ଲାସରେ କଟୁଥାଏ। ଏକ ସପ୍ତାହ ବିତିଗଲା। ମୁଁ ଭୁଲି ଯାଇଥିଲି ଯେ, ମୋତେ ପୁଣି ଫେରିବାକୁ ପଡ଼ିବ। ମା' ମୋର ସ୍ଥିତି ଏବଂ ମାନସିକ ଅବସ୍ଥାକୁ ପରଖି ସାରିଥିଲା। ସେ ମୋତେ ଗାଳି ଦେଇ କହିଲା - ପୁଅରେ! ଜୀବନସାରା କେହି କାହାରି ସହିତ ରହିପାରେ ନାହିଁ। ବ୍ୟକ୍ତିକୁ ନିଜ ଜୀବନ ସ୍ୱୟଂ ଗଢ଼ିବାକୁ ପଡ଼ିବ ଏବଂ ଜୀଇଁବାକୁ ବି। ପକ୍ଷୀକୁ ଦେଖ୍! ଯେମିତି ସେମାନଙ୍କର ଶାବକ ବଡ଼ ହୋଇଯା'ନ୍ତି ସେମାନେ ନିଜ ଡେଣାରେ ସବାର ହୋଇ ଦୂରକୁ ଚାଲିଯାନ୍ତି ନିଜ ନିଜ ଜୀବନ ପାଇଁ। ବର୍ତ୍ତମାନ ତୁ ସେଠାରେ ଧୀରେ ଧୀରେ ରହିବାର ଅଭ୍ୟାସ କର।"

ମା'ର ଏଇ କଥା ହିଁ ମୋ ଜୀବନରେ ଗଭୀର ପ୍ରଭାବ ପକାଇଲା। ଠିକ୍ ତା'ପରଦିନ ଗାଁରୁ ପୁଣି ଫେରିଲି ସହରକୁ। ରାସ୍ତାରେ ପଡ଼ୋଶୀ ଗାଁର ଏକ ପିଲା ମିଳିଗଲା। ସେ ବି.ଏ. ଦ୍ୱିତୀୟ ବର୍ଷର ଛାତ୍ର ଥିଲା। ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଲା। ସେ ତାର ନାମ ସତ୍ୟଜିତ୍ ବୋଲି ଜାଣିଲି। ତା' ସହିତ ମୋତେ ଖୁବ୍ ଆପଣାର ଆପଣାର ମନେହେଲା। ତାର ପ୍ରେମ ପୂର୍ଣ୍ଣ କଥାରୁ ଜାଣିଲି, ସେ ମୋର ସୁଖ ଦୁଃଖରେ ନିଶ୍ଚୟ ମୋ ସାଥି ହେବ। ଯେତେବେଳେ ସେ ତା'ର କୋଠରୀକୁ ଯିବା ପାଇଁ ବାରମ୍ବାର କହିଲା, ମୁଁ ତାର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିପାରିଲି ନାହିଁ।

ବର୍ତ୍ତମାନ ତାର କୋଠରୀରେ ପହଞ୍ଚିବାର ଗୋଟିଏ ଘଣ୍ଟା ବିତିଛି କି ନାହିଁ ତାର ଅନ୍ୟ ଦୁଇଜଣ ମିତ୍ର ଆସିଗଲେ। ସତ୍ୟଜିତ୍ ସେହି ଦୁଇଜଣଙ୍କ ସହ ମୋର ପରିଚୟ କରାଇଦେଲା। ସେମାନଙ୍କ ଭିତରୁ ଜଣକ ନାମ ସିଦ୍ଧାର୍ଥ ଏବଂ ଅନ୍ୟ ଜଣଙ୍କ ନାମ ପ୍ରଭଞ୍ଜନ ଥିଲା। ସିଦ୍ଧାର୍ଥ ପାହାଡ଼ ତଳି ଅଞ୍ଚଳର ପିଲା ମାତ୍ର ପ୍ରଭଞ୍ଜନ ଏହି ସହରର ନିବାସୀ। କ'ଣ ଆଣିଛ ଘରୁ ସତ୍ୟଜିତ୍? ଆଣ ଏବଂ ଖୁଆଅ। (କ୍ରମଶଃ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୧୯୨



# ସିର୍ଦ୍ଧାଥ ଓ ଶିଖା

ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବେଳେବେଳେ ଆଶ୍ଚର୍ଯ୍ୟ ଏକ ଅଭିଧାନର ଅଭ୍ୟୁତ୍ଥାନ ହୁଏ ଏବଂ ସେଇ ଅଭିଧାନରୁ ନୂଆ ନୂଆ ଶବ୍ଦ ଖୋଜୁ ଖୋଜୁ ଜୀବନରେ ଶବ୍ଦର ମେଘ ଫୁଲ ଝରିଯାଏ । ଆକାଶରୁ ଝରୁଥିବା ବିନ୍ଦୁ ବିନ୍ଦୁ ଜଳ ମଧୁମୟ ଏ ଧରିତ୍ରୀକୁ ଛୁଇଁ ଦେଲା ମାତ୍ରେ ପାଲଟିଯାଏ ଶବ୍ଦର ସ୍ତବକ ଏବଂ ସେ ସ୍ତବକର ଫୁଲ ପାଖୁଡ଼ା ଅପୂର୍ବ ମହକରେ ଚାରିଆଡ଼ ମହକାଇ ଦିଏ ।

ପୁଅ ସିଦ୍ଧାର୍ଥ କଟକ ମେଡ଼ିକାଲ କଲେଜକୁ ଟ୍ରାନ୍ସଫର ହୋଇ ଆସିଲା ପରେ ଆମେ ଏସ୍.ସି.ବି ମେଡ଼ିକାଲ୍ କଲେଜ ପାଖରେ ଥିବା କ୍ୱାଟରସ୍ ଛାଡ଼ି ଆମ ଲିଙ୍କରୋଡ଼ ଘରକୁ ଆସି ରହିଲୁ । ସେ ହଷ୍ଟେଲ୍‌ରେ ନ ରହି ଘରେ ରହୁଥିଲା ଏବଂ ଆମ କୁନି ନାଲି ମାରୁତି ଗାଡ଼ି ୫୯୯୫ରେ ହିଁ ଲିଙ୍କରୋଡ଼ରୁ ମେଡ଼ିକାଲ୍ କଲେଜକୁ ପାଠ ପଢ଼ିବାକୁ ଯାଉଥିଲା, କାରଣ ରମାରମଣ ଚାହୁଁନଥିଲେ ଛୋଟ ସ୍କୁଟିଟିଏ ନେଇ କଟକର ଗହଳି ଓ ଗଳି ରାସ୍ତାରେ ସେ ମେଡ଼ିକାଲ୍ କଲେଜ ଯାଉ।

ସେ ତାର ଫାଷ୍ଟ ଏମ୍.ବି ବି.ଏସ୍ ଠାରୁ ଫାଇନାଲ୍ ଏମ୍.ବି.ବି.ଏସ୍ ଯାଏଁ ବହୁତ ଭଲ ମାର୍କ ରଖି ପାସ୍ କରିଥିଲା । ଫୋର୍ଥ୍ ଇୟରରେ ଗୋଟିଏ ବର୍ଷ ପାଇଁ ସିଦ୍ଧାର୍ଥ ଏକାଡ଼େମିକ୍ ସେକ୍ରେଟାରୀ ହୋଇଥିଲା ଏବଂ ସେ ସମୟରେ ବହୁତ ସାଇଣ୍ଟିଫିକ୍ ମିଟିଂ କରିଥିଲା । ତିନୋଟି ଯାକ ମେଡ଼ିକାଲ କଲେଜର ଅତି ଦକ୍ଷ ପ୍ରଫେସରମାନେ ତାର ସେମିନାରରେ ଭାଷଣ ମଧ୍ୟ ଦେଇଥିଲେ ।

ତା'ର ଫାଇନାଲ ଏମ୍.ବି.ବି.ଏସ୍ ପରୀକ୍ଷା ସରିଗଲା ଏବଂ ସେ ପ୍ରଥମ ୫ଜଣଙ୍କ ମଧ୍ୟରେ ମାର୍କ ରଖିଥିଲା । ପ୍ରତିଟି ବିଷୟରେ ତା'ର ବିଶଦ ଧାରଣା ଥିଲା । ପରେ ପୁଣି ପି.ଜି ପାଇଁ ସେ ପ୍ରସ୍ତୁତ ହେଲା । କିନ୍ତୁ ତା' ଆଗରୁ ତାର ବାହାଘର ସହପାଠିନୀ ଶିଖା ସହ ସ୍ଥିର ହୋଇଗଲା । ଦୁହେଁ ଯାକ ପି.ଜି ଏଣ୍ଟ୍ରାନ୍ସ ପରୀକ୍ଷା ଦେଲେ । ଦୁହେଁ ଯାକ ସନ୍ଦିହାନ ଥିଲେ, କାଳେ ପ୍ରଥମ ଥର ପି.ଜି. ମିଳିବକି ନାହିଁ । ବୋହୂ ଶିଖା ଏମ୍ସ୍ ମେଡ଼ିକାଲ କଲେଜ ଦିଲ୍ଲୀରେ ଏଣ୍ଟ୍ରାନ୍ସରେ ଦ୍ୱିତୀୟ ସ୍ଥାନ ରଖି ପାଶ୍ କରିଥିଲା ଏବଂ ସେତେବେଳେ ଦିଲ୍ଲୀ ଏମ୍ସ୍ ଆଗରେ ଥିବା ଲନ୍‌ରେ ବସି ଦୁହେଁ ଫୋନ୍ କରିଥିଲେ "ମା, ଶିଖା ଏମ୍ସରେ କୋଉ ବିଷୟରେ ପି.ଜି କରିବ ?" 'ଗାଇନୋକୋଲୋଜି' ବୋଲି ମୁଁ ସଂଗେ ସଂଗେ ପ୍ରତ୍ୟୁତ୍ତର ଦେଇଥିଲି ଏବଂ ତା' ଭଳି ସବ୍‌ଜେକ୍ଟ ନାହିଁ ବୋଲି ମଧ୍ୟ କହିଥିଲି । ତେଣୁ ଶିଖାର ଏମ୍ସ୍‌ରେ ଗାଇନୋକୋଲୋଜି ପି.ଜି.ରେ ଆଡ଼ମିଶନ୍ ହୋଇଗଲା।

ପିଜିରେ ଆଡ଼ମିଶନ୍ ନେବା ପରେ ପରେ ଶିଖାର ସାନଭଉଣୀ ଚିତ୍ରଲେଖାର ମଧ୍ୟ ବାହାଘର ସ୍ଥିର ହୋଇଗଲା ଏବଂ ଦୁଇ ଜଣଙ୍କ ବାହାଘର ଏକା ସଙ୍ଗରେ ହେବ ବୋଲି ତାଙ୍କ ଘର ପକ୍ଷରୁ ସ୍ଥିର କରାଗଲା । ତେଣୁ ଆମେ ମଧ୍ୟ ବାହାଘର ତାରିଖ ପାଇଁ ସ୍ୱୀକୃତି ଦେଲୁ । ପୁଅର ବାହାଘର କଟକର ଇନ୍‌ଡୋର ଷ୍ଟାଡିୟମ୍‌ରେ ହୋଇଥିଲା ଏବଂ ରିସେପ୍‌ସନ ମଧ୍ୟ ଖୁବ୍ ଭଲ ଭାବରେ ହୋଇଥିଲା । ସେମାନେ ସଂଗେ ସଂଗେ ଦିଲ୍ଲୀ ଯାଇ ନିଜ ନିଜର ପାଠପଢ଼ାରେ ବ୍ୟସ୍ତ ରହିଲେ । ସେତେବେଳେ ମନ ଆକାଶକୁ ନଇଁ ଆସିଥିଲା, ଜ୍ୟୋତିଷଭଳି ଉଜ୍ଜ୍ୱଳ ଶିଖାଟିଏ, ମର୍ତ୍ତ୍ୟରେ ନୁହେଁ ସ୍ୱର୍ଗରେ ହିଁ ବିବାହ ଏବଂ ଦୁଇ ଆତ୍ମାର ମିଳନ ଭଗବାନ ହିଁ କରିଥାନ୍ତି ବୋଲି ଦୃଢ଼ ଧାରଣାଟିଏ ଆଉ ଥରେ ମନ ଭିତରେ ଉଙ୍କିମାରିଲା ।

ଏହା ଆଗରୁ ପୁଅ ସିଦ୍ଧାର୍ଥ ପିଜି ପାଇଁ ଖୁବ୍ ଭଲ ଭାବରେ ପ୍ରସ୍ତୁତ ହୋଇଥିଲା ଏବଂ ଇସି.ଏଫ୍. ଏମ୍‌ଜି ମଧ୍ୟ କୁଆଲାଲମ୍ପୁର ଯାଇ କ୍ଲିଅର କରି ପାର୍ଟ ୨ ଓ ୩ ପାଇଁ ଆମେରିକା ଯାଇଥିଲା । ସେଠି ଆଟଲାଣ୍ଟାରେ ତାର ସେଣ୍ଟର ହୋଇଥିଲା । ସେ ଆମେରିକା ଯାଇ ଆଟଲାଣ୍ଟାରେ ଇସି.ଏଫ୍.ଏମ୍.ଜି ପାର୍ଟ ୩ ପରୀକ୍ଷା ଦେଇ କ୍ଲିନିକାଲ୍‌ରେ ମଧ୍ୟ ପାଶ୍ କରିଗଲା । ଯଦିଓ ଆମେରିକାରେ ଚାକିରୀ ତା'ର ହୋଇ ଯାଇଥିଲା-ସେ ପୁଣି ଫେରି ଆସିଲା ଭାରତକୁ ଏଠି ଭଲ ମେଡ଼ିକାଲ କଲେଜରେ ପି.ଜି. କରିବ ବୋଲି । ମୋ ମନର କେଉଁ ନା କେଉଁ କୋଣରେ ସବୁବେଳେ ଛୋଟ ଇଛାଟିଏ ଉଙ୍କି ମାରୁଥିଲା ଯେ, ସିଦ୍ଧାର୍ଥ କେମିତି ଓଡ଼ିଶାର ଏସ୍.ସି.ବି. ମେଡ଼ିକାଲ କଲେଜରେ ପି.ଜି. କରନ୍ତା କି ।

ଯେତେବେଳେ ଓଡ଼ିଶାରେ ପି.ଜି ଏଣ୍ଟ୍ରାନ୍ସ ପରୀକ୍ଷା ହେଲା ମୁଁ ତାକୁ ଫୋନ୍ କରି କହିଲି "ବାପା, ଓଡ଼ିଶାର ପି.ଜି. ମେଡ଼ିକାଲ ଏଣ୍ଟ୍ରାନ୍ସ ପରୀକ୍ଷା ବାହାରିଛି, ତୁ ଓଡ଼ିଶା ଆସି ପି.ଜି. ପରୀକ୍ଷା ଦେଇ ଯା', ତେଣିକି ଆମେ ଦେଖିବା ତୁ କେଉଁଠି ଆଡ଼ମିସନ ନେବୁ" କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ମତେ ସିଦ୍ଧାର୍ଥ ମନା କଲା ଏବଂ କହିଲା – "ମୁଁ ତ ଅଲ୍ ଇଣ୍ଡିଆ ପି.ଜି.ରେ ନିଶ୍ଚୟ ପାଇବି, ତେଣୁ ଓଡ଼ିଶା ଆସି ଆଉ ପରୀକ୍ଷା ଦେବିନି ।" ମୁଁ କିନ୍ତୁ ସିଦ୍ଧାର୍ଥକୁ ବାଧ କରି କହିଲି "ତୁ ଗୋଟିଏ ଦିନ ଆସି ଏଣ୍ଟ୍ରାନ୍ସ ଟେଷ୍ଟ ଦେଇ ଚାଲିଯା । ତା' ପରେ ସେ ଦିଲ୍ଲୀରୁ ଆସି କଟକ ମେଡ଼ିକାଲ କଲେଜରେ ପି.ଜି. ପରୀକ୍ଷା ଦେଲା ଏବଂ ତାର ଫଳାଫଳ ମଧ୍ୟ ଅଳ୍ପଦିନ ଭିତରେ ବାହାରିଗଲା ।

ରେଜଲ୍ଟ ବାହାରିବାର ୫ ମିନିଟ୍ ମଧ୍ୟରେ ଆମ ପାଖକୁ ଖବର ଆସିଲା ଯେ, ସେ ଓଡ଼ିଶାରେ ପ୍ରଥମ ୫ ଜଣଙ୍କ ଭିତରେ ରହିଛି । ଆମେ ତାକୁ ସେ' ଖବର ଜଣାଇବା ମାତ୍ରେ ସିଦ୍ଧାର୍ଥ ପୁଣି ଫ୍ଲାଇଟ୍‌ରେ ଦିଲ୍ଲୀରୁ ଆସି ପହଞ୍ଚିଲା ଏବଂ କାଉନ୍‌ସେଲିଂ ପାଇଁ ଭୁବନେଶ୍ୱର ଗଲା ଏବଂ ଏସ୍.ସି.ବି ମେଡ଼ିକାଲ କଲେଜରେ ଜେନେରାଲ୍ ସର୍ଜରୀରେ ପି.ଜି. ସିଟ୍ ପାଇଲା ।

ଆମେ ସମସ୍ତେ ଖୁବ୍ ଖୁସି ହୋଇଗଲୁ ଯେ ସେ ମଧ୍ୟ ସେଇ ଏସ୍.ସି.ବି ମେଡ଼ିକାଲ କଲେଜରେ ସର୍ଜରୀରେ ପି.ଜି. କରିବ କିନ୍ତୁ ସେଇ ସମୟରେ ପି.ଜି. ଛାତ୍ରଛାତ୍ରୀମାନେ ଗାଁ ଗହଳି ବା ରୁରାଲ ଏରିଆ ବିଶେଷ ଭାବେ କନ୍ଧମାଳ, କୋରାପୁଟ, ମାଲକାନ୍‌ଗିରି ଆଦି ଅଂଚଳରେ ଗୋଟିଏ ବର୍ଷ ଲେଖାଏଁ ପି.ଏଚ୍.ସିରେ କାମ କରି ପୁଣି ଆସି ମେଡ଼ିକାଲ କଲେଜରେ ଦୁଇବର୍ଷ ପାଠ ପଢ଼ିବାର ଅର୍ଡ଼ର ଥିଲା, ତେଣୁ ଆଡ଼ମିଶନ୍ ପରେ ପରେ କୋରାପୁଟରୁ ଆହୁରି ଦୂରଜାଗାରେ ଗୋଟିଏ ପି.ଏଚ୍.ସି. ରେ ତା'ର ପୋଷ୍ଟିଂ ହେଲା । ସେଠି ଜଏନ କରିବା ପାଇଁ ସେ କୋରାପୁଟ ବାହାରିଲା - ଟ୍ରେନ୍‌ରେ ଯାଇ କୋରାପୁଟ ସି.ଡ଼ି.ଏମ୍ ଓ ଅଫିସ୍‌ରେ ପହଞ୍ଚି ଜଏନ୍ କଲା ଓ ସଂଗେ ସଂଗେ କୋରାପୁଟ ଠାରୁ ୨୫ କି.ମି. ଦୂର ପୋଷ୍ଟିଂ ଜାଗାରେ ଯାଇ ପହଞ୍ଚିଲା ।

ସେଇ ପି.ଏଚ୍.ସି କୁ ଯିବା ପାଇଁ ତାକୁ ସରୁ ନଇଟିଏ ପାର୍ କରି ଚାଲିଚାଲି ଯିବାକୁ ପଡ଼ିଥିଲା । ନାଳ ଭଳି ଛୋଟ ନଇଟିଏ, ସେଥିରେ ଆଣ୍ଠୁଏ ଲେଖାଁ ପାଣି । ସିଦ୍ଧାର୍ଥ ସେଠାରେ ପହଞ୍ଚି ଦେଖିଲା, ବେଳକୁ ପ୍ରାୟ ୧୦୦ ଜଣ ଖଣ୍ଡେ ବଣ୍ଡା ଜାତୀୟ ଆଦିବାସୀ ରୋଗୀ ଆସି ସେଠି ପହଞ୍ଚନ୍ତି ଏବଂ ସେମାନେ ଭାରି ଖୁସିଥିଲେ ଯେ, ଜଣେ ନୂଆ ଡାକ୍ତର ଆସି ସେମାନଙ୍କୁ ଦେଖିବେ । ସିଦ୍ଧାର୍ଥ ଧୈର୍ଯ୍ୟର ସହ ଦିନ ଦଶଟାରୁ ସନ୍ଧ୍ୟା ୪ଟା ଯାଏଁ ସବୁ ରୋଗୀଙ୍କୁ ପରୀକ୍ଷା କରି ଔଷଧ ଲେଖି ଦେଲା । ସେମାନେ ଏତେଦିନପରେ ତାଙ୍କ ଅଞ୍ଚଳରେ ଭଲ ଡାକ୍ତରଟିଏ ପାଇ ଭାରି ଖୁସି ହୋଇଗଲେ । କିଛି ରୋଗୀ ଡାଃ. ସିଦ୍ଧାର୍ଥର ଚାରିକଡ଼େ ଘେରିଯାଇ ଖୁସିରେ କହିଲେ 'ଯା'ହେଉ, ଠାକୁରଙ୍କ ଦୟାରୁ ଏତେ ଦିନ ପରେ ଆମେ ଭଲ ଡାକ୍ତରଟିଏ ପାଇଲୁ; କିନ୍ତୁ ସବୁ ଡାକ୍ତରମାନେ ଏଠି ଜଏନ୍ କରି ପୁଣି ସହରକୁ ଚାଲିଯାଉଛନ୍ତି, କେହି ରହୁ ନାହାନ୍ତି । ସତ କୁହନ୍ତୁ ଆପଣ ଏଠି ରହିବେ ତ ? ଆପଣ ହିଁ ଆମକୁ ଭଲ ଭାବରେ ଚିକିତ୍ସା କରିବେ । ଆପଣଙ୍କୁ ଦେଖି ବହୁତ ଖୁସି ଲାଗୁଛି । ସେତେବେଳେ ସିଦ୍ଧାର୍ଥର ଆଖି ଛଳଛଳ ହୋଇଯାଇଥିଲା । ସେ ମିଛ ନ କହିପାରି ସିଧା ସିଧା ସତକଥା କହିବାକୁ ବାଧ ହୋଇଥିଲା ଯେ, ମୁଁ ତୁମଭଳି ସରଳ ଗାଁ ଲୋକଙ୍କୁ ମିଛ କହିପାରିବି ନାହିଁ । "ମୁଁ ଆଉ ପ୍ରିପିଜିର କୋର୍ସ ପାଇଁ ଏଠିକି ଆସିପାରିବି ନାହିଁ କାରଣ ମୁଁ ଦିଲ୍ଲୀରେ ପିଜି କରିବି । ତେଣୁ ମତେ ଦିଲ୍ଲୀ ଯିବାକୁ ପଡ଼ିବ ।"

ଆଗରୁ ବୋହୂ ଶିଖା ଦିଲ୍ଲୀ ଏମ୍ସ୍‌ରେ ଗାଇନୋକୋଲୋଜିରେ ପି.ଜି. କରୁଥିଲା । ତେଣୁ ସିଦ୍ଧାର୍ଥ ଏମ୍ସ ଲାଇବ୍ରେରୀରେ ଅଲ୍‌ଇଣ୍ଡିଆ ପି.ଜି. ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଲା । ପ୍ରଭୁ ନୀଳାଂଜନଙ୍କୁ ହାତଯୋଡ଼ିଲି- ପ୍ରଭୁ ସବୁ ଜିନିଷ ନିର୍ଘଣ୍ଟ କରି ହିଁ ମଣିଷମାନଙ୍କୁ ପୃଥିବୀରେ ଜନ୍ମ ଦେଇଥାନ୍ତି । କିଏ କେତେବେଳେ କାହା ସାଙ୍ଗରେ ରହିବ, କିଏ କେଉଁଠି କ'ଣ ପଢ଼ିବ, ସେ ଜିନିଷ ଆଗରୁ ସ୍ଥିରୀକୃତ ହୋଇଥାଏ । ପ୍ରଭୁ ହିଁ ସେଗୁଡ଼ିକ ସ୍ଥିର କରି ମଣିଷକୁ ଏ ପୃଥିବୀକୁ ପଠାଇଥାନ୍ତି, ମଣିଷ କେବଳ ନିମିତ୍ତ ମାତ୍ର । (କ୍ରମଶଃ)

## ପୁସ୍ତକ ସମୀକ୍ଷା

**ଛବି**
**କବି:**
**ରତ୍ନାକର ରାଉତ**
ପ୍ରକାଶକ: ଜଗନ୍ନାଥ ରଥ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨
ମୂଲ୍ୟ-୮୦/-




ଉତ୍ତର ଉପନିବେଶବାଦକୁ ନେଇ ଭାଷା ସାହିତ୍ୟ ସଂସ୍କୃତି ଓ ପରମ୍ପରା ଆଧାରିତ ବହୁ ଚର୍ଚ୍ଚା ଆଲୋଚନା ବୌଦ୍ଧିକ ଜାଗରଣକୁ ତ୍ୱରାନ୍ୱିତ କରିଥିଲେ ମଧ୍ୟ ମାନବ ଜୀବନର ଅନ୍ତର୍ଚ୍ଚେତନା ଏବଂ ଉଚ୍ଚତର ଜୀବନଶୈଳୀ ବାବଦରେ ବିଶ୍ୱସ୍ତରର ପର୍ଯ୍ୟାଲୋଚନା ନୀରବତା ଅବଲମ୍ବନ କରିଆସିଛି । ଅଥଚ ପ୍ରାଚ୍ୟ ସଭ୍ୟତାର ସାଂସ୍କୃତିକ ବିଜୟ ସମଗ୍ର ବିଶ୍ୱକୁ ଅତୀତରେ ଏବଂ ଅଦ୍ୟାବଧି ଦେଇ ଚାଲିଛି ଜୀବନକୁ ନେଇ ନୂଆ ନୂଆ ସଂଦେଶ । ଏଡ଼ୱାର୍ଡ ସଇଦଙ୍କର ଉତ୍ତର ଉନିବେଶବାଦ ଆଧାରିତ ଆଲୋଚନା ସାହିତ୍ୟ ଏବଂ ସଂସ୍କୃତିଗତ ବିଲୋପର ଶିକାର ହୋଇଥିବା ଅଥବା ଦ୍ୱାର ଦେଶରେ ଉପନୀତ ହୋଇଥିବା ଦେଶମାନଙ୍କ ବାବଦରେ ସହାନୁଭୂତିଶୀଳ ହେଲେ ମଧ୍ୟ ସେଥିରେ ଅବହେଳିତ ଜୀବନ ଏବଂ ସାଂସ୍କୃତିକ ଅପହରଣକୁ ରାଜନୀତି ସହ ଯୋଡ଼ିବା ଭ୍ରମାତ୍ମକ ଅଟେ । କାରଣ, ପ୍ରାଚ୍ୟ ସଂସ୍କୃତି ଓ ସାହିତ୍ୟରେ ସାମାଜିକ ଚିତ୍ର ଓ ଚରିତ୍ର ଅପେକ୍ଷା ମାନବୀୟ ଜୀବନଦର୍ଶନ ହିଁ ମୁଖ୍ୟ ପ୍ରସଙ୍ଗ ହୋଇ ରହିଆସିଛି । ଜୀବନ ପ୍ରତି ମୋହ ଅଥବା ବୀତସ୍ପୃହତାକୁ ଅସ୍ତିତ୍ୱବାଦୀ ସାହିତ୍ୟରେ ପ୍ରକାଶ କଲାବେଳେ ଜୀବନର ଆବଶ୍ୟକତା ଆଉ ବିଜ୍ଞାପନ, ପ୍ରସାଧନ, ବଜାର ଓ ବିପଣୀରେ ବାଣ୍ଟି ନହୋଇ ସ୍ୱହମ୍ ବା ବ୍ରହ୍ମସ୍କିନ୍ ପରି ଆତ୍ମବିଶ୍ଳେଷଣାତ୍ମକ ଚିନ୍ତାଚେତନାର ପ୍ରତିଫଳନ ଆଡକୁ ଆକର୍ଷିତ ହୁଏ । ଏହାହିଁ ପ୍ରାଚ୍ୟ ଭୂଖଣ୍ଡର ଶ୍ମଶ୍ରୁମଣ୍ଡିତ ମନିଷୀ ଏବଂ ଚାଷିଗଣଙ୍କର ଜୀବନ ଜିଜ୍ଞାସାର ଅନ୍ତହୀନ ପ୍ରଶ୍ନ । ସେହି ଜିଜ୍ଞାସାର ପ୍ରତିଫଳନ ବା ଛବିଟିଏ ଯାହାର ନିର୍ମାଣରେ ଅନ୍ତର୍ଦର୍ଶନରେ ପ୍ରବୁଦ୍ଧ ବ୍ୟକ୍ତିସତ୍ତାଟିଏ ଲୋଡ଼ିଥାଏ କୋଳାହଳ ମୁକ୍ତ ପରିବେଶ । ବହିର୍ଦୃଶ୍ୟକୁ ଛବିରେ ଆଙ୍କୁ ଆଙ୍କୁ ଆତ୍ମମଗ୍ନ କବି ସେତେବେଳେ ଉଦ୍‌ଘାଟନ କରିସାରିଥାଏ ଆତ୍ମ ଆବିଷ୍କାରର ପଥ । ଦାର୍ଶନିକ ଭିତରେ କବିତ୍ୱ ଏବଂ କବିତ୍ୱ ଭିତରେ ଦାର୍ଶନିକତ୍ୱର ପ୍ରଭାବ ଜୀବନକୁ ଗ୍ରାହ୍ୟ ଅଥବା ଅଗ୍ରାହ୍ୟ ମାନଦଣ୍ଡରେ ନ ମାପି ଜୀବନର ଜଳଛବିକୁ ଦେଖୁଥାଏ ଚିନ୍ତା ଓ ଚେତନାର ଜଳାଶୟ ଭିତରେ । ଏ ମର୍ମରେ କବି ଶ୍ରୀଯୁକ୍ତ ରତ୍ନାକର ରାଉତଙ୍କର ଅନ୍ୟତମ ଶ୍ରେଷ୍ଠ କାବ୍ୟକୃତି ଭାବରେ ସ୍ୱୀକାର୍ଯ୍ୟ କବିତା ସଂକଳନ 'ଛବି' ଅଧିକ ପ୍ରଣିଧାନ ଯୋଗ୍ୟ । ନବ ସଭ୍ୟତାର ସିଡ଼ି ଚଢୁଥିବା ମଣିଷଙ୍କର ସ୍ୱପ୍ନର ଆସନ୍ତାକାଲି ଠାରୁ ଆଜିର ବାସ୍ତବତା କେତେ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ସେହି ବାସ୍ତବତାର କ୍ରମପରିଣତିକୁ ନେଇ କବି ଯେତିକି ସଂବେଦନଶୀଳ, ଯାନ୍ତ୍ରିକ ଉତ୍‌ଥାନରେ ବିହ୍ୱଳିତ ନ ହୋଇ ଆତ୍ମିକ ଉତ୍‌ଥାନ ପ୍ରୟାସୀ ହେବାର ଏହାହିଁ ମାହେନ୍ଦ୍ର ଲଗ୍ନ ବୋଲି 'ଛବି' ସଂକଳନର କବିତ୍ୱର ପ୍ରତିଫଳନରେ କବି ସେତିକି ନିଜର ଅଙ୍ଗୀକାର ବଦ୍ଧତାର ପ୍ରମାଣ ରଖିଛନ୍ତି ।

କବି ରତ୍ନାକର ରାଉତଙ୍କର କବିତା କାଳିଦାସଙ୍କର ଉପମେୟ ବର୍ଣ୍ଣନା, ସେକ୍‌ସପିଅରଙ୍କର ଚରିତ୍ର ନିର୍ମାଣ ଏବଂ ସଫୋକ୍ଲିସଙ୍କର କଥାବସ୍ତୁ ନିର୍ମାଣ କଳାର ତ୍ରିତତ୍ତ୍ୱରେ ସମୃଦ୍ଧ । ସଂସାରରେ ଅତୀତରୁ ଆଜିଯାଏ ବହୁ ଛବି ଅଂକା ସରିଛି । ବେଦନା ଏବଂ ବିଶ୍ୱାସକୁ ନେଇ ଜୀବନ ବଂଶୀରୁ ନିଃସୃତ ହୋଇଛି ବହୁ ରାଗ । ହେଲେ ପରାଗଗ୍ରସ୍ତ ପିଣ୍ଡ ଓ ଚେତନାରେ ଆଲୋକର ମହାବିପ୍ଳବ ଆଣି ଜୀବନର ବହ୍ନିମାନ ଅଥବା ଧୂସର ଛବିଟିଏ ଅଂକା ହେବାର ପ୍ରୟାସ କ୍ୱଚିତ୍ ହୋଇଛି, ଯାହା ଶ୍ରୀଯୁକ୍ତ ରାଉତ 'ଛବି' କବିତା ସଂକଳନରେ ଫୁଟାଇବାର ସଫଳ ପ୍ରୟାସ କରିଛନ୍ତି । 'ଖୋଜିବାର ବେଳ ଏ ନୁହେଁ' କବିତାରେ ସେ ସମୟ ସହିତ ମୁକାବିଲାର ସୂତ୍ର ନିର୍ମାଣ ପାଇଁ ଆହ୍ୱାନ ଦେଇ କହିଛନ୍ତି- "ସ୍ୱପ୍ନଭୁକ୍‌ମାନଙ୍କୁ ଖୋଜିବାର ବେଳ ଏ ନୁହେଁ/ କାହାକୁ ପଚାରିବାର ବେଳ ମଧ୍ୟ ନୁହେଁ ଏବେ/ କେମିତି ଏତେ ଲୋକଙ୍କ ହସ୍ତରେଖା ସମାନ ଥିଲା/ କେମିତି ଅନେକଙ୍କ ଜାତକରେ ଗ୍ରହ ନକ୍ଷତ୍ରଙ୍କ ଅବସ୍ଥିତି ଅଭିନ୍ନ/+++ ଆଉ ଛାତିକୁ ପଥର କରି/ ଏ ମଣିଷ ସହୁଛି ତା'ର ଅଦଉତି/ ଏବଂ ଅନ୍ତହୀନ ଯାତ୍ରା ଭିତରେ ଆଗେଇଛି ଆଜିଯାଏ/ ସେଦିନର ସେହି ପ୍ରଥମ ପଦପାତରୁ/ ତେଣୁ ସ୍ୱପ୍ନଭୁକ୍‌ମାନଙ୍କୁ ଖୋଜିବାର ବେଳ ଏ ନୁହେଁ ।"

ଶ୍ରୀଯୁକ୍ତ ରାଉତଙ୍କର କବିତା ବିପ୍ଳବ ଏବଂ ତପସ୍ୟାର ସେ ଉତ୍ତର ଉପନିବେଶବାଦୀୟ ସ୍ଥିତିର ଛବି ଆଙ୍କିଛନ୍ତି ମାନବିକ ସଂବେଦନଶୀଳତାର ତୁଳୀନେଇ । ପୁଣି ଚେତନାର ନିଭୃତ କୋଣରୁ ଶବ୍ଦ ସାଉଁଟିଛନ୍ତି ଆତ୍ମିକ ଉତ୍‌ଥାନର । କବି ରାଧାମୋହନ ଗଡ଼ନାୟକ କହିଲା ଭଳି- "ସୃଷ୍ଟିର କଥା କହ ସଂଗିନୀ, ସୃଷ୍ଟିର କଥା କହ/ ଧ୍ୱଂସର କଥା ଶୁଣି ଶୁଣି ମୋର ଜୀବନ ଦୁର୍ବିସହ ।" ସେହି ଧ୍ୱଂସର ତାଣ୍ଡବ ପରେ ଛବିଟିଏ ଧିରେ ଧିରେ ଜୀବନ୍ୟାସ ପାଇଚାଲିଛି କବି ଶ୍ରୀଯୁକ୍ତ ରାଉତଙ୍କ ପୃଷ୍ଠା । ସେ ଛବି କାହାର, ଯାହାର ନିଦ୍ରିତ ଅବୟବରେ କବି ଚେତନାର ଚକ୍ଷୁ ସଂଚାର କରି ତାକୁ ପୁନର୍ଜୀବନ୍ୟାସ ଦେବାକୁ ଚାହାନ୍ତି । 'ସନାତନ ଆଖି ଖୋଲ' କବିତାରେ ସୃଷ୍ଟିର ଆଉ ଏକ ଧ୍ରୁବମୟ ସକାଳ ପାଇଁ କବି ଗାଉଛନ୍ତି ଧ୍ରୁପଦୀ ସଂଗୀତ- "ସନାତନ ଆଉ କେତେ ଦିନ/ ଏମିତି ଶୋଇ ରହିଥିବ/ ଗଭୀର ନିଦରେ/ ବନ୍ଦ କରି ଦେଇ ଘରର ଝରକା କବାଟ +++ ତୁମେ ଆଖି ଖୋଲ/ ଝରକା କବାଟ ଖୋଲ/ ପରଦା ଆଡ଼େଇ ବାହାରକୁ ଦେଖ/ ପବନର ସୁ ସୁ ଗର୍ଜନ ଶୁଣ/ ବାତ୍ୟାର ଆଗମନକୁ ଅପେକ୍ଷା କର/ ନିଜକୁ ପ୍ରସ୍ତୁତ କର କେମିତି ଉଦ୍ଧରିଯିବ/ ନିଶ୍ଚିତ ପ୍ରଳୟରୁ ।" ନବସୃଷ୍ଟିର ଆବାହନରେ ମୂର୍ଚ୍ଛିତ କବିଙ୍କ କଲମ । ଛବିଟିଏ । ଛବିଟିଏ ଯଦି ଅଙ୍କିତ ହେବ ସେ ଛବିରେ କଣ ଫୁଟାଇ ହେବ ନାହିଁ ଈଶ୍ୱରୀୟ ପ୍ରତ୍ୟଙ୍ଗ । କାରଣ, "ମନ୍ଦିର ଗଢ଼ିଛି କିଏ- ମଣିଷ/ ପାଷାଣରେ ପ୍ରାଣର ସଂଚାର କରିଛି କିଏ- ମଣିଷ/ ପଥରରେ ଦେବତ୍ୱ ଜାହିର କରିଛି କିଏ- ମଣିଷ ।" ଏତକ ଦୃଢ଼ୋକ୍ତି ଜାହିର କରି କବି ଶ୍ରୀଯୁକ୍ତ ରାଉତ କହିବାକୁ ଚାହିଁଛନ୍ତି- ଯେଉଁ ମଣିଷ ଏସବୁ କରିପାରେ/ ସେହି ମଣିଷ କ'ଣ ଥରୁଟିଏ/ ଚେଷ୍ଟା କରିପାରିବ ନାହିଁ/ ମଣିଷକୁ ଦେବତା ଭାବେ ଗଢ଼ି?"

ଆତ୍ମିକ ବଳକୁ ବାଦ୍‌ଦେଇ ସାମାଜିକ, ସାଂସ୍କୃତିକ, ବିକାଶ ଏବଂ ନବବିନ୍ୟାସ ସଂଭବ ନୁହେଁ ବୋଲି ଶ୍ରୀଯୁକ୍ତ ରାଉତ୍ ସ୍ୱକୀୟ କାବ୍ୟିକ ଉପସ୍ଥାପନମାନଙ୍କରେ ସ୍ପଷ୍ଟ କରିଛନ୍ତି । ଦର୍ପଣ ଦର୍ଶିତ ପ୍ରତିଛବିରେ ନୂତନ ବିନ୍ୟାସ ଖୋଜିବା ଅପେକ୍ଷା ସ୍ୱୟଂନିର୍ମାଣ କଳାରେ ସିଦ୍ଧହସ୍ତ ହେବାକୁ ହେଲେ ସେଭଳି ଛବିଟିଏ ଆଙ୍କିବା ପ୍ରଥମେ ଆବଶ୍ୟକ, ଯେଉଁଥିରେ ଫୁଟୁଥିବ ଉପନିବେଶବାଦର ଉତ୍ତର ଆକାଂକ୍ଷା । ନିର୍ଭୀକ ଏବଂ ସ୍ପଷ୍ଟସ୍ୱରରେ କବି ଶ୍ରୀଯୁକ୍ତ ରାଉତ 'ଛବି' ସଂକଳନରେ ତାହାହିଁ ଉଚ୍ଚାରଣ କରିଛନ୍ତି । ଜୀବନ ସପକ୍ଷରେ ତାଙ୍କର କବିତା ସମୂହର ସକ୍ରିୟ ଅଭିବ୍ୟକ୍ତି ହିଁ ତାଙ୍କ କବିତାର ବୈପ୍ଳବିକ ଧ୍ୱନି ଏବଂ ଆତ୍ମିକ କାବ୍ୟ ତପସ୍ୟାର ସିଦ୍ଧି ଓ ସୀମା ।

ଗ୍ଲାନିର ଗଣିତ ଭିତରେ ଆଜିର ସାହିତ୍ୟ ଉତ୍ତରହୀନା କବିତାକୁ କେତେ ମାତ୍ରାରେ ଅବସାର୍ଡ ଆଡ଼କୁ ନେଇଗଲେ ତାହା ପାଠକଙ୍କୁ ବୌଦ୍ଧିକ ଅବାନ୍ତର ଭିତରେ ଛନ୍ଦିଦେବ ଏହାହିଁ ସମକାଳ ସାହିତ୍ୟର ଆଉ ଏକ ଛନ୍ଦହୀନ ସାରସ୍ୱତ ଦ୍ରୋହ । ଫ୍ରିଉର୍ସ କବିତା ଶବ୍ଦର ରେଫିଂ (ପୁନଃ ପୁନଃ ଉଚ୍ଚାରଣ) ଠାରୁ ଭାବର ମ୍ୟାପିଂ ଉପରେ ଭରସାଶୀଳ । ଏହି ମ୍ୟାପିଂର ନକ୍‌ସା ବିଶ୍ୱମିତ୍ରଙ୍କ ସାଧନାର ଭୂମି ପରି ସଂକଳ୍ପମୟ ଅଥଚ ବଶିଷ୍ଠଙ୍କର ବିଚାର ପରି ଉଦାରମୟ ଏବଂ ସାର୍ବଜନୀନ ହେବା ଆବଶ୍ୟକ ଯାହା ଶ୍ରୀଯୁକ୍ତ ରାଉତ ସ୍ୱକୀୟ 'ଛବି' କବିତାର ସଂବେଦନଶୀଳ କବିତା ମାନଙ୍କରେ ତୋଳି ଧରିବାର ପ୍ରଯତ୍ନ କରିଛନ୍ତି ।

ମୋଟ୍ ଉପରେ ତାଙ୍କର ଭାବାତ୍ମକ ଏବଂ ଚେତନାତ୍ମକ ଉଚ୍ଚାରଣରେ ଯୁଗବୋଧ ଓ ଯୁଗଜିଜ୍ଞାସାର କିଛି ଉତ୍ପାଦକ ଏବଂ ମନନଶୀଳ ବାର୍ତ୍ତା ରଖିଛନ୍ତି ଏଥିରେ ଦ୍ୱିମତ ହେବାର ପ୍ରଶ୍ନ ନାହିଁ ।

ଶାଶ୍ୱତ ସର୍ଜନବୋଧ ହିଁ ଜୀବନ ଏବଂ ସମାଜ ପାଇଁ ଶୁଶ୍ରୁଷାର ମହୌଷଧୀ । ଭୌଗଳିକ, ସାମାଜିକ ଓ ସାଂସ୍କୃତିକ ସୁରକ୍ଷା ଏବଂ ବିକାଶ ପାଇଁ ସବୁବେଳେ ଖାଲି ତୀର୍ଥର ମହାତ୍ମ୍ୟ ଏବଂ ପ୍ରକୃତିର ରସପିପାସୁ ନ ସାଜି ନୂଆ ସଭ୍ୟତାର ନିର୍ମାଣ ପାଇଁ କବିତାକୁ ସ୍ପନ୍ଦନ ମୁଖର କରିହେବ କି? ନୂଆ ଜୀବନର ଛବିଟିଏ ଅଂକା ହେଲା ପରେ ଏବେ ସେହି ପ୍ରକାର ହୃଦୟଟିଏ ସେଥିରେ ରୋପଣ କରିଛନ୍ତି କବି । ସେଇଥିପାଇଁ ଜୀବନ୍ୟାସ ପାଇଥିବା 'ଛବି' ସଂକଳନର ଦୃଷ୍ଟି ଏତେ ଶାଣିତ ଅଥଚ ଉଦାରମୟ ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ
ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

# ମହାନ୍ ରାଷ୍ଟ୍ର ନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୪ ତମ ଶ୍ରଦ୍ଧାଞ୍ଜଳି ସଭା




ଜଳେଶ୍ୱର, ୧୭/୪ (ନିପ୍ର) : ଭାରତ ସ୍ୱାଧନତା ସଂଗ୍ରାମର ଅନ୍ୟତମ ମହାନ୍‌ଯୋଦ୍ଧା, ଓଡିଶା ଜନମାନସର ସମ୍ରାଟ, ନବଓଡିଶାର ନିର୍ମାତା, ବିଶ୍ୱବିଖ୍ୟାତ ବୈମାନିକ ମହାନ ରାଷ୍ଟ୍ର ନୈତିଜ୍ଞ ଇନ୍ଦୋନେସିଆ ମୁକ୍ତ ସଂଗ୍ରାମର ସର୍ବୋଚ୍ଚ ସମ୍ମାନ ଭୂଷିତ ଭୂମୀପୁତ୍ର ତଥା ପ୍ରବାଦପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କ ୨୪ତମ ଶ୍ରାଦ୍ଧ ଓ ଶ୍ରଦ୍ଧାଞ୍ଜଳି ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋପିମୋହନପୁର ପଂଚାୟତର ସ୍ୱୟଂ ସହାୟତ ଗୋଷ୍ଠିର ତାଲିମକେନ୍ଦ୍ର ଠାରେ ବିଜୁ ବାବୁଙ୍କର ଶ୍ରଦ୍ଧାଞ୍ଜଳି ସଭା ବିଜେଡିର ବ୍ଲକ ସଭାପତି ଭୁପତି ମିର୍ଦ୍ଧାଙ୍କ ପୌରହିତ୍ୟରେ ଶେଷ ହୋଇଛି । ମୁଖ୍ୟ ଅତିଥିଭାବେ ବିଧାୟକ ଅଶ୍ୱିନୀ ପାତ୍ର ବିଜୁ ପଟ୍ଟନାୟକଙ୍କୁ କିମ୍ବଦନ୍ତୀ ପୁରୁଷ, ପ୍ରଚଣ୍ଡ ସ୍ୱାଭିମାନୀ, କଳିଙ୍ଗ ଶନ୍ଦର ଉଦ୍‌ଗାତା, ମାକୁ ସମ୍ମାନ ଗାଁକୁ କାମର ପ୍ରଣେତା, ତଥା ବିକାଶ ପୁରୁଷ ଭାବେ ଅବିହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ବିଜେଡି ମହିଳା ଜିଲା ସଭାପତି ବିନ୍ଦୁବାଳା ନନ୍ଦୀ, ଅନାଦୀ ଦାସ, ପ୍ରତୀକ ପୁମାର ପ୍ରଧାନ, ପତିତ ପାବନ ପ୍ରଧାନ, ଦିଲ୍ଲିପ ସାମଲ, କାଳିଚରଣ ଦାସ, ରାସବିହାରୀ ରଣା, ଆନନ୍ଦ କର, ସରଜିତ ଘୋଷ, ରାଜେନ୍ଦ୍ର ପାତ୍ର, ଅନନ୍ତ ରାଉଳ, ଗିରିଜା ସାସମଲ, ଅରୁଣ ସେନାପତି, ଚନ୍ଦନ କର, ବ୍ରିଜେସ ରଣା, ବିଷ୍ଣୁପଦ ମିଶ୍ର ପ୍ରମୁଖ ବିଜୁବାବୁଙ୍କ କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ କହିଥିଲେ । ସକାଳେ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଉପରୋକ୍ତ ବ୍ୟକ୍ତିମାନଙ୍କ ସହିତ ଅନ୍ୟ କେତେକେ ପୁଷ୍ପମାଲ ପ୍ରଦାନ କରିଥିଲେ । ଜଳେଶ୍ୱର ବଡବଜାର ସ୍ଥିତ ଦିଗମ୍ବରୀ ଆଇଟିଆଇରେ ବିଜୁ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସୁକୁମାର ରଣା ଅଧ୍ୟକ୍ଷତା କରିଥିଲେ । ଏଥିରେ ବିଧାୟକ ଶ୍ରୀ ପାତ୍ର , ସମ୍ପାଦକ ସୁବ୍ରତ ବେରା, ଦିଲ୍ଲିପ ଗିରି, ନୀଳକଣ୍ଠ ଖଣ୍ଡା, କେଶବ ପରିଡା, ସରୋଜ ପାଣିଗ୍ରାହୀ, ଅରୁଣ ବେଜ, ପ୍ରତୀପ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ମଧୁସୂଦନ ଦେଓ, ମଧୁଛନ୍ଦା ମହାନ୍ତି ବକ୍ତବ୍ୟ ରଖିଥିଲେ । ଡ. ଅଜିତ୍ ମହାନ୍ତି ମଂଚ ଆହ୍ୱାନ କରିଥିବା ବେଳେ ରଂଜନ ଦେ, ମାନସ ମାଇତି, ଗୋପିନାଥ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଟ୍ରେନ୍ ଏବଂ ଷ୍ଟେସନ୍ ପରିସରରେ....

ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ, ରେଳବାଇ ମଧ ଷ୍ଟେସନ ଏବଂ ଟ୍ରେନରେ ଯାତ୍ରା କରିବା ସମୟରେ ଏହି ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ପାଇଁ ପଦକ୍ଷେପ ନେଇଛି । ପୂର୍ବତଟ ରେଳପଥ ଏହାର ସମସ୍ତ ଯାତ୍ରୀ ଓ ରେଳ ବ୍ୟବହାରକାରୀଙ୍କୁ ଷ୍ଟେସନ ପରିସର ଏବଂ ଟ୍ରେନରେ ଫେସ୍ ମାସ୍କ କିମ୍ବା ଫେସ୍ କଭର ପିନ୍ଧିବା ପାଇଁ ତଥା କରୋନା ଭୁତାଣୁକୁ ସଂକ୍ରମଣ ନକରାଇବା ପାଇଁ / ଅପରିଷ୍କାର ପରିସ୍ଥିତି ସୃଷ୍ଟି ନକରିବାକୁ ନିବେଦନ କରୁଛି ଯାହା ଦ୍ୱାରା ଜୀବନ / ଜନସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରୁଥିବା ମହାମାରୀଙ୍କୁ ଏଡାଇଦିଆଯାଇହେବ ।

### ରାଜ୍ୟରେ କରୋନାରେ ଆଉ....

କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ଝାରସୁଗୁଡା ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । କଳାହାଣ୍ଡି ଜିଲ୍ଲାର ଜଣେ ୬୦ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ସମ୍ବଲପୁର ଜିଲ୍ଲାର ଜଣେ ୩୮ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି ।

### ଭୁବନେଶ୍ୱରରେ ୪୫୧ କରୋନା....

ଜଣ ଲେଖାଏଁ , ସାମନ୍ତରାପୁର ଓ ମଂଚେଶ୍ୱରରୁ ୮ ଜଣ ଲେଖାଏଁ, ଶୈଳଶ୍ରୀ ବିହାର, ଆଇଆରସି ଭିଲେଜ, ବିଜେବି ନଗର, ଝାରପଡା ଓ ପଳାଶପଲ୍ଲୀରୁ ୭ ଜଣ ଲେଖାଏଁ , ନିଳାଦ୍ରୀବିହାର, ସୁନ୍ଦରପଦା ଓ ୟୁନିଟ୍ ୨ ରୁ ୬ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ସେହିପରି ୯୧ କ୍ୱାରେଂଟାଇନ୍ ମାମଲା ମଧ୍ୟରୁ କଳ୍ପନାରୁ ସର୍ବାଧିକ ୮ଜଣ ଆକ୍ରାନ୍ତ ରହିଥିବା ବେଳେ ନୟାପଲ୍ଲୀ ଓ ଶୈଳଶ୍ରୀ ବିହାରରୁ୬ ଜଣ ଲେଖାଏଁ, ୟୁନିଟ୍ ୯ରୁ ୫ ଜଣ ସଂକ୍ରମିତ ରହିଛନ୍ତି।

## ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୧୭/୦୪ (ନି.ପ୍ର): ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଦ୍ୟ ଦାୟିତ୍ୱ ଗ୍ରହଣ କରିଥିବା ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଶନିବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କମିଟିର ସଭାନେତ୍ରୀ ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ପ୍ରଦୀପ ଦାସଙ୍କ ସମେତ ଇଂ. ବନମାଳି ନାୟକ, ପ୍ରଭାକର ସାହୁ, ଡଃ କ୍ଷିତିଶ୍ୱର ଦାଶ, ନିରଞ୍ଜନ ରାଉତ, ସୁଜାତାରାଣୀ ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ଇଂ. ହୃଷିକେଶ ସାହୁ, ସରସ୍ୱତୀ ପଣ୍ଡା ଓ ସୀତାରାମ ପ୍ରଧାନ ପ୍ରମୁଖ ଯୋଗଦେଇ ଶ୍ରୀଯୁକ୍ତ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦେଇଥିଲେ। ବାଲେଶ୍ୱରର ଉପ ଜିଲ୍ଲାପାଳ ଓ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଭାବେ ସମସ୍ତ ବିକାଶ କାର୍ଯ୍ୟକୁ ସୁଚାରୁରୂପେ ନିର୍ବାହ କରି ଶ୍ରୀ ମହାପାତ୍ର ଜିଲାବାସୀଙ୍କ ପ୍ରିୟ ପ୍ରଶାସକର ସୁନାମ ଅର୍ଜନ କରିଥିବା କମିଟିର କର୍ମକର୍ତ୍ତାମାନେ କହିଛନ୍ତି। ଅତିରିକ୍ତ ଜିଲାପାଳ ଭାବେ ସେ ଦାୟିତ୍ୱ ଗ୍ରହଣ କରିଥିବାରୁ ଜିଲା ସାମଗ୍ରିକ ବିକାଶ ସହ ଫକୀରମୋହନ ମେଡିକାଲ କଲେଜକୁ ଏକ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା କେନ୍ଦ୍ର ଭାବେ ପ୍ରତିଷ୍ଠା କରିବାରେ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ସମ୍ବର୍ଦ୍ଧିତ ଅବସରରେ ଶ୍ରୀ ମହାପାତ୍ର ସନ୍ତୋଷ ପ୍ରକାଶ ସହ କ୍ରିୟାନୁଷ୍ଠାନ କମିଟ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଜିଲାର ସ୍ୱାସ୍ଥ୍ୟ ସେବା ସମସ୍ୟା ସମାଧାନ ଦିଗରେ ସେ ପଦକ୍ଷେପ ନେବେ ବୋଲି କହିଥିଲେ। କ୍ରିୟାନୁଷ୍ଠାନ କମିଟିର କୋଷାଧ୍ୟକ୍ଷ ପ୍ରଫୁଲ କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରାଏ ରାମଚନ୍ଦ୍ରପୁର କ୍ଲଷ୍ଟରରେ ମୋ ସ୍କୁଲ୍ ଅଭିଯାନ



ଖଇରା,୧୫/୪(ନିପ୍ର) ଆଜି ରାଏ ରାମଚନ୍ଦ୍ରପୁର ଆଂଚଳିକ ସାଧନ କେନ୍ଦ୍ରରେ ମୋ ସ୍କୁଲ ଅଭିଯାନର ଆଲୁମିନି ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଧନ୍ୟବାଦ ବିତରଣ ଉତ୍ସବ ପାଳନ କରାଯାଇଛି । ରାଏରାମଚନ୍ଦ୍ରପୁର ନୋଡାଲ ହାଇସ୍କୁଲର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପାଣିଙ୍କ ପୌରହିତ୍ୟ ତଥା ସି.ଆର.ସି.ସି ଭଗବାନ ସାହୁଙ୍କ ଦ୍ୱାରା ପରିଚାଳିତ ସଭାରେ ଅତିଥି ଭାବରେ ଯୋଗ ଦେଇଥିବା ଔପଦା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ମଳୟ କୁମାର ବେହେରା, ମାଗୁଣି ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ବେହେରା ସି.ବି ନୋଡାଲ ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ସେଠୀ ବରିଷ୍ଠ ଆଲୁମିନି ତଥା ସଂସ୍କୃତ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଦାଶ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ସରକାରଙ୍କର ମୋ ସ୍କୁଲ୍ ଅଭିଯାନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରସଂସା କରିଥିଲେ । କ୍ଲଷ୍ଟର ସ୍ଥିତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନେ ଓ ବରିଷ୍ଠ ଆଲୁମିନି ମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଉକ୍ତ କ୍ଲଷ୍ଟରର ସର୍ବାଧିକ ପାଣ୍ଠି ବିନିଯୋଗ କରିଥିବା କେତେକୀଝୁରି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ରିବିକ୍ରମ ଦାସଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ବରିଷ୍ଠ ଆଲୁମିନି ଭାବେ ସାମାଜିକ କର୍ମୀ ତଥା ସାମ୍ବାଦିକ ଧନଞ୍ଜୟ ପଣ୍ଡା, ଦୀପକ କୁମାର ଦାସ, ଭଗବାନ୍ ବାରିକ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉଦ୍‌ବୁଦ୍ଧ ହୋଇ ବିଦ୍ୟାଳୟ ଗୋଡିକର ସର୍ବାଙ୍ଗିଣ ଉନ୍ନତି ଦିଗରେ ଉକ୍ତ ଅଭିଯାନ ସଫଳ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ । ଉପସ୍ଥିତ ଥିବା ସମସ୍ତ ଆଲୁମିନି ଏବଂ ପ୍ରଧାନ ଶିକ୍ଷକ ମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ପତ୍ର ଅର୍ପଣ କରାଯାଇଥିଲା । ଶେଷରେ ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କଳାହାଣ୍ଡି-ନୂଆପଡା ଜିଲ୍ଲାରେ କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ଉଦ୍‌ବେଗ

ଭୁବନେଶ୍ୱର,୧୭/୦୪ (ନି.ପ୍ର): ଛତିଶଗଡକୁ ଲାଗିଥିବା ଅଂଚଳମାନଙ୍କରେ କରୋନା ହୁ ହୁ ହୋଇ ବଢୁଛି। କଳାହାଣ୍ଡି-ନୂଆପଡା ଜିଲ୍ଲାରେ ବର୍ତମାନ କରୋନା ଗୋଷ୍ଠୀ ସଂକ୍ରମଣ ଆଡକୁ ଗତି କଲାଣି । ଏପରି ସ୍ଥିତିରେ ଟେଷ୍ଟିଙ୍ଗ କିଟର ଅଭାବକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ। ଏସମ୍ପର୍କରେ ସେ ଟୁଇଟ୍ କରିବା ସହ ଟେଷ୍ଟିଂ ବୃଦ୍ଧି କରିବା ଓ ଆବଶ୍ୟକ ଟେଷ୍ଟିଂ କିଟ୍ ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏଥିପ୍ରତି ଧ୍ୟାନ ଦେବାକୁ ସେ ଅନୁରୋଧ କରିଛନ୍ତି। ଶ୍ରୀ ନାଏକ ଟୁଇଟ୍ କରିଛନ୍ତି ଯେ କଳାହାଣ୍ଡି-ନୂଆପଡା ଜିଲ୍ଲାରେ ବର୍ତମାନ କରୋନା ଗୋଷ୍ଠୀ ସଂକ୍ରମଣ ଆଡକୁ ଗତି କଲାଣି । ଛତିଶଗଡକୁ ଲାଗିଥିବା ଅଂଚଳମାନଙ୍କରେ କରୋନା ହୁ ହୁ ହୋଇ ବଢୁଛି। ଟେଷ୍ଟିଙ୍ଗ କିଟର ଅଭାବ ପରିସ୍ଥିତିକୁ ଆହୁରି ସଙ୍ଗିନ କରୁଛି। କଳାହାଣ୍ଡି-ନୂଆପଡାରେ କୋଭିଡ ଟେଷ୍ଟିଙ୍ଗ ସଠିକ ମାତ୍ରାରେ ହେଇପାରୁନଥିବା କାରଣରୁ ଲୋକମାନେ ଭୟଭୀତ ହୋଇ ନିଜ ଖର୍ଚ୍ଚରେ ରାୟପୁର, ବିଶାଖାପାଟଣା ଯାଉଛନ୍ତି। ଏପରି ସ୍ଥିତିରେ ଟେଷ୍ଟିଙ୍ଗ ପାଇଁ ବାହାରକୁ ଯାଇ ଆଉ ଅଧିକ ସଂକ୍ରମଣକୁ ନିମନ୍ତ୍ରଣ କରିବା ସହିତ ସମାନ। ଆରଟିପିସିଆର ଟେଷ୍ଟରେ ରିପୋର୍ଟ ଆସିଲା ବେଳକୁ ୪ରୁ ୫ ଦିନ ଚାଲିଯାଉଛି। ଯାହା ଫଳରେ ଅସାବଧାନତା କାରଣରୁ ସଂକ୍ରମଣ ବଢିବାର ସମ୍ଭାବନା ରହିଛି । ତେଣୁ ରାଜ୍ୟ ସରକାର ତୁରନ୍ତ ଆଂଟିଜେନ୍ ଟେଷ୍ଟିଙ୍ଗ କିଟ୍ ଯୋଗାଇ ଦିଅନ୍ତୁ। ବର୍ତମାନ ଗୋଟିଏ ସିଏଚସିରେ ଦିନକୁ ୧୦ ଜଣଙ୍କର, ଭବାନୀପାଟଣାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିନକୁ ସର୍ବାଧିକ ୨୫ଜଣଙ୍କର ପରୀକ୍ଷା କରାଯାଉଛି । ଏହା ସମୁଦ୍ରକୁ ଶଙ୍ଖେ । ଏହାକୁ ଅବିଳମ୍ୱେ ବଢାଯାଉ, ନହେଲେ ପରିସ୍ଥିତି ଅଣାୟତ ହେବାର ଆଶଙ୍କା ରହିଛି। ଏପ୍ରିଲ ୯ରୁ ଛତିଶଗଡରେ ଲକଡାଉନ ହେବା ପର ଠାରୁ ଶ୍ରମିକ ମାନେ ଆସି ନିଜ ଗାଁ ରେ ରହିଲେଣି। ଯଦି ଜିଲ୍ଲାରେ ବ୍ୟାପକ ଟେଷ୍ଟିଙ୍ଗର ସୁବିଧା କରାନଯାଏ ତାହେଲେ ସାଧାରଣ ଲୋକମାନେ ଟେଷ୍ଟିଙ୍ଗ କରିପାରିବେ ନାହିଁ କି କୋଭିଡର ଚିକିତ୍ସା ମଧ୍ୟ ହୋଇପାରିବ ନାହିଁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଅନୁରୋଧ ଏହି ବିଷୟରେ ଧ୍ୟାନ ଦେବେ ବୋଲି ଶ୍ରୀ ନାଏକ ଟୁଇଟ୍ ରେ ଉଲ୍ଲେଖ କରିଛନ୍ତି।

## ଦାରଗାଡାହି ଛକରେ ମୃଦୁ ପାନୀୟ ସେବା




ବାରିପଦା,୧୭/୦୪ (ନି.ପ୍ର): ସ୍ଥାନୀୟ ଦାରଗାଡାହି ଛକ ସେଫାଲି ବୁକସ ସମ୍ମୁଖରେ 'ଗାୟତ୍ରୀ' ମୃଦୁ ପାନୀୟ ସେବା କାର୍ଯ୍ୟକ୍ରମକୁ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା ପଦ୍ମନାଭ ସାହୁ ଓ ସମାଜସେବୀ ରତ୍ନାକର ପରିଡା ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ପଥଚାରି ମାନଙ୍କୁ ମୃଦୁ ପାନୀୟ ବିତରଣ କରାଯାଇଥିଲା। ସ୍ଥାନୀୟ ୱାର୍ଡ ନଂ -୧୯ ଗାୟତ୍ରୀ ବିହାର ଅଞ୍ଚଳର କିଛି ସହୃଦୟ ଏବଂ ଧର୍ମପରାୟଣ ବ୍ୟକ୍ତିଙ୍କ ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ପ୍ରାୟ ଏକ ହାଜରରୁ ଊର୍ଦ୍ଧ୍ୱ ପଥଚାରିଙ୍କୁ କୋଭିଡ ନିୟମ ପାଳନ ପୂର୍ବକ ମୃଦୁ ପାନୀୟ ବିତରଣ କରାଯାଇଥିଲା। ଲାବଣ୍ୟ ବାରିକ, ଶାନ୍ତିଲତା ପାତ୍ର, ସଂଯୁକ୍ତା ନାୟକ, ପ୍ରବୀର କଲିଆ, ମନରଞ୍ଜନ ପାତ୍ର, ବିଭୁତି ପ୍ରସାଦ ଦାସ, ଅତୁଲ କୁମାର ଧଳ, ଝୁନୁ କଲିଆ, ବିଦ୍ୟାଧର ବାରିକ, ପ୍ରେମାଲତା ଦାସ, ନିନି ରାମ, ସତୀଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ମୃଦୁ ପାନୀୟ ବଣ୍ଟନ କରିଥିଲେ।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୪,୯୫,୩୯୭ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୧୭/୦୪ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୪,୯୫,୩୯୭ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୨୬,୪୯,୭୨,୦୨୨ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## ସାଧନା ସାହିତ୍ୟ ଏକାଡେମୀର ପଥପ୍ରାନ୍ତ ସାହିତ୍ୟ ଆସର



ଭଦ୍ରକ,୧୭/୦୪ (ନି.ପ୍ର): ସାହିତ୍ୟ ହିଁ ଜୀବନର ମାନଦଣ୍ଡ। ସାଧାରଣ, ହିତାହିତ ଓ ତତ୍ତ୍ୱବଦ୍ଧ ଜ୍ଞାନକୁ ସାହିତ୍ୟ କୁହାଯାଏ। ଯାହା ଅନ୍ୟର ହିତ ସାଧନ କରେ, ତାହା ହିଁ ସାହିତ୍ୟ। ସାହିତ୍ୟ ସର୍ବଦା ଅନ୍ୟର ମଙ୍ଗଳ କରିବା ସହିତ ବସୁଧୈବ କୁଟୁମ୍ବକମ୍‌କୁ ସଫଳ କରିଥାଏ। ଏହାରି ମାଧ୍ୟମରେ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି ହୋଇଥାଏ। ଗାନ୍ଧିଜୀଙ୍କ ମତରେ ଗୋଟିଏ ଜାତିକୁ ଜାଣିବାକୁ ହେଲେ ପ୍ରଥମେ ତାର ଭାଷାକୁ ଜାଣିବା ଉଚିତ୍। ଏହା ସତ୍ୟ ଯେ ସାହିତ୍ୟ ମାଧ୍ୟମରେ ଭାଷା, ସଂସ୍କୃତି ଓ ପରମ୍ପରାର ପରିପ୍ରକାଶ ହୋଇଥାଏ। ଏହି ନୀତି, ନିୟମ ଓ ଆଦର୍ଶକୁ ପାଥେୟ କରି ସାଧନା ସାହିତ୍ୟ ଏକାଡେମୀର ସ୍ଥାୟୀ ସଭାପତି ସାହିତ୍ୟ ମନସ୍କ ବିଷ୍ଣୁ ସେଠୀଙ୍କ ପ୍ରଚେଷ୍ଟାରେ ଆଜି ଭଦ୍ରକ ଉପକଣ୍ଠସ୍ଥ ନରିପୁର-ଅସ୍ଥଳ ଛକ ନିକଟରେ ଭଦ୍ରକର ବରିଷ୍ଠ ସାରସ୍ୱତ ସାଧନମାନଙ୍କୁ ନେଇ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହି ସ୍ୱତନ୍ତ୍ର ଆସରରେ ଯୋଗଦେଇ ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ର, କଳିଙ୍ଗ ରତ୍ନ ପଣ୍ଡିତ ଦୈତ୍ୟାରି ମହାପାତ୍ର, କବି ଦିବ୍ୟସିଂହ ଦାସ ଅଧିକାରୀ, କବି କିଶୋର ପାଣିଗ୍ରାହୀ, ପ୍ରାକ୍ତନ ଅଧ୍ୟକ୍ଷ ଅବନୀ ପ୍ରଧାନ, ଗାଳ୍ପିକା କବୟିତ୍ରୀ ଗୀତାରାଣୀ ଆଇଚ, ଶିକ୍ଷାବିତ୍ ରାଜକିଶୋର ସାହୁ, ନାଟ୍ୟ ନିର୍ଦ୍ଦେଶକ ତଥା ସଂଗୀତଜ୍ଞ ନାଟ୍ୟଶ୍ରୀ ନିର୍ମଳ ରାଉତ, କଳା ଗୌରବ ଚୂଡାମଣି ଦାସ, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ଶିକ୍ଷା ସଂଯୋଜିକା ରଶ୍ମିତା ଦାସ, ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା, କବି ଅକ୍ଷୟ କୁମାର ଜେନା, ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ, ଶିକ୍ଷା ସଂଯୋଜକ ଶରତ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିବା ସହିତ ଭଦ୍ରକର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଉପରେ ଆଲୋଚନା କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନ ସଭା

ଖଇରା,୧୭/୦୪ (ନି.ପ୍ର): ଔପଦା ବ୍ଲକ ରାଏରାମଚନ୍ଦ୍ରପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦୟାନିଧି ପଣ୍ଡା, କୃପାସିନ୍ଧୁ ଦାଶ ଓ ବିକର୍ତ୍ତନ ଦାଶଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସଭାପତି ଭାବରେ ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ ଚନ୍ଦ୍ର ପାଣି, ମୁଖ୍ୟ ଅତିଥି ଭାବ ଏହି ଅନୁଷ୍ଠାନର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଧୁସୁଦନ ପାଣି, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ବେହେରା ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଓ.ଇ.ଏସ-୨ ଗଜେନ୍ଦ୍ରନାଥ ନାୟକ ଯୋଗଦେଇ ନିଜେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଖେଳ ଶିକ୍ଷକ କ୍ଷେତ୍ରମୋହନ ପାଣ, ସି.ଆର.ସି.ସି ଭଗବାନ ସାହୁ , ପୂର୍ବତନ ବରିଷ୍ଠ ଏସ.ଏମ.ସି ସଦସ୍ୟ ରାମଚନ୍ଦ୍ର ଦାଶ, ଶିକ୍ଷକ ସତ୍ୟରଞ୍ଜନ ସାହୁ ଉପସ୍ଥିତ ରହି ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କର କର୍ମମୟ ଜୀବନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବେଦପାଠ କରିଥିଲେ ସଂସ୍କୃତ ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ଦାଶ । ଦିବସ ବ୍ୟାପି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ । ଶିକ୍ଷକ ନିରାକାର ପଣ୍ଡା ଶେଷରେ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୂଣ୍ୟତିଥିରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଓ ରକ୍ତଦାନ ଶିବିର



ଧାମାନଗର,୧୭/୦୪ (ନି.ପ୍ର): ମହାନ ଜନନାୟକ, ଆଧୁନିକ ଓଡିଶାର ନବନିର୍ମାତା, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, କଳିଙ୍ଗବୀର, ଇଣ୍ଡୋନେସିଆର ଭୂମୀପୁତ୍ର ତଥା ଓଡିଆ ଜାତି ଅସ୍ମିତାର ପ୍ରତୀକ ବିଜୁ ପଟ୍ଟନାୟକଙ୍କ ୨୪ତମ ପୂଣ୍ୟ ତିଥିରେ ଧାମନଗର ବିଜୁ ଜନତା ଦଳ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳୀ । ଏହି ପରିପ୍ରେକ୍ଷୀରେ ବିଜେଡି ପକ୍ଷରୁ ଶାଆଁଳପୁର ସ୍ଥିତ ଗାନ୍ଧୀଘାଟ ଠାରେ ସକାଳ ୬.୩୦ମିନିଟରେ ତିଳତର୍ପଣ କରାଯିବା ସହ ୭.୩୦ମିନିଟରେ ପ୍ରଭାତଫେରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ଲକ ଓ ନଗର ବିଜେଡି ପକ୍ଷରୁ ଗାନ୍ଧୀଘାଟ, ଧୁଷୁରୀ, ଧାମନଗର ସାନବଜାର ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ପୂର୍ବାହ୍ନ ୯.୩୦ରେ ବିଜୁ ଜନତାଦଳ ଧାମନଗର ଆନୁକୂଲ୍ୟରେ ପୂଜ୍ୟପୂଜା ସଂସଦ ଧୁଷୁରୀ ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏ ରକ୍ତଦାନ ଶିବିରରେ ମୋଟ ୨୧୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅପରାହ୍ନରୁ ସନ୍ଧ୍ୟା ମଧ୍ୟରେ ଦଳପକ୍ଷରୁ ଅସୁରାଳିର ବରୁଣାଇ ନେତ୍ରପୀଠ, ବାବା କିଲାଳେଶ୍ୱର ମହାଦେବ ପୀଠ ଓ ଶିବ ସାଇ ମଙ୍ଗଳା ମନ୍ଦିର ବ୍ଲକ ବଜାର ଧାମନଗର ଠାରେ ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଜୁ ଜନତା ଦଳ ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ମହିଳା ବିଜେଡି ସଭାନେତ୍ରୀ ସୁରତୀ ନାୟକ, ନଗର ବିଜେଡ ସଭାପତି ସୁଶାନ୍ତ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ସଂଗଠକ ଓ କର୍ମୀମାନେ ଯୋଗ ଦେଇଥିଲେ ।

## ୭୫ବର୍ଷୀୟା ରୋଗାଗ୍ରସ୍ତ ଅସହାୟ ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଲା ସଂଘ



ବାରିପଦା,୧୭/୦୪ (ନି.ପ୍ର): ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଜନସାଧାରଣଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତେବେ ଏହି ଯୋଜନା ଆନକ କ୍ଷତ୍ରେରେ କିପରି ବିଫଳ ହୋଇଛି ତାହାର ନଗ୍ନ ଚିତ୍ର ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ବାରିପଦା ସହର ଷ୍ଟେସନ ବଜାର ଅଞ୍ଚଳରେ। ଦୁଃଖ ଦୁର୍ଦ୍ଦିନରେ ଖଟ ଉପରେ ଶୋଇ ରହି ଜୀବନ କାଟୁଛନ୍ତି ଅସହାୟ ବୃଦ୍ଧା ମହିଳା। ଅସହାୟ ଅବସ୍ଥାରେ ଦୀର୍ଘ ଦିନରୁ ପଡିରହିଥିବା ଗରିବ ମହିଳା ହେଲେ ସ୍ୱର୍ଗତ ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ସହଧର୍ମିଣୀ ଶାନ୍ତିଲତା ବିଶ୍ୱାଳ(୭୫)। ସ୍ୱାମୀଙ୍କ ମୃତ୍ୟୁ ପରେ ବିଧବା ଗରିବ ଅସହାୟ ମହିଳା ଜଣକ ବୟସର ଅପରାହ୍ନରେ ନିଜ ଜନ୍ମିତ ପୁଅ ପାଖରେ ଜୀବନ ବିତାଉଥିବା ବେଳେ ଦୁଇ ପୁଅ ଜନ୍ମ କଲା ମାଆର ହାତ ଛାଡି ବେସାହାରା କରି ଚାଲିଯାଇ ଅନ୍ୟତ୍ର ରହୁଛନ୍ତି। ବାଧ ହେଇ ବେସାହାରା ଅବସ୍ଥାରେ ପଲିଥିନ ତଳେ ଖରା ବର୍ଷା ଶୀତ କାକର ମଧ୍ୟରେ ଏକ ଖଟିଆରେ ପଡିରହି ଦୁଃଖ ଦୁର୍ଦ୍ଦିନରେ ଜୀବନ କାଟିବା ପାଇଁ ବାଧ ହୋଇଥଲେ ବୟସ୍କା ମହିଳା ଜଣକ। ଦୀର୍ଘ ଦିନ ସେବା ଯତ୍ନ ଓ ଖାଦ୍ୟ ଅଭାବରୁ ଖଟିଆରେ ପଡିରହି ଶରୀର କ୍ଷୀଣ ପ୍ରାୟ । ବୃଦ୍ଧା ମହିଳାର ଶରୀରରେ ପିମ୍ପୁଡ଼ି ଓ ପୋକ ସାଲୁବାଲୁ କରୁଥିବାର ଦୃଶ୍ୟ ମଧ୍ୟ ପରିଲକ୍ଷିତ ହେଉଛି। ଏହି ଅସହାୟ ବୃଦ୍ଧା ମହିଳାଙ୍କ ପ୍ରତି ସ୍ଥାନୀୟ ପ୍ରଶାସନ ବା ବ୍ଲକ ପ୍ରଶାସନର କିପରି ଦୃଷ୍ଟିପଡ଼ିନି ସେ ନେଇ ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ମହିଳା ଜଣଙ୍କର କେହି ସାହା ଭରସା ହୋଇନଥିବା ବେଳେ ଅସହାୟ ଅବସ୍ଥାରେ ଦୀର୍ଘ ଦିନରୁ ପଡିରହିଥିବା ମହିଳାଙ୍କ ବିଷୟରେ ଖବର ପାଇ ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଙ୍ଘର ମୂଳମନ୍ତ୍ର ସେବା ହିଁ ସଙ୍ଗଠନର ମୂଳ ଧର୍ମ ଅନୁସାରେ ସଙ୍ଘ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଏବଂ ପରବର୍ତ୍ତୀ ସମୟରେ ବାରିପଦାର ପାଲବଣି ସ୍ଥିତ ବୃଦ୍ଧାଶ୍ରମରେ ଥଇଥାନ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି ସମାଜସେବା କାର୍ଯ୍ୟରେ ସଙ୍ଘର ସଭାପତି ଡ଼ଃ ବିଜୟ କୁମାର ଅଗ୍ରୱାଲଙ୍କ ସହମତରେ ସାଧାରଣ ସମ୍ପାଦକ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ସଙ୍ଘର ଯୁଗ୍ମ ସମ୍ପାଦକ ସୁବ୍ରତ ପ୍ରଧାନ, ସନ୍ତୋଷ ବରାଜ, ଶୃଙ୍ଖଳା କମିଟିର ସଦସ୍ୟ ରଞ୍ଜନ କୁମାର ଦାଶ, କାର୍ଯ୍ୟକାରୀ କମିଟିର ସଦଶ୍ୟ ଲକ୍ଷ୍ମଣ କୁମାର ଜେନା, ଆର୍ଯ୍ୟଭଟ୍ଟ ମହାନ୍ତି, ମିଡିଆ କୋର୍ଡିନେଟର ସୁବ୍ରତ କୁମାର ଦାସ, ସଭ୍ୟ ଦିଲ୍ଲିପ କୁମାର ପାତ୍ର, ରଜତ ପଟ୍ଟନାୟକ ପ୍ରମୁଖଙ୍କ ସମେତ ସ୍ଥାନୀୟ ସ୍ୱେଚ୍ଛାସେବୀ ଜୟନ୍ତ ନାଏକ, ସରସ୍ୱତୀ ମହାଳିକ ପ୍ରମୁଖ ଉପସ୍ଥିତ ରହି ସହେଯାଗ କରିଥଲେ। ଆଶ୍ଚର୍ଯ୍ୟର କଥା ସହର ମଧ୍ୟଭାଗରେ ଏଭଳି କରୁଣ ଦୃଶ୍ୟ ଘଟୁଥିଲେ ମଧ୍ୟ କେହି କେମିତି ସରକାରୀ ସ୍ତରରେ ଆଜି ପର୍ଯ୍ୟନ୍ତ ଜାଣି ପାରିନାହାନ୍ତି ତାହା ପ୍ରଶ୍ନବାଚୀସୃଷ୍ଟି କରୁଛି। ତେବେ ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘର ଏଭଳି ସମାଜସେବା କାର୍ଯ୍ୟକୁ ଜନ ସାଧାରଣରେ ପ୍ରଶଂସା କରାଯାଉଛି ।

# ପଣ୍ଡିତ ଦୈତ୍ୟାରି ମହାପାତ୍ର ପାଇଲେ ସାହିତ୍ୟ ସମ୍ରାଟ ସମ୍ମାନ

ଭଦ୍ରକ,୧୭/୦୪ (ନି.ପ୍ର): ଜୀବନବ୍ୟାପୀ ସାରସ୍ୱତ ସାଧନାରେ ବ୍ରତୀ ହୋଇ ଓଡ଼ିଆ ଭାଷା ସାହିତ୍ୟରେ ସହସ୍ରାଧିକ ପୁସ୍ତକ ରଚନା କରି ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିବାରୁ ଆବାଲ୍ୟ ଶିବ ଉପାସକ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କୁ ଭଦ୍ରକ ଜିଲା ଲେଖକ ସାମ୍ମୁଖ୍ୟ ଓ ଜଗତ୍ ଜନନୀ ପରିବାର ପକ୍ଷରୁ ଭଦ୍ରକ ଟାଉନ୍‌ହଲ୍ ଠାରେ ବରିଷ୍ଠ ନାଟ୍ୟକାର, ରାଜନେତା, ସମାଜସେବୀ ସୁଧାକର ନନ୍ଦଙ୍କ ଆତ୍ମଜୀବନୀ 'ସମୟ କଷଟିରେ ମୋ ଜୀବନ' ପୁସ୍ତକ ଲୋକାର୍ପଣ ଉତ୍ସବରେ ସାହିତ୍ୟ ସମ୍ରାଟ ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଅବସରରେ ଜୀବନବ୍ୟାପୀ କଳା ଓ ଚିତ୍ରରେ ଜୀବନ ନିର୍ବାହ କରିଥିବା ଚିତ୍ରଶିଳ୍ପୀ ଚୂଡ଼ାମଣି ଦାସଙ୍କୁ କଳାଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ବିଭିନ୍ନ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସଭାପତିତ୍ୱରେ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ପୁସ୍ତକର ଅବଦାନ ସଂପର୍କରେ ମତ ରଖିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ଭଦ୍ରକ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ମୁଭି ମୋଗଲ ପ୍ରଶାନ୍ତ ନନ୍ଦ, ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ସମ୍ବାଦର ସଂପାଦକ ତଥା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ, ଶିଶୁ ସାହିତ୍ୟକ ଦାସ ବେନହୁର, ଅଭିନେତା ଅନଙ୍ଗ ଦ୍ୱିବେଦୀ, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପ୍ରାଧାପକ ଉପେନ୍ଦ୍ର ପ୍ରସାଦ ନାୟକ, ଅଭିଯାନର ସଂପାଦକ ଶମ୍ଭୁନାଥ ଦାସ, ଶିଶୁ ସାହିତ୍ୟକ ଅଭୟ ସୂତାର, ସାମ୍ବାଦିକ ରବିନାରାୟଣ ଖିଲାର, ନୋଟାରିଆନ ତଥା ଅଧିବକ୍ତା ଅତିଶ ବେହେରା ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ସାହିତ୍ୟକୁ ଭଦ୍ରକର ଅବଦାନ ସଂପର୍କରେ ନିଜ ନିଜର ମତ ରଖିଥିଲେ । ଅଧ୍ୟାପକ ନିହାର ରଂଜନ କର ଓ କବି ଚର୍ଚ୍ଚିକା ପ୍ରସାଦ ମହାପାତ୍ରଙ୍କ ପରିଚାଳନାରେ ସତ୍ୟପ୍ରକାଶ ସେଠୀ, ରଶ୍ମିତା ଦାସ, ମମତା ସାହୁ, ଜାନକୀ ପାଢୀ ପ୍ରମୁଖ କବିତା ସଂଯୋଜନା କରିଥିଲେ । ଉପସ୍ଥିତ ବରେଣ୍ୟ ଅତିଥିମାନେ ସମ୍ବର୍ଦ୍ଧିତ ଓ ସମ୍ମାନିତ ପ୍ରତିଭା ଭୂୟସୀ ପ୍ରଶଂସା କରିଥିଲେ ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୨,୩୪,୬୯୨ ନୂଆ ମାମଲା

ନୂଆଦିଲ୍ଲୀ,୧୭/୦୪ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୨,୩୪,୬୯୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୧,୩୪୧ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୪୫,୨୬,୬୦୯ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୬,୭୯,୭୪୦ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧,୭୫,୬୪୯ ଜଣ ମୃତ୍ୟୁ ବରଣ କରିଛନ୍ତି ।

# ରାଜ୍ୟ ବିକାଶରେ ବିଜୁବାବୁଙ୍କର ଅବଦାନ ଅବିସ୍ମରଣୀୟ

## ଜିଲ୍ଲା ବିଜେଡି ପକ୍ଷରୁ ପ୍ରବାଦ ପୁରୁଷଙ୍କ ଶ୍ରାଦ୍ଧ ବାର୍ଷିକ



ବାଲେଶ୍ୱର,୧୭/୦୪ (ନି.ପ୍ର): ବିଜୁ ଜନତା ଦଳ ବାଲେଶ୍ୱର ଜିଲା କମିଟି ପକ୍ଷରୁ ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ, ମହାନ ଜନନାୟକ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୪ତମ ଶ୍ରାଦ୍ଧ ବାର୍ଷିକ ଆଜି ପାଳିତ ହୋଇଯାଇଛି । ସକାଳେ ଦଳୀୟ କର୍ମକର୍ତ୍ତାଙ୍କ ସମେତ ବିଜେଡି କର୍ମୀମାନେ ସହର ଉପକଣ୍ଠ ବୁଢ଼ାବଳଙ୍ଗ ନଦୀର ବାଲିଘାଟଠାରେ ତିଳତର୍ପଣ କରିଥିଲେ । ପରେ ସହରର ଫାଣ୍ଡିଛକ ଓ ଡିଆଇସି ଛକଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବାଲେଶ୍ୱର ବିଜେଡି ଜିଲା ସଭାପତି ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ସ୍ୱରୂପ କୁମାର ଦାସ, ବରିଷ୍ଠ ରାଜନେତା ତଥା ପୂର୍ବତନ ବିଧାୟକ ଅରୁଣ ଦେ, ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ସୁଦର୍ଶନ ଯେନା, ନେତ୍ରୀ ସମାଜସେବୀ ସୁବାସିନୀ ଜେନା, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ବିଜୁ କୃଷକ ଜନତା ଦଳର ଜିଲା ସଭାପତି ଅଜୟ ସାମଲ, ବିଜେଡି ଜିଲା ଉପ-ସଭାପତି ଭୂବନାନନ୍ଦ ଦାସ, ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ବିଜୁ ମହିଳା ଜନତା ଦଳ ରାଜ୍ୟ ସମ୍ପାଦିକା ମୀନା ମହାନ୍ତି, ଟାଉନ ସଭାନେତ୍ରୀ ରଞ୍ଜିତା ମହାପାତ୍ର, ବିଜୁ କୃଷକ ଜନତା ଦଳର ଜିଲା ସଭାପତି ଅଜୟ ସାମଲ, ବିଜେଡି ଏସିସେଲ ଜିଲା ସଭାପତି ପ୍ରଫେସର ଶତ୍ରୁଘ୍ନ ମଲିକ, ବିଜେଡି ଜିଲା ଉପ-ସଭାପତି ଭୂବନାନନ୍ଦ ଦାସ, ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ବିଜୁ ଜନତା ଦଳ ଟାଉନ ସଭାପତି ସନତ ଦାସ ପ୍ରମୁଖ ଏଥିରେ ଉପସ୍ଥିତ ରହି ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୀବନାଦର୍ଶ ଓ ତତ୍କାଳୀନ ଓଡ଼ିଶା ବିକାଶରେ ତାଙ୍କର ଅବଦାନ ସମ୍ପର୍କରେ ସ୍ମରଣ କରିଥିଲେ । ଜଣେ ଜାତୀୟ ସ୍ତରର ନେତା ତଥା ମହାନ ଜନନାୟକ ଭାବେ ବିଜୁବାବୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ବୋଲି ନେତାମାନେ କହିଥିଲେ । ତାଙ୍କର ଅବଦାନକୁ ଏ ଜାତି ପାଇଁ ଅବିସ୍ମରଣୀୟ ହୋଇ ରହିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ ।

# ଶ୍ରୀରାମଚନ୍ଦ୍ର ସଂସ୍କୃତ କଲେଜରେ ରାଧାନାଥ ରାୟଙ୍କ ଶ୍ରାଦ୍ଧ ଦିବସ

ବାଲେଶ୍ୱର,୧୭/୦୪ (ନି.ପ୍ର): ବାଲେଶ୍ୱର ସହରର ବଟେଶ୍ୱରସ୍ଥିତ ଶ୍ରୀରାମଚନ୍ଦ୍ର ସଂସ୍କୃତ କଲେଜରେ କବିବର ରାଧାନାଥ ରାୟଙ୍କ ୧୧୪ତମ ଶ୍ରାଦ୍ଧ ଦିବସ ଆଜି ପାଳିତ ହୋଇଯାଇଛି । ରାଧାନାଥ ରାୟ ସ୍ମୃତି ପରିଷଦର ସଭାପତି ତଥା 'ରେବତୀ' ପତ୍ରିକାର ସମ୍ପାଦିକା ସୁବାସିନୀ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କବିବରଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ପରିଷଦର ଉପ ସଭାପତି ମନସ୍ୱିନୀ ଦେବୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳୀପଦ ପଣ୍ଡା, ପରିଷଦର ସମ୍ପାଦକ ଅଧାପକ କମଳାକାନ୍ତ ଦାଶ, କଲେଜର ଅଧ୍ୟକ୍ଷା ଲାବଣ୍ୟ ମହାନ୍ତି, ଯୁଗ୍ମ ସଂପାଦକ ସଂଜୟ କୁମାର ପଣ୍ଡା, ଭାରପ୍ରାପ୍ତ ପ୍ରଧାନ ପଣ୍ଡିତ ରମେଶ ଚନ୍ଦ୍ର ପ୍ରଧାନ, ନୃସିହ ଚରଣ ନାୟକ, ଡ. ନିରଞ୍ଜନ ଦାଶ, ଡ. ଶରତଚନ୍ଦ୍ର ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜୁ ଶ୍ରଦ୍ଧା ଓଡିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର : ୮୧ୟୁନିଟ୍ ସଂଗୃହୀତ



ଜଳେଶ୍ୱର, ୧୭/୪ (ନିପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାଧବଚନ୍ଦ୍ର - ଶିବନାରାୟଣ ହାଇସ୍କୁଲ ପରିସରରେ ଓଡିଶା ମୋ ପରିବାର ଓ ଜୀବନବିନ୍ଦୁ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ଜଳେଶ୍ୱର ଆଇଆଇସି ମାନସ କୁମାର ଦେଓ ଓ ଜୀବନବିନ୍ଦୁ କାର୍ଯ୍ୟକ୍ରମର ନିର୍ବାଚନ ମଣ୍ଡଳି ସଂଯୋଜକ ମଧୁସୂଦନ ସେନାପତି ଉଦ୍‌ଘାଟନ କରିଥିଲେ । ଏଥିରେ ବିଧାୟକ ଅଶ୍ୱିନୀ ପାତ୍ର, ସରପଂଚ ରବିନ୍ଦ୍ର ଜେନା, ସମିତି ସଦସ୍ୟ ନିର୍ମଳ ରାଜ, ଗୌରହରୀ ଜେନା, ପ୍ରଦୀପ କୁମାର ପ୍ରଧାନ, ଶଂକର ଘୋଷ, ବିନ୍ଦୁମଳା ନନ୍ଦି, ମାନସ ଜେନା, ଦିଲ୍ଲିପ ସାମଲ, ଅସିତ୍ ପାତ. ପ୍ରଧାନ ଶିକ୍ଷକ ମନୋରଂଜନ ଦାସ, କବିତା ପ୍ରଧାନ,. ଅଜିତ୍ କୁମାର ମହାନ୍ତି ପ୍ରମୁଖ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ରକ୍ତଦାତା ମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ରକ୍ତ ଭଣ୍ଡାରର ଡା. ମହେଶ କୁମାର ବିଶ୍ୱାଳ, ଦେବାଶିଷ ଦତ୍ତ, ବସନ୍ତ ଜେନା, ବିଦ୍ୟାଧର ସାହୁ, ବିନୋଦ ବିହାରୀ ଦାସ ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ ।

# ବିପଥଗାମୀ ସମାଜ ପାଇଁ ପୂଜ୍ୟପୂଜା ଜରୁରୀ

## ପ୍ରାକ୍ତନ କଲେଜ ଅଧ୍ୟକ୍ଷ ହୃଦୟ ରଞ୍ଜନ ତ୍ରିପାଠୀଙ୍କ ୭୨ ତମ ଜୟନ୍ତୀ ଉତ୍ସବ



ବାଲିଆପାଳ,୧୭/୦୪ (ନି.ପ୍ର):- ସମ୍ପ୍ରତି ସମାଜ ଅନେକ କ୍ଷେତ୍ରରେ ବ୍ୟସ୍ତ, ବିବ୍ରତ ଓ ନକରାତ୍ମକ ଚିନ୍ତାଧାରାରେ ମଗ୍ନ । ଏପରି ସମୟରେ ବୟୋ ଜେଷ୍ଠ ମାନଙ୍କର ତ୍ୟାଗ ଓ ସଂଘର୍ଷପୂର୍ଣ୍ଣ ଜୀବନକୁ ଅନୁଭବ କରିବାର ଆବଶ୍ୟକତା ରହିଛି । ବିପଥଗାମୀ ସମାଜକୁ ରୋକିବା ଦିଗରେ ଯୁବ ପିଢୀ ପୂଜ୍ୟ ପୂଜାର ଆଦର୍ଶ ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ପ୍ରାକ୍ତନ କଲେ ଅଧ୍ୟକ୍ଷ ହୃଦୟ ରଞ୍ଜନ ତ୍ରିପାଠୀଙ୍କ ୭୨ ତମ ଜୟନ୍ତୀ ଉତ୍ସବରେ ଯୋଗ ଦେଇ ବିଶିଷ୍ଟ ବ୍ୟକ୍ତି ମାନେ ମତବ୍ୟକ୍ତ କରିଛନ୍ତି । ବାଲିଆପାଳ ପଂଚାୟତ ପାରୁଳିଆ ଛକ ସ୍ଥିତ ଶ୍ରୀ ଦୁର୍ଗା କଲ୍ୟାଣ ମଣ୍ଡପରେ ଆୟୋଜନ କମିଟି ଓ ପୁରାତନ ଛାତ୍ରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ତଥା ପ୍ରାକ୍ତନ କଲେଜ ଅଧ୍ୟକ୍ଷ କୁଞ୍ଜକାନ୍ତ ପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ହୃଦୟ ବାବୁଙ୍କ ସହକର୍ମୀ ଅବସରପ୍ରାପ୍ତ ଅଧ୍ୟାପକ ଅନନ୍ତ ଗିରି ବକ୍ତବ୍ୟ ପ୍ରଦାନ କରି ସମାଜ ପାଇଁ ଆଦର୍ଶ ନାଗରିକ ଗଠନ ଗୁରୁଙ୍କର ଦାୟିତ୍ୱ ହୋଇଥିବା ବେଳେ ହୃଦୟ ବାବୁ ସେହି ଦାୟିତ୍ୱ ତୁଲାଇ ପାରିଛନ୍ତି ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ଜାମଶୁଳୀ ଏଲ.ଏନ ମହାବିଦ୍ୟାଳୟରେ ଅଧ୍ୟାପକ ସୁକାନ୍ତ ଗିରି ବକ୍ତବ୍ୟରେ କହିଥରଲେ ଯେ ବର୍ତ୍ତମାନ ସମାଜର ପୂଜ୍ୟ ପୂଜାର ପରମ୍ପରା ହଜି ହଜି ଯାଉଛି । ପରିବାର ମଧ୍ୟରେ ସ୍ନେହ ସମ୍ପର୍କ ରହୁ ନାହିଁ । ସମାଜରେ ସଂସ୍କାର ଓ ପରିବର୍ତ୍ତନ ପାଇଁ ହୃଦୟ ରଞ୍ଜନ ତ୍ରିପାଠୀଙ୍କ ଭଳି ଶିକ୍ଷାବିତ ଓ ବୟସ୍କ ଲୋକ ମାନଙ୍କର ଦିଗ ଦର୍ଶନର ଆବଶ୍ୟକ ରହିଛି ବୋଲି କହିଥିଲେ । ପୁରାତନ ଛାତ୍ର ତଥା ଜୟନ୍ତୀ କମିଟିର ଆବାହକ ସାମ୍ବାଦିକ ଅଜୟ କୁମାର ସାହୁ ପ୍ରାକ ସୂଚନା ଓ ଅତିଥି ମାନଙ୍କୁ ମଂଚ ଆହ୍ୱାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ରାଧାକୃଷ୍ଣ ସାହୁ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ଦାସ, ସାମ୍ବାଦିକ ପ୍ରଫୁଲ ପାତ୍ର, ପିପିଲ ମହାବିଦ୍ୟାଳୟର ପ୍ରାକ୍ତ ଅଧ୍ୟକ୍ଷ ରବିନ୍ଦ୍ର ବିଶ୍ୱାଳ, ସୁବର୍ଣ୍ଣରେଖା ହାଇସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ ଜେନା, ଦେଭୋଗ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ ମହାନ୍ତି, ହାସିମପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ ପାତ୍ର, କବି ସନ୍ୟାସି ବେହେରା, ସାମ୍ବାଦିକ ପ୍ରତାପ ପାତ୍ର, ବାଲେଶ୍ୱର ଚାଇଲ୍ଡ ଲାଇନ ମୁଖ୍ୟ ପ୍ରଶାନ୍ତ ରାଉତପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ହୃଦୟ ରଞ୍ଜନ ତ୍ରିପାଠୀଙ୍କ ସଂଘର୍ଷ ପୂର୍ଣ୍ଣ ଜୀବନ ଉପରେ ଆଲୋକପାତ କରିବା ସହ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ ।

# ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ମକଡ୍ରିଲ ପ୍ରଦର୍ଶିତ

ବାଲେଶ୍ୱର,୧୭/୦୪ (ନି.ପ୍ର): ଚଳିତମାସ ୧୪ ତାରିଖରୁ ଆରମ୍ଭ ହୋଇଥିବା ଅଗ୍ନି ସୁରକ୍ଷା ସପ୍ତାହ ପାଳନ ଅବସରରେ ବାଲେଶ୍ୱର ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଡାକ୍ତରଖାନାକୁ ଆସୁଥିବା ରୋଗୀ, ସାଧାରଣ ଲୋକେ ଏମିତିକି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଅଧିକାରୀଙ୍କ ଉଦ୍ଦେଶ୍ୟରେ ମକଡ୍ରିଲ ପ୍ରଦର୍ଶିତ ହୋଇଥିଲା । ଜରୁରୀକାଳୀନ ସ୍ଥିତିରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଗ୍ରହଣର ବିଭିନ୍ନ କୌଶଳ ଏଥିରେ ପ୍ରଦର୍ଶନ କରାଯାଇଥିଲା । ଅଗ୍ନିଶମ ବିଭାଗର ଅଧିକାରୀ ସତ୍ୟପ୍ରିୟ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଚାରୀମାନେ ଅଗ୍ନି ନିର୍ବାପକ ବ୍ୟବସ୍ଥା ସାଙ୍ଗକୁ ଉଦ୍ଧାର କାର୍ଯ୍ୟର କଳା କୌଶଳ ଦେଖାଇଥିଲେ । ବିଶେଷ କରି ରୋଷେଇ ବେଳେ ଗ୍ୟାସ ସିଲିଣ୍ଡରରେରେ ନିଆଁ ଲାଗିଲେ କିପରି ଲିଭାଇବା, ଘରେ କିମ୍ବା ଅଧିକ ଲୋକେ ଚଳପ୍ରଚଳ ହେଉଥିବା ସ୍ଥାନରେ ହଠାତ ଅଗ୍ନିକାଣ୍ଡ ଘଟିଲେ କିପରି ଲୋକଙ୍କୁ ଉଦ୍ଧାର କରାଯାଇପାରିବ, ସେ ସମ୍ପର୍କରେ ଅଗ୍ନିଶମ ବିଭାଗର ଅଭିଜ୍ଞ କର୍ମଚାରୀମାନେ ମକଡ୍ରିଲ ଦେଖାଇବା ସହ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ । ପ୍ରତିବର୍ଷ ଏପ୍ରିଲ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଅଗ୍ନି ସୁରକ୍ଷା ସପ୍ତାହ ପାଳିତ ହେଉଥିବା ବେଳେ ୭ଦିନ ଧରି ଜିଲାର ବିଭିନ୍ନ ସ୍ଥାନରେ ଏହିଳି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ଅଗ୍ନିଶମ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

# ଅବକାରୀ ବିଭାଗର ଚଢାଉ : ବିପୁଳ ମଦ ଜବତ୍



ଜଳେଶ୍ୱର, ୧୭/୪ (ନିପ୍ର) : ବାଲେଶ୍ୱର ଜିଲା ଅବକାରୀ ଅଧିକ୍ଷକ ସେକ୍ ଆସଫ ଅଲ୍ଲିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଜଳେଶ୍ୱର ଅବକାରୀ ଭାରପ୍ରାପ୍ତ ଅଫିସର ଦେବେନ୍ଦ୍ର କୁମାର ବେହେରା, ଭୋଗରାଇର ଅବକାରୀ ଅଫିସର ଜୟନ୍ତି ଆଚାର୍ଯ୍ୟ ମିଳିତ ସହଯୋଗରେ ତଥା ଜଳେଶ୍ୱର ପୋଲିସ୍ ସହାୟତାରେ ଆମ୍ବଲିଅଠା, ନାମ୍ପୋ, ଗୋଛିଦା ତେଘରୀ, ଆରୁଆପାଳ, ଶଂଖାରୀ, କାନ୍ଥି ଭଉଁରୀ, ଶ୍ରଦ୍ଧାପୁର, ହାଟସରିଷା, କୁକୁଡିଆ, ଡୁମେଇପୁର ଅଂଚଳରେ ଚଢାଉ କରି ୪ଜଣ ଚୋରା ମଦବେପାରୀଙ୍କୁ ଗିରଫ କରିଛନ୍ତି । ଏଥିରେ ୧୩.୮୦୦ ଲି. କଣ୍ଟ୍ରି ସ୍ପିରିଟ୍ (ପଶ୍ଚିମବଂଗ ମାର୍କା) ଦେଶୀ ମଦ ଓ ୪.୫୦୦ ଲିଟର ବିଦେଶୀ ମଦ ଜବତ୍ କରାଯାଇଛି । ଏଥିରେ ଲିଲି ଜେନା, ରାଜେନ୍ଦ୍ର ଗିରି, ଡୁମାକାନ୍ତ ପରିଡା, ସସ୍ମିତା ଜେନା, କାଲୁ ହାଁସଦା ପ୍ରମୁଖଙ୍କୁ ଗିରଫ କରାଯାଇଛି । ଏହି ଚଢାଉରେ ରାମଚନ୍ଦ୍ର ମହାନ୍ତି, ଶଶିଭୂଷଣ ସ୍ୱାଇଁ, ରାଜୀବ କୁମାର ଭଂଜ, ବାବାଜୀ ମଲ୍ଲିକ, ପିଙ୍କି ମାରାଣ୍ଡି ଓ ଏପିଆର୍ ଫୋର୍ସ ସାମିଲ ହୋଇଥିଲେ ।

## ଏନ୍‌ଏପିଏସ୍‌ଏଟିକୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭/୦୪ (ନି.ପ୍ର):ନାସା ରୋଭର ଚ୍ୟାଲେଞ୍ଜରେ ତୃତୀୟ ସ୍ଥାନ ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଥିବାରୁ ନାବୋନ୍ମେଷ ପ୍ରସାର ଛାତ୍ର ଜ୍ୟୋତିର୍ବିଜ୍ଞାନ ଦଳ (ଏନ୍‌ଏପିଏସ୍‌ଏଟି)କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ଉଲ୍ଲେଖନୀୟ ସଫଳତା ଅନୁଷ୍ଠାନକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବ ଏବଂ ଉଦୀୟମାନ ବୈଜ୍ଞାନିକ ଏବଂ ଉଦ୍ଭାବକମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ନୂତନ କରୋନା ଆକ୍ରାନ୍ତ ୫୧ ଚିହ୍ନଟ

ଭଦ୍ରକ,୧୭/୦୪ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ନୂଆ ୫୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୦ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏ ପର୍ଯ୍ୟନ୍ତ ମୋଟ ୩ଲକ୍ଷ ୨୮ହଜାର ୬୪୬ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ୭ ହଜାର ୯୦୨ ପଜିଟିଭ୍ କେସ୍ ବାହାରିଛି । ସେମାନଙ୍କ ମଧ୍ୟରୁ ୭ ହଜାର ୫୫୧ଜଣ ସୁସ୍ଥ ହୋଇ ସାରିଥିବା ବେଳେ ୩୨୬ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି । ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ଭଦ୍ରକ ବ୍ଲକ କଲେଇ ପଞ୍ଚାୟତର ବିଭୁତିନଗର ଅଞ୍ଚଳର ଜଣେ ଆକ୍ରାନ୍ତ କଟକ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ବେଳେ କରୋନା ଆକ୍ରାନ୍ତ ଭାବେ ଚିହ୍ନଟ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବାସୁଦେବପୁର ବ୍ଲକର ଚିରଳ ଗ୍ରାମରୁ ୩ଜଣ, ବ୍ରାହ୍ମଣୀଗାଁ ଗ୍ରାମରୁ ଜଣେ, ବାସୁଦେବପୁର ପୌରପାଳିକାର ୨୦ନଂ ୱାର୍ଡରୁ ଜଣେ, ୧୧ ନଂ ୱାର୍ଡରୁ ଜଣେ, ଭଦ୍ରକ ବ୍ଲକ ଅନ୍ତର୍ଗତ ଅଣ୍ଡେଇପଲ୍ଲୀ ଗ୍ରାମରୁ ଜଣେ, ବିଷ୍ଣୁପୁରବିନ୍ଧା ଗ୍ରାମରୁ ୨ଜଣ, ଗେଲପୁରରୁ ଜଣେ, ରାନ୍ଦିଆରୁ ଜଣେ, ତୋରଣପଦା ଗ୍ରାମରୁ ଜଣେ, ଭଦ୍ରକ ପୌରପାଳିକାର ୧୧ ନଂ ୱାର୍ଡରୁ ଜଣେ, ୫ ନଂ ୱାର୍ଡ ଚରମ୍ପାରୁ ଜଣେ, ୬ ନଂ ୱାର୍ଡ ବାଇପାସ୍‌ରୁ ୨ଜଣ, ୮ ନଂ ୱାର୍ଡ ବାଗୁରାଇରୁ ୨ଜଣ, ୧୦ ନଂ ୱାର୍ଡରୁ ୨ଜଣ, ୯ ନଂ ୱାର୍ଡରୁ ଜଣେ, ୧୫ ନଂ ୱାର୍ଡରୁ ଜଣେ, ଚାନ୍ଦବାଲି ବ୍ଲକ ତେନ୍ତୁଳିଡିହି ଗ୍ରାମରୁ ଜଣେ, ବିଜୟନଗର ଗ୍ରାମରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ ବୟାଁବନାପୁର ଗ୍ରାମରୁ ଜଣେ, କୁଲଣା ଗ୍ରାମରୁ ଜଣେ, ନେରଡା ଗ୍ରାମରୁ ୨ଜଣ, ପାଟୁଳି ଗ୍ରାମରୁ ଜଣେ, ସରୋ ଗ୍ରାମରୁ ଜଣେ, ରାମଚନ୍ଦ୍ରପୁର ଗ୍ରାମରୁ ୨ଜଣ, ସରିଫପୁର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ସେହିଭଳି ବନ୍ତ ବ୍ଲକର ବଡମହିଷିଗୋଠ ଗ୍ରାମରୁ ୨ଜଣ, ଚାରିଗାଁ ଗ୍ରାମରୁ ଜଣେ, କେନ୍ଦୁଆପଦାରୁ ଜଣେ, ମହାନ୍ତିପଡାରୁ ୨ଜଣ, ଧାମନଗର ବ୍ଲକ ଖପରପଦା ଗ୍ରାମରୁ ଜଣେ, ଚୂଡାକୁଟି ଗ୍ରାମରୁ ୨ଜଣ, ତିହିଡ଼ି ବ୍ଲକର ସାହାପୁର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ଅନ୍ୟ ଜିଲ୍ଲାରୁ କେନ୍ଦୁଝର ଜିଲ୍ଲା ହାଟଡିହି ନନ୍ଦିପଦାରୁ ଜଣେ, ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକର ୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୩ ଗିରଫ, ୭୧୦ବାହନ ଜବତ

ଭୁବନେଶ୍ୱର,୧୭/୦୪ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୧୦ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୭,୦୨,୦୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ଓଡ଼ିଆ ନବବର୍ଷ ଓ ବିଷୁବ ସଂକ୍ରାନ୍ତି ଶୁଭେଚ୍ଛା



ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ଏକ ସୁଦୃଢ଼, ସୁନ୍ଦର ପରିବେଶ ଗଢ଼ିବାରେ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିବା ସହ ସେମାନଙ୍କର ସୁଖ, ସମୃଦ୍ଧି କାମନା କରୁଅଛି ।

ରଞ୍ଜିତ କୁମାର ପ୍ରଧାନ
ଜିଲ୍ଲା ଯୁବମୋର୍ଚ୍ଚା ପ୍ରଭାରୀ, ଭାରତୀୟ ଜନତା ପାର୍ଟି, ବାଲେଶ୍ୱର

# ଧାମରା ନଦୀରେ ହେବ ୧୧୦ କୋଟି ଟଙ୍କାର ଆରଓ-ପ୍ୟାକ୍ସ ଜେଟି ପ୍ରକଳ୍ପ

ପାରାଦୀପ,୧୭/୦୪ (ନି.ପ୍ର): ସାଗରମାଳା ଯୋଜନା ଅଧୀନରେ ଓଡିଶାର ଭଦ୍ରକ ଜିଲ୍ଲାର କାଣୀନାଳି ଠାରୁ କେନ୍ଦ୍ରାପଡା ଜିଲ୍ଲାର ତାଳଚୁଆକୁ ସଂଯୋଗ କରୁଥିବା ସବୁଦିନିଆ ଆରଓ-ପ୍ୟାସ୍କ(ରୋଲ-ଅନ୍/ରୋଲ-ଅଫ୍ ଯାତ୍ରୀବାହୀ) ଜେଟି ଏବଂ ଆନୁସଙ୍ଗିକ ଭିତ୍ତିଭୂମି ନିର୍ମାଣ କରାଯିବ । ଏଥିପାଇଁ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ୫୦.୩୦ କୋଟି ଟଙ୍କା ବ୍ୟୟ କରାଯିବା ଲାଗି ପ୍ରଶାସନିକ ଅନୁମୋଦନ ଦିଆଯାଇଛି । ଏହି ପ୍ରକଳ୍ପ ପାଇଁ ଅତିରିକ୍ତ ୫୦ ପ୍ରତିଶତ ଅର୍ଥ ଓଡିଶା ସରକାର ଖର୍ଚ୍ଚ କରିବେ । ଏହି ପ୍ରକଳ୍ପ ପାଇଁ ମୋଟ ୧୧୦.୬୦କୋଟି ଟଙ୍କା ଖର୍ଚ୍ଚ କରାଯିବ । କାଣୀନାଳି ଏବଂ ତାଳଚୁଆ ଠାରେ ଆରଓ-ପ୍ୟାକ୍ସ ପୋତାଶ୍ରୟ, ପାର୍କିଂ ଅଞ୍ଚଳ ବିକାଶ, ନୌବହନ ସହାୟତା ଓ ଖନନ ଭଳି ଉପଯୋଗିତା ଭିତ୍ତିଭୂମି ନିର୍ମାଣ ପାଇଁ ଏହି ଅର୍ଥ ବ୍ୟୟ କରାଯିବ । ଏହି ଜଳମାର୍ଗ ହେବା ଫଳରେ ପୂର୍ବରୁ ଯେଉଁ ଦୂରତା ଅତିକ୍ରମ କରିବା ଲାଗି ୬ଘଣ୍ଟା ଲାଗୁଥିଲା ତାହା ମାତ୍ର ୧ ଘଣ୍ଟାରେ ଅତିକ୍ରମ କରିହେବ । ବର୍ତ୍ତମାନର ଘାଟରେ ସବୁଦିନିଆ ଆରଓ-ପ୍ୟାକ୍ସ ଜେଟି ନିର୍ମାଣ କରାଯିବା ଫଳରେ ନୌକା, ଲଞ୍ଚ ଓ ଅନ୍ୟ ଡଙ୍ଗା ଯାତାୟାତ ପାଇଁ ସୁବିଧା ହେବ । ସେହିପରି ଏକ ସମୟରେ ଦଶଟି ହାଲୁକା ମୋଟର ଯାନ, ୨୦ଟି ଦୁଇ ଚକିଆ ଓ ୬୦ଜଣ ଯାତ୍ରୀଙ୍କୁ ପରିବହନ କରିପାରୁଥିବା ବଡ ଯାନ୍ତ୍ରିକ ପୋତ ଚଳାଚଳ ପାଇଁ ଭିତ୍ତିଭୂମି ନିର୍ମିତ ହୋଇପାରିବ । ଏଥିରେ ଯାତ୍ରୀ ଓ ବାହନର ସୁରକ୍ଷା ସୁନିଶ୍ଚିତ କରାଯାଇ ପାରିବ । ଏହି ପ୍ରକଳ୍ପ ଧାମରା ନଦୀ ଚତୁଃପାର୍ଶ୍ୱରେ ଥିବା ଲୋକମାନଙ୍କୁ ପରୋକ୍ଷ ନିଯୁକ୍ତି ସୁଯୋଗ ପ୍ରଦାନ କରିବ ଏବଂ ତାଳଚୁଆରୁ ଧାମରା ପର୍ଯ୍ୟନ୍ତ ୨୦୦କି.ମି. ରାସ୍ତାର ଦୂରତାକୁ ହ୍ରାସ କରିବ । ଭଦ୍ରକ ଜିଲ୍ଲାର କାଣୀନଳୀ ଧ କେନ୍ଦ୍ରାପଡାର ତାଳଚୁଆ ଯଥାକ୍ରମେ ଧାମରା ବନ୍ଦରର ଉତ୍ତର ଏବଂ ଦକ୍ଷିଣ ତଟରେ ଅବସ୍ଥିତ । ତାଳଚୁଆ ଏବଂ ଏହାର ଆଖପାଖ ଗ୍ରାମର ଲୋକମାନେ ସେମାନଙ୍କର ଜୀବିକା ପାଇଁ ଧାମରା ବନ୍ଦର ଉପରେ ନିର୍ଭର କରିଥାନ୍ତି, ଯାହାକି କାଣୀନାଳି ଘାଟ ଠାରୁ ୪କି.ମି. ଦୂରରେ ଅବସ୍ଥିତ । ସଡକ ପଥରେ କୌଣସି ଯୋଗାଯୋଗ ବ୍ୟବସ୍ଥା ନଥିବା କାରଣରୁ ଲୋକମାନଙ୍କୁ କାଣୀନାଳି ଏବଂ ତାଳଚୁଆ ଘାଟରୁ ନଦୀରେ ପାଖାପାଖି ସାତ କି.ମି. ରାସ୍ତା ଡଙ୍ଗାରେ ବସି ପାର ହେବାକୁ ପଡିଥାଏ । ବର୍ତ୍ତମାନ ଯାତ୍ରୀମାନେ ଘରୋଇ ଡଙ୍ଗାରେ ଅସୁରକ୍ଷିତ ଭାବେ ଯାତ୍ରା କରୁଛନ୍ତି । ଦୈନିକ ଲଞ୍ଚରେ ଗାଡି ନେଇ ଚଢିବା ଓ ଓହ୍ଲାଇବା ସମୟରେ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଅତ୍ୟାଧୁନିକ ଉପଯୋଗ ଭିତ୍ତିଭୂମି ସହିତ ଏହି ପ୍ରକଳ୍ପ ଯାତ୍ରୀ ଓ ବାହାନଗୁଡିକ ସୁରକ୍ଷାକୁ ବୃଦ୍ଧି କରିବ । ଏହି ଯୋଗାଯୋଗ ବ୍ୟବସ୍ଥା ଫଳରେ ବାଣିଜ୍ୟିକ ଓ ବ୍ୟବସାୟିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ଏବଂ ଏହା ଆଖପାଖ ଅଞ୍ଚଳରେ ସାମାଜିକ-ଆର୍ଥିକ ସ୍ଥିତିରେ ସୁଧାର ଆଣିବାରେ ସହାୟକ ହେବ ବୋଲି ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ସୂଚନା ମିଳିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo